## ଅଲ୍ଲାଃ ତାଲାଙ୍କ ବାଣୀ

وَذَرِ الَّذِيْنَ اتَّخَذُوْا دِيْنَهُمْ لَعِبًا
وَّلَهْوًا وَّغَرَّتْهُمُ الْحَيٰوةُ الدُّنْيَا

(الانعام:71)

ଅନୁବଦା:- ଏବଂ ଯେଉଁମାନେ ସେମାନଙ୍କର ଧର୍ମକୁ କ୍ରୀଡ଼ା କୌତୁକ ମନେ କରିଛନ୍ତି ଏବଂ ପ୍ରାର୍ଥିବ ଜୀବନ ଯେଉଁମାନଙ୍କୁ ପ୍ରବଂଚିତ କରିଅଛି, ତୁମ୍ଭେ ସେମାନଙ୍କୁ ପରିତ୍ୟାଗ କର; ଏବଂ କୌଣସି ଆତ୍ମା ଯାହା କିଛି ଉପାର୍ଜନ କରିଅଛି ସେଥିଲାଗି କାଳେ ତାହା ଧ୍ୱଂସ ମୁଖରେ ନିପତିତ ହେବ, ସେଥି ଯୋଗୁଁ (ଲୋକମାନଙ୍କୁ) ଏହା (ଅର୍ଥାତ ଅଲ୍ଲାଃଙ୍କ ବାଣୀ) ମାଧ୍ୟମରେ ଉପଦେଶ ଦିଅ, (ସୁରଃ ଅଲ ଅନାମ:୭୧)


بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 7

ସଂଖ୍ୟା 29-30

ସାପ୍ତାହିକ

# ବଦର

Weekly BADAR Qadian Odia

କାଦିଆନ

ବାର୍ଷିକ ଦେୟ: ୬୦୦/-

ସମ୍ପାଦକ : କମରୁଲ୍ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

21-28 ଜୁଲାଇ 2022    21-28 ୱଫା 1401 ହି.ଶ    21-28 ଜୁଲ୍‌ହଜାଃ 1443 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବଙ୍କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ମୁତ୍‌ତକୀ(ଅର୍ଥାତ ଧର୍ମପରାୟଣ/ଧାର୍ମିକ ଲୋକ)କୁ ଗୋଟିଏ କୁଟୀର ଭିତରେ ମଧ୍ୟ ପ୍ରକୃତ ଆନନ୍ଦ ମିଳିପାରେ, ଯାହା ଜଣେ ସାଂସାରିକ ତଥା ଲୋଭୀ ଲୋକକୁ ଆଲିଶାନ୍ ମହଲରେ ବି ମିଳିପାରେନାହିଁ , ଏ ସଂସାର ଯେତେ ଅଧିକା ମିଳିଥାଏ ସେତେ ଅଧିକା ପରିକ୍ଷା ସାମନାକୁ ଆସିଥାଏ । ତେଣୁ ମନେରଖ ଯେ ପ୍ରକୃତ ସୁଖ ଓ ଆନନ୍ଦ ଜଣେ ସାଂସାରିକ ଲୋକର ଭାଗ୍ୟରେ ନଥାଏ ।**

## ହଜରତ ମସିହ ମଉଦଆ.ସଙ୍କ ନୀତି ବାଣୀ

ଚିନ୍ତାକରି ଦେଖିନିଅନ୍ତୁ ଯେ ମଣିଷ ଏଦୁନିଆରେ ଆଉ କ'ଣ ଚହୁଁଅଛି ? ଏଦୁନିଆରେ ମଣିଷର ବଡ଼ ଇଚ୍ଛା ହେଉଛି ଏହା କି ତାକୁ କିପରି ଏଠାରେ ସୁଖ ଓ ଆରାମ ମିଳୁ । ସେଥି ସକାଶେ ଅଲ୍ଲାଃତାଲା ଗୋଟିଏ ମାର୍ଗ ଧାର୍ଯ୍ୟ ରଖିଛନ୍ତି । ଯାହାକୁ ଧର୍ମ ମାର୍ଗ କୁହାଯାଏ । ଅନ୍ୟ ଶବ୍ଦରେ ଏହାକୁ ପବିତ୍ର କୁରଆନର ମାର୍ଗ କୁହାଯାଏ ବା ଏହାର ନାମ ସିରାତେ ମୁସତକୀମ୍ (ଅର୍ଥାତ ସିଧା ମାର୍ଗ) ରଖାଯାଇଛି । କେହି ଏକଥା ନକହୁ ଯେ କୁଫାର୍ (ଅର୍ଥାତ ଅବିଶ୍ୱାସକାରୀ)ମାନଙ୍କ ନିକଟରେ ବି ଧନ ଓ ସମ୍ପତି ରହିଛି ଏବଂ ସେମାନେ ନିଜର ଭୋଗ ବିଳାସରେ ବୁଡ଼ି ବଡ଼ ସୁଖରେ ଅଛନ୍ତି ବୋଲି । ମୁଁ ତୁମକୁ ସତ୍ୟ କହୁଅଛି ଯେ ସେମାନେ ଏ ଦୁନିଆ ଆଖିରେ ବରଂ ଏହି ତୁଚ୍ଛ ସାଂସାରିକ ଲୋକ ତଥା ବାହ୍ୟ ଚାକଚକ୍ୟକୁ ପସନ୍ଦ କରୁଥିବା ଲୋକମାନଙ୍କ ଆଖିରେ ଖୁସି ଦେଖାଯାଉଥାନ୍ତି । କିନ୍ତୁ ବାସ୍ତବ ପକ୍ଷେ ସେମାନେ ଏକପ୍ରକାରର ଜ୍ୱଳନ ଏବଂ ଦୁଃଖରେ ପଡ଼ିରହିଛନ୍ତି । ତୁମେ ସେମାନଙ୍କ ରୂପ ଓ ଚେହେରାକୁ ଦେଖୁଥାଅ କିନ୍ତୁ ମୁଁ ଏପରି ଲୋକମାନଙ୍କ ହୃଦୟକୁ ଦେଖିଥାଏ । ସେଥିରେ ସେମାନେ ଗୋଟିଏ ପ୍ରକାରର ବହ୍ନି ଶିକୁଳି ତଥା ଗଳାବନ୍ଧନରେ ବାନ୍ଧି ହୋଇପଡ଼ିଛନ୍ତି । ଯେମିତି କି (ଅଲ୍ଲାଃ ତାଲା) କହିଛନ୍ତି ଇନ୍ନା ଆତଦନା ଲିଲ୍ କାଫିରିନା ସଲାସିଲା ୱ ଅଗଲାଲୌଁ ୱ ସଇରା (ସୁରଃ ଦହର୍ : ୦୫) ସେମାନେ ପୂଣ୍ୟ ଆଡ଼କୁ ଆସି ପାରିବେ ନାହିଁ । ଏପରି ଗଳାବନ୍ଧନ , ଅଲ୍ଲାଃଙ୍କ ତରଫରୁ ସେମାନେ ଏପରି ଗଳାବନ୍ଧନରେ ଦବି ରହଛନ୍ତି ଯେ ପଶୁମାନଙ୍କ ଅପେକ୍ଷା ବି ନିକୃଷ୍ଟ ସ୍ତରରେ ରହିଛନ୍ତି । ସେମାନଙ୍କର ଆଖି ସର୍ବଦା ଏଦୁନିଆରେ ଲାଗି ରହିଛି ଏବଂ ସେମାନେ ପୃଥିବୀ ଆଡ଼କୁ ଢଳିଚାଲିଛନ୍ତି । ପୁଣି ସେମାନଙ୍କ ଭିତରେ ଏକ ପ୍ରଦାହ ଓ ଉତେଜନା ଲାଗିରହିଛି । ଯଦି ଧନ ହ୍ରାସ ହୋଇଯାଏ ବା ନିଜ ଯୋଜନାରେ ଅସଫଳ ହୁଅନ୍ତି ତାହେଲେ (ମନ ଭିତରେ ଭିତରେ)ଜଳୁଥାଆନ୍ତି । ଏପରିକି ବେଳେ ବେଳେ ସେମାନେ ନିର୍ଦ୍ଦୟ ତଥା ପାଗଳ ହୋଇଯାଇଥାନ୍ତି ବା ଅଦାଲତରେ ଚକର କାଟୁଥାଆନ୍ତି । ଏହା ବାସ୍ତବିକ ସତ୍ୟ କଥା ଯେ ବିଧର୍ମି ଲୋକ ଗଳାବନ୍ଧନରୁ ମୁକ୍ତ ନୁହେଁ । ଏହା ଏଇଥି ପାଇଁ ଯେ ତାକୁ କୌଣସି ପ୍ରକାରର ଶାନ୍ତି ମିଳିନଥାଏ, ଯେଉଁ (ଶାନ୍ତି) ଆରାମ ଏବଂ ସନ୍ତ୍ୱନାର ପରିଣାମ ହୋଇଥାଏ । ଯେମିତି ଜଣେ ମଦ୍ୟପ ଗୋଟିଏ ପାତ୍ର ମଦ ପିଇସାରିବା ପରେ ଆଉ ଏକ ମଦ ଗ୍ଲାସ୍ ମାଗିଥାଏ ଏବଂ ମାଗିଚାଲିଥାଏ ଓ ତାକୁ ଏକପ୍ରକାରର ପ୍ରଦାହ ଲାଗିରହିଥାଏ । ଠିକ୍ ସେହିପରି ଜଣେ ସଂସାରିକ ଲୋକ ବି ସଇର୍ (ଅର୍ଥାତ୍ ଏକ ପ୍ରକାରର ନର୍କାଗ୍ନୀ)ରେ ରହିଥାଏ । ତାହାର ନିଆଁ ଗୋଟିଏ କ୍ଷଣ ପାଇଁ ବି ଲିଭିପାରିନଥାଏ । ପ୍ରକୃତ ଆନନ୍ଦ ବାସ୍ତବପେକ୍ଷ ଜଣେ ମୁତତକି (ଅର୍ଥାତ୍ ଜଣେ ଧର୍ମପରାୟଣ)ଙ୍କ ପାଇଁ ହିଁ ରହିଛି । ଯାହା ନିମନ୍ତେ ଅଲ୍ଲାଃତାଲା ଦୁଇ ଦୁଇଟି ଜନ୍ନତ(ବୈକୁଣ୍ଠ)ର ପ୍ରତିଶୃତି ଦେଇଛନ୍ତି ।

ମୁତ୍‌ତକୀ (ଅର୍ଥାତ ଧର୍ମପରାୟଣ/ଧାର୍ମିକ ଲୋକ)କୁ ଗୋଟିଏ କୁଟୀର ଭିତରେ ମଧ୍ୟ ପ୍ରକୃତ ଆନନ୍ଦ ମିଳିପାରେ,ଯାହା ଜଣେ ସାଂସାରିକ ତଥା ଲୋଭୀ ଲୋକକୁ ଆଲିଶାନ୍ ମହଲରେ ବି ମିଳିପାରେନାହିଁ, ଏ ସଂସାର ଯେତେ ଅଧିକା ମିଳିଥାଏ ସେତେ ଅଧିକା ପରିକ୍ଷା ସାମନାକୁ ଆସିଥାଏ । ତେଣୁ ଏହା ମନେରଖ ଯେ ପ୍ରକୃତ ସୁଖ ଓ ଆନନ୍ଦ ଜଣେ ସାଂସାରିକ ଲୋକର ଭାଗ୍ୟରେ ନଥାଏ । ଏକଥା ଭାବ ନାହିଁ ଯେ ପ୍ରଚୁର ଧନ ସମ୍ପତି ,ସୁନ୍ଦର ସୁନ୍ଦର ପୋଷାକ ଓ ଉତ୍କୃଷ୍ଟ ଖାଦ୍ୟ ସୁଖର ଉତ୍ସ ହୋଇପାରେ ବୋଲି , କଦାପି ନୁହେଁ । ବରଂ ଏହା ତକୱା (ଧର୍ମପରାୟଣତା) ଉପରେ ଆଧାରିତ ।

**(ମଲଫୁଜାତ୍ ଖ-୦୧ ପୃ-୩୮୦ ,ମୁଦ୍ରିତ ୨୦୧୮ କାଦିଆନ୍)**

## ନବୀ ସ:ଆ:ସଙ୍କ ବାଣୀ

### ରୋଜଗାର ବୃଦ୍ଧି ତଥା ଦୀର୍ଘାୟୁ ହେବାର ଉପାୟ

(୨୦୬୭) ହଜରତ୍ ଅନସ୍ ବିନ୍ ମାଲିକ୍ ର ଅ ଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ,ସେ କୁହନ୍ତି ମୁଁ ରସୁଲୁଲ୍ଲାଃ ସ ଆ ସଙ୍କ ଠାରୁ ଶୁଣିଛି ଯେ : ଯଦି ଜଣେ ନିଜର ରୋଜଗାରକୁ ବୃଦ୍ଧି କରିବା ପାଇଁ ଏବଂ (ପୂଣ୍ୟକର୍ମରେ ଅଧିକରୁ ଅଧିକ ସୁଯୋଗ ପାଇବା ପାଇଁ)ଏବଂ ଦୀର୍ଘ ଜୀବନ ବଂଚିବାକୁ ପସନ୍ଦ କରୁଛି ତେବେ ତାହା ପାଇଁ ଏହା ଆବଶ୍ୟକ ଯେ ସେ ସିଲା ରହମୀ (ଅର୍ଥାତ୍ ନିକଟ ସମ୍ପ୍ରକୀୟ ମାନଙ୍କ ସହିତ ଉତମ ଆଚରଣ ତଥା ସେମାନଙ୍କ ଉପରେ ଦୟା)କରୁ ।

ବ୍ୟାଖ୍ୟା -ଏହି ହଦିସର ବ୍ୟାଖ୍ୟା କରି ହଜରତ୍ ସୟଦ୍ ଜୈନୁଲ୍ ଆବେଦୀନ୍ ୱଲିୟଲ୍ଲାଃ ଶାହ୍ ସାହେବ୍ ରହେମହୁଲ୍ଲାଃ କୁହନ୍ତି : ସିଲା ରହମୀ ପରି ଗୁରୁତ୍ୱପୂର୍ଣ୍ଣ ଦାୟିତ ବିନା ଧନରେ ନିର୍ବାହ ହୋଇପାରିବ ନାହିଁ । ଏ ପ୍ରସଙ୍ଗରେ ପବିତ୍ର କୁରଆନ୍ ରେ ଏପରି ସିଦ୍ଧାନ୍ତ ନୀତି ରହିଛି ଯେ : ଯେଉଁ ଲୋକମାନେ ଅଲ୍ଲାଃଙ୍କ (ସହିତ କରାଯାଇଥିବା)ଅଙ୍ଗୀକାରକୁ ପୂରଣ କରିଥାନ୍ତି ଏବଂ ଚୁକ୍ତି ଭଙ୍ଗ କରିନଥାନ୍ତି ଏବଂ ଯେଉଁମାନେ ତାହକୁ ଯୋଡ଼ିଥାନ୍ତି ଯାହାକୁ ଯୋଡ଼ିବା ପାଇଁ ଅଲ୍ଲାଃ ତାଲା ନିର୍ଦ୍ଦେଶ ଦେଇଛନ୍ତି .....ସେମାନେ ହେଉଛନ୍ତି ଏପରି ଲୋକେ ଯାହାଙ୍କ ପାଇଁ (ପରକାଳରେ ଉତମ)ଘରର ବ୍ୟବସ୍ଥା ରହିଛି । (ସୁରଃ ରାଆଦ୍ :୨୧-୨୩) ପୁଣି ଏ ପ୍ରସଙ୍ଗରେ ସୁରଃ ବକରଃର ଆୟତ ମଧ୍ୟ ଦେଖନ୍ତୁ, ଯେଉଁଥିରେ ସମ୍ପର୍କକୁ ଛିନ୍ନ କରୁଥିବା ଲୋକମାନଙ୍କୁ ଫାସିକ୍ ଏବଂ ଖାସିର୍ (ଅର୍ଥାତ ଭ୍ରଷ୍ଟ ଓ ଦୁଷ୍ଟ)ଭାବରେ ଅଭିହିତ କରାଯାଇଅଛି । ଆୟତଗୁଡ଼ିକ ହେଉଛନ୍ତି ଏପରି :ଏବଂ ସେ ତାହା ଜରିଆରେ ଭ୍ରଷ୍ଟ ଓ ଦୁଷ୍ଟମାନଙ୍କ ବ୍ୟତୀତ ଅନ୍ୟ କାହାକୁ ବିପଥଗାମୀ କରନ୍ତି ନାହିଁ । ଅର୍ଥାତ ଯେଉଁ ଲୋକମାନେ ଅଲ୍ଲାଃଙ୍କ ସହିତ ସୁଦୃଢ ପ୍ରତିଶୃତି ବାନ୍ଧିବା ପରେ ପୁଣି ତାକୁ ଭାଙ୍ଗିଦେଇଥାନ୍ତି ଏବଂ ସେହି(ସମ୍ପର୍କକୁ)କାଟି ଦେଇଥାନ୍ତି ଯାହାକୁ ଯୋଡ଼ିବା ପାଇଁ ଅଲ୍ଲାଃତାଲା ନିର୍ଦ୍ଦେଶ ଦେଇଥିଲେ ଏବଂ ସେମାନେ ଏ ପୃଥିବୀ ପୃଷ୍ଠରେ ବିଭ୍ରାଟ ଓ ବିଶୃଙ୍ଖଳା ସୃଷ୍ଟି କରିଥାନ୍ତି । ଏହିପରି ଲୋକମାନେ ହିଁ କ୍ଷତିଗ୍ରସ୍ତ ହେବେ । (ସୁରଃ ବକରଃ :୨୭-୨୮)

*(ସହି ବୁଖାରୀ, ଖଣ୍ଡ-୪,କିତାବୁଲ୍ ବୁୟୁ, ମୁଦ୍ରିତ କାଦିଆନ୍ ୨୦୦୮)*

ପୃଷ୍ଠା- ୧୨ ରେ ଅବଶିଷ୍ଟାଂଶ .....

ଯେ ମସିହ ମଉଦଙ୍କୁ ଆସିବାର କୌଣସି ଆବଶ୍ୟକ ନଥିଲା । "ପୁଣି ତୁମେମାନେ ଯଦି ନିଜ କର୍ମଦ୍ୱାରା ଏହା ପ୍ରମାଣକରିବାକୁ ଚହୁଁଛ ଯେ ମୋ ଆସିବାଟା ଅଦରକାରୀ ତାହେଲେ ପୁଣି ମୋ ସହିତ ସମ୍ପର୍କ ରଖିବାର ଅର୍ଥ କଣ ? ଯଦି ମୋ ସହିତ ସମ୍ପର୍କ ସ୍ଥାପନ କରୁଅଛ ତାହେଲେ ମୋ ଉଦ୍ଦେଶ୍ୟ ଓ ଲକ୍ଷ୍ୟକୁ ପୂରଣ କର । ତାହା ହେଉଛି ଏହା କି ଖୁଦାତାଲାଙ୍କ ନିକଟରେ ନିଜର ଆନ୍ତରିକତା ଏବଂ ଆନୁଗତ୍ୟତାକୁ ଦେଖାଅ ଏବଂ ପବିତ୍ର କୁରଆନ୍ ଉପରେ ଠିକ ସେହିପରି ପରିଚାଳିତ ହୁଅ ଯେଉଁପରି ରସୁଲୁଲ୍ଲାଃ ସ ଆ ସ ଏବଂ ସାହାବାମାନେ ପରିଚାଳିତ ହୋଇ ଦେଖାଇଥିଲେ । ପବିତ୍ର କୁରଆନର ସଠିକ ଉଦ୍ଦେଶ୍ୟକୁ ଖୋଜି ବାହାର କର ଏବଂ ,ତାହା ଉପରେ ପରିଚାଳିତ ହୁଅ । ଅଲ୍ଲାଃଙ୍କ ନିକଟରେ କେବଳ ଏତିକି କଥା ଯଥେଷ୍ଟ ହୋଇପାରିବ ନାହିଁ ଯେ କେବଳ ମୁହଁ ରେ କହିଦେବା ଓ କର୍ମରେ କୌଣସି ଆଲୋକ ବା ଆଗ୍ରହ ଦେଖାଇବା ନାହିଁ । ମନେରଖ ଯେ ଯେଉଁ ଜମାଅତକୁ ଖୁଦାତାଲା ପ୍ରତିଷ୍ଠା କରିବାକୁ ଚାହିଁଥାନ୍ତି ସେ ବିନାକର୍ମରେ ବଂଚି ରହିପାରିବ ନାହିଁ । ଏହା ହେଉଛି ସେହି ମହାନ ଜମାଅତ୍ ଯାହାର ପ୍ରସ୍ତୁତି ହଜରତ୍ ଆଦମଙ୍କ ସମୟରୁ ଆରମ୍ଭ ହୋଇଛି (ଅର୍ଥାତ୍ ଜମାଅତ୍ ଅହେମଦୀୟା ହେଉଛି ସେହି ଜମାଅତ ଯାହାକି ପରମେଶ୍ୱର ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି ତାହା ଅମଲ କରିବା ବ୍ୟତୀରେକେ ଜୀବିତ ରହିବା ସମ୍ଭବପର ନୁହେଁ । ଏହା ସେହି ମହାନ ଜମାଅତ ଯାହାର ସ୍ଥାପନ ହଜରତ ଆଦମଙ୍କ କାଳରୁ ଆରମ୍ଭ ହୋଇଥିଲା) ଏମିତି କୌଣସି ନବି (ବା ଅବତାର) ଏ ସଂସାରକୁ ଆସି ନାହାନ୍ତି ଯିଏ ଏହି ମାର୍ଗ ଆଡ଼କୁ ( ଆସିବା ନିମନ୍ତେ ଲୋମାନଙ୍କୁ) ଖବର ଦେଇନଥିବେ । ସୁତରାଂ ତୁମେମାନେ (ଏହାକୁ ଜାବୁଡ଼ି ଧର )ଏହାର ସମ୍ମାନ କର । ଏହାର ସମ୍ମାନ କରିବା ହେଉଛି ଏହାକି ଯେ, ନିଜର କାର୍ଯ୍ୟକଳାପ ଦ୍ୱାରା ଏକଥାକୁ ପ୍ରମାଣିତ କରି ଦେଖାଅ ଯେ ତୁମେ ହିଁ ହେଉଛ ସତ୍‌ପଥଗାମୀ ସମ୍ପ୍ରଦାୟ ।"**(ମଲଫୁଜାତ୍ ,ଖ-୦୩, ପୃ-୩୭୦-୩୭୧,ଏଡ଼ିଶନ୍ ୧୯୮୪)**

ସୁତରାଂ ଏହାକୁ ପ୍ରମାଣ କରିବାକୁ ରଖ ପଡ଼ିବ । ଅତଃ ଯଦି ଆମେମାନେ ହଜରତ୍ ମସିହ୍ ମଉଦ୍ ଆ ସଙ୍କାର ବୟତ ଏପରି ବିଶ୍ୱାସ ରଖି କରିଅଛେ ଯେ ଆପଣ ହିଁ ସେହି ମସିହ୍ ଓ ମେହେଦୀ ଅଟନ୍ତି ଯାହାଙ୍କ ଆଗମନର ଭବିଷ୍ୟବାଣୀ ଆଁହଜରତ୍ ସ ଆ ସ କରିଥିଲେ । ତାହେଲେ ଆମକୁ ନିଜ ଭିତରେ ଏକ ପରିବର୍ତ୍ତ ସୃଷ୍ଟି କରିବାକୁ ହେବ । ଏ ପୃଥିବୀବାସୀଙ୍କ ପାଇଁ ଏକ ଉଦାହରଣ ହେବାକୁ ପଡ଼ିବ । ଅଲ୍ଲାଃଙ୍କ ପ୍ରତି ଥିବା କର୍ତବ୍ୟ ତଥା ଲୋକମାନଙ୍କ ପ୍ରତି ଥିବା କର୍ତବ୍ୟକୁ ସମ୍ପାଦନ କରିବାକୁ ହେବ । ଏହି ରମଜାନ୍ ମାସରେ ଆମେମାନେ ଯାହାକିଛି ଶିଖିଲେ ତାହାକୁ ବର୍ଷର ବାକି ମାସଗୁଡ଼ିକରେ ଅବ୍ୟାହତ ରଖିବାକୁ ପଡ଼ିବ । ହଜରତ ମସିହ ମଉଦ ଅ.ସଙ୍କର ଯେଉଁ କଥନଗୁଡ଼ିକ ମୁଁ ଏଠାରେ ଉପସ୍ଥାପନ କଲି ସେଥି ମୁତାବକ ପରିଚାଳିତ ହେବାକୁ ପୂର୍ଣ୍ଣ ପ୍ରୟାସ କରିବା ଉଚିତ୍ । ନିଜ ନମାଜକୁ ଅତି ସୁନ୍ଦର ଓ ସଠିକ୍ ଭାବରେ ସମ୍ପାଦନ କରିବାକୁ ହେବ । ପବିତ୍ର କୁରଆନର ଶିକ୍ଷାନୁଯାୟୀ ଅମଳ କରିବାକୁ ହେବ । ଆମକୁ ପରସ୍ପରର ଅଧିକାରକୁ ସମ୍ପାଦନ କରିବାକୁ ହେବ । ଏକେଶ୍ୱରବାଦର ପ୍ରତିଷ୍ଠା ନିମନ୍ତେ ପ୍ରତ୍ୟେକ ପ୍ରକାରର ବଳିଦାନ କରିବାକୁ ହେବ । ତେବେଯାଇ ଆମେମାନେ ବୈଅତର ପ୍ରକୃତ କର୍ତବ୍ୟ ସମ୍ପାଦନକାରୀ ସାବ୍ୟସ୍ତ ହେବା । ଅଲ୍ଲାଃତାଲା ଆମମାନଙ୍କୁ ଏଥିପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ଦୁଆ କରନ୍ତୁ । ବହୁତ ଦୁଆ କରନ୍ତୁ । ସଂସାରବାସୀଙ୍କ ପାଇଁ ମଧ ଦୁଆ କରନ୍ତୁ ଯେ ,କିପରି ଏ ସଂସାରର ଅବସ୍ଥା ସୁଧରି ଯାଉ । ପାରସ୍ପରିକ ଶତ୍ରୁତା ବଢ଼ିଚାଲିଛି ଏବଂ ଏହି ଶତ୍ରୁତା ବଳବତର ହୋଇ ଦେଶ ଦେଶ ମଧରେ ଯୁଦ୍ଧର ପରିସ୍ଥିତି ସୃଷ୍ଟି କରିଛି । ସେମାନଙ୍କ ମୁଣ୍ଡରେ ବୁଦ୍ଧି ପଶୁ ଓ ସେମାନେ ସେଥିରୁ ନିବୃତ ରହନ୍ତୁ ଓ ସେହି ସଂକଟ ଦୂର ହେଉ ଓ ଦେଶ ପ୍ରମୁଖମାନେ ବୁଦ୍ଧି ବିବେକ ଖଟାଇ ବିଚାର କରନ୍ତୁ । ଏପରି (ବର୍ବର) ଆଚରଣରୁ ବିରତ ରୁହନ୍ତୁ ନଚେତ ଭୟଙ୍କର ଧ୍ୱଂସର ସମ୍ମୁଖୀନ ହେବେ । ନିଜ ସୃଷ୍ଟିକର୍ତାଙ୍କୁ ଚିହ୍ନନ୍ତୁ ଯଦ୍ୱାରା ଏହି ମହାବିପତିରୁ ଉଦ୍ଧାର ପାଇବେ ।

ସେହିପରି ଅହେମଦି କଏଦୀମାନଙ୍କ ପାଇଁ ଦୁଆ କରନ୍ତୁ । ପାକିସ୍ତାନରେ ଅହେମଦୀମାନଙ୍କର ଅବସ୍ଥା ଯେଉଁଭଳି ରହିଛି ସେଥିପାଇଁ ଦୁଆ କରନ୍ତୁ । ସେହିପରି ଦୁନିଆରେ ଆହୁରି ଅନେକ ଦେଶରେ ଏହିପରି ଅବସ୍ଥା ରହିଛି ସେମାନଙ୍କ ନିମନ୍ତେ ଦୁଆ କରନ୍ତୁ । ଆଫଗାନିସ୍ତାନରେ ଅହେମଦୀ କଏଦୀମାନେ ଅଛନ୍ତି ,ସେମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ ଏବଂ ଉପଦ୍ୱୀପମାନଙ୍କରେ କାରାବରଣ ଭୋଗୁଥିବା ଅହେମଦୀମାନଙ୍କୁ ମଧ ନିଜ ଦୁଆରେ ସ୍ମରଣ ରଖିବେ । ପାକିସ୍ତାନ ଓ ଅନ୍ୟାନ୍ୟ ଦେଶମାନଙ୍କରେ ଅହେମଦିମାନଙ୍କର ଅବସ୍ଥା ଯେପରି ଶୋଚନୀୟ ରହିଛି, ସେଥିପାଇଁ ଦୁଆ କରିବେ । ଅଲ୍ଲାଃତାଲା ସେହି (ଅନ୍ୟାୟ ଅତ୍ୟାଚାର)ର ଅବସ୍ଥାକୁ ଦୂର କରିଦିଅନ୍ତୁ । ପାକିସ୍ତାନରେ କାନୁନ ବ୍ୟବସ୍ଥା ବିପର୍ଯ୍ୟସ୍ତ ଏବଂ ସେହି କାନୁନ ବ୍ୟବସ୍ଥା ଯୋଗୁଁ ସେମାନଙ୍କୁ ପ୍ରତ୍ୟେକ ସ୍ଥାନରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ପୁଣି ମୁଲ୍ଲାମାନଙ୍କର ଭୟ ବା ଲୋକମାନଙ୍କ ଭୟ ଯୋଗୁଁ ଜଜ୍ ମାନେ ସଠିକ୍ ନିସ୍ପତି କରିପାରୁ ନାହାନ୍ତି । ଅଲ୍ଲାଃତାଲା ପରିସ୍ଥିତିକୁ ସୁଧାର କରନ୍ତୁ । ଫଳତଃ ପାକିସ୍ତାନରେ ମଧ ଅହେମଦିମାନେ ସ୍ୱାଧୀନ ଭାବରେ ଜୀବନ ଅତିବାହିତ କରନ୍ତୁ ।

ନମାଜ ପାଠ ପରେ ମୁଁ ଗୋଟିଏ ଜନାଯାଃ ବି ପଢାଇବି । ଜନାଯାଃ ଏଠାରେ ହାଜିର୍ (ଉପସ୍ଥିତ)ଅଛି । ତାହା ହେଉଛି ଶ୍ରୀମାନ ଅବଦୁଲ୍ ବାକି ଅରଶଦ୍ ସାହେବଙ୍କର । ସେ ଏବେ ଅଲଶିରକତୁଲ୍ ଇସଲାମିୟା ରବୁୱାର ଚେୟାରମ୍ୟାନ୍ ଥିଲେ । ସେ ଡାକ୍ତର ଅବ୍ଦୁଲ୍ ହମିଦ୍ ସାହେବ୍ ଆଫ୍ ଫଏସଲାବାଦ୍ ଙ୍କ ସୁପୁତ୍ର ଥିଲେ । ୨୭ ଏପ୍ରିଲ୍ ଦିନ ତାଙ୍କର ଦେହାନ୍ତ ୮୮ ବର୍ଷ ବୟସରେ ହୋଇଯାଇଅଛି । **ଇନ୍ନା ଲିଲ୍ଲାହି ୱ ଇନ୍ନା ଇଲୈହେ ରାଜେଉନ୍**

ସେ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ସାହାବି ହଜରତ୍ ଚିରାଗଦ୍ଦୀନ୍ ସାହେବ୍ ର ଅ ଙ୍କ ଅଣନାତି ଥିଲେ ଏବଂ ହଜରତ୍ ମୁହମ୍ମଦ୍ ହୁସୈନ୍ ସାହେବ୍ ର ଅ ମରହମ୍ ଇସାବାଲା ଏବଂ ମିଆଁ ମୁହମ୍ମଦ୍ ୟୁସୁଫ୍ ସାହେବ୍,ଯିଏ ଗୋଟିଏ ସମୟରେ ହଜରତ୍ ମୁସଲେହ୍ ମଉଦ୍ ର ଅ ଙ୍କ ପ୍ରାଇଭେଟ୍ ସେକ୍ରେଟାରୀ ଥିଲେ,ସେ ତାଙ୍କ କୁଟୁମ୍ବର ଥିଲେ । ଅବଦୁଲ୍ ବାକି ଅରଶଦ୍ ସାହେବ ୧୯୫୫ ମସିହାରେ ଇଂଲଣ୍ଡ ଆସିଥିଲେ ଏବଂ ଏଠାରେ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ କରିଥିଲେ । ମସଜିଦ୍ ଫଜଲ୍ ଲଂଣ୍ଡନ୍ ଠାରେ ସେ ତାଙ୍କ ପତ୍ନୀଙ୍କ ସହିତ ରହୁଥିଲେ । ପୁଣି ୧୯୬୩ ମସିହାରେ ସାଉଦି ଆରବରେ ଚାକିରି ପାଇଲେ , ସେଠାକୁ ଚାଲିଗଲେ ଏବଂ ୧୯୭୨ ମସିହା ପର୍ଯ୍ୟନ୍ତ ସେଠାରେ ରହିଲେ । ସେ ସାଉଦି ଆରବରେ ରହିବା ସମୟରେ ହଜ୍ ତଥା ଉମରାଃ ପାଇଁ ଆସିଥିବା ଅନେକ ଅହେମଦୀମାନଙ୍କ ସେବା କରିବାର ସୌଭାଗ୍ୟ ପାଇଥିଲେ । ସେମାନଙ୍କ ମଧ୍ୟରେ କିଛି ସାହାବା ମଧ୍ୟ ସାମିଲ୍ ଥିଲେ । ସାଉଦି ଆରବରେ ରହଣି ସମୟରେ ସେ ଅହେମଦୀ ହୋଇଥିବା ହେତୁ ଜେଲରେ ରହିବାର ସୌଭାଗ୍ୟ ବି ପାଇଛନ୍ତି । ସରକାରଙ୍କ ତରଫରୁ ଏ ପ୍ରସ୍ତାବ ତାଙ୍କୁ ମିଳିଥିଲା ଯେ ଯଦି ସେ ଅହେମଦୀୟତକୁ ପ୍ରତ୍ୟାଖ୍ୟାନ କରିଦେବେ ତାହେଲେ ତାଙ୍କୁ ମୁକ୍ତ କରିଦିଆଯିବ । କିନ୍ତି ସେ ଜେଲରେ ରହିବାକୁ ପସନ୍ଦ କଲେ ପଛକେ ଅହେମଦୀୟତ ଛାଡ଼ିବାକୁ ମନା କରିଦେଲେ । ପରିଶେଷରେ ତାଙ୍କୁ ୧୯୭୨ ମସିହାରେ ଦେଶରୁ ବହିଷ୍କାର କରିଦିଆଗଲା । ଏଠାକୁ ଆସିବା ପରେ ସେ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଜମାଅତର ସେବା କରିବାର ସୌଭାଗ୍ୟ ପାଇଛନ୍ତି । ବିଭିନ୍ନ ଓ୍ୱହଦାରେ କାର୍ଯ୍ୟ କରିଥିଲେ । ଯେତେବେଳେ ହଜରତ୍ ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ)ହିଜରତ୍ କରିଥିଲେ ,ସେତେବେଳେ ସେ ତାଙ୍କୁ ପାଛୋଟିବା ପାଇଁ ହଲାଣ୍ଡ ବି ଯାଇଥିଲେ । ପୁଣି ତାହାଙ୍କ ସହିତ ହଲାଣ୍ଡରୁ ବ୍ରିଟେନ୍ ଆସିଥିଲେ । ସେକ୍ରେଟାରୀ ଜାଏଦାଦ୍ ଭାବରେ ୟୁ କେ ରେ ତାଙ୍କୁ କାମ କରିବାର ସୌଭାଗ୍ୟ ମିଳିଥିଲା । ଇସଲାମାବାଦରେ ଜମି କିଣିବାରେ ମଧ୍ୟ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ସେ ନାଏବ୍ ଅମୀର ଭାବରେ ବି ସେବା କରିବାର ସୁଯୋଗ ପାଇଛନ୍ତି । ଅଫିସର୍ ଜଲସା ସାଲାନା ୟୁ କେ , ଚେୟାରମ୍ୟାନ୍ ଆଫ୍ରିକା ଟ୍ରେଡ୍ ଏବଂଚେୟାରମ୍ୟାନ୍ ଅଲଶିରକତୁଲ୍ ଇସଲାମିୟା ଭାବରେ ବହୁତ ଲମ୍ବା ସମୟ ସେବା କରିବାର ସୌଭାଗ୍ୟ ପାଇଛନ୍ତି । ତାଙ୍କ ପରିବାରରେ ତାଙ୍କ ଅନ୍ତେ ତାଙ୍କର ଦୁଇଜଣ ପୁଅ ଏବଂ ଦୁଇଜଣ ଝିଅ ଅଛନ୍ତି । ତାଙ୍କର ଜଣେ ପୁଅ ନବିଲ୍ ଅରଶଦ୍ ସାହେବ୍ ଏଠାରେ ଜମାଅତର ବହୁତ ଭଲ ସେବା କରୁଛନ୍ତି ।

ତାଙ୍କ ସମ୍ବନ୍ଧରେ ଦଫତରର ପୂର୍ବତନ କର୍ମଚାରୀ ମୁବଶିର୍ ଜଫର୍ ସାହେବ୍ କୁହନ୍ତି ଯେ ସେ ସ୍ୱେଚ୍ଛାକୃତ ଭାବରେ ଜମାଅତର ସେବା କରୁଥିଲେ ମଧ୍ୟ ସେ ଜମାଅତଠାରୁ କୌଣସି ଆଲାଉଁସ୍ ନେଉନଥିଲେ । କିନ୍ତୁ ବହୁତ ଦାୟିତ୍ୱର ସହିତ କାମ କରୁଥିଲେ । ସେ ବହୁତ ସମୟାନୁବର୍ତୀ ଥିଲେ । ଦୁବଳ ଥିବା ସତ୍ୱେ ବି ସେ ଦଫତରରେ ଆସି ପ୍ରତ୍ୟେକ ଦିନ ଆଠ ଦଶ ଘଂଟା କାମ କରୁଥିଲେ । ତାଙ୍କ ବେମାରି ର ବି ପରବାଏ କରୁନଥିଲେ । ସେ କୁହନ୍ତି ଯେ ତାଙ୍କୁ ନିଜ କାମ ନିଜ ହାତରେ କରିବାକୁ ବହୁତ ଅଭ୍ୟାସ ଥିଲା । ନିଜର ଚା ନିଜେ ତିଆରି କରୁଥିଲେ । ଯଦି ତାଙ୍କୁ କେବେ ଚା ତିଆରି କରି ଦିଆଯାଉଥିଲା ତାହେଲେ ସେ ନିଜ କପ୍‌କୁ ଧୋଇବା ପାଇଁ କାହାକୁ ବି ଦେଉନଥିଲେ , ନିଜେ ହିଁ ଧୋଉଥିଲେ । ବେଳେ ବେଳେ କେତେକ ଲୋକେ ମଧ୍ୟାନ୍ନ ଭୋଜନ କରିସାରିବା ପରେ ସେଠି ଡିଅର୍ ପାର୍କରେ ଟେବୁଲ ଉପରେ କିଛି କିଛି ପାତ୍ର ଛାଡ଼ିଚାଲିଯାଉଥିଲେ , ସେ ଅନ୍ୟ କାହାକୁ କହିବା ଅପେକ୍ଷା ନିଜେ ସେସବୁକୁ ଉଠାଇ ଟେବୁଲକୁ ସଫା କରିଦେଉଥିଲେ । ଯଦି ପାଇଖାନା ସଫା କରିବାକୁ ସଫେଇ କର୍ମଚାରୀ ନଆସୁଥିଲେ ତାହେଲେ ଆବଶ୍ୟକ ସ୍ଥଳେ ସେ ଶୌଚାଳୟକୁ ବି ସଫା କରିଦେଉଥିଲେ । ସେ ଏମିତି ଅଫିସର୍ ଥିଲେ ଯିଏ ବହୁତ ନମ୍ରତାର ସହିତ କାମ କରୁଥିଲେ ଏବଂ ବହୁତ ପରିଶ୍ରମ କରି କାମ ସମ୍ପାଦନ କରୁଥିଲେ । ତାଙ୍କର ସ୍ମୃତିଶକ୍ତି ପ୍ରଖର ଥିଲା । ଜମାଅତର ପାଣ୍ଠି ଏବଂ ଯାହାକିଛି ବି ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ଥିଲା ସେ ତାହାକୁ ଶେଷ ସମୟ ପର୍ଯ୍ୟନ୍ତ ବହୁତ ସୁନ୍ଦର ଭାବରେ ନିର୍ବାହ କରିଚଲିଥିଲେ । ନମାଜ ନିୟମିତ ଭାବରେ ପାଠକରୁଥିଲେ । ବାଜମାଅତ୍ (ସାମୁହିକ) ନମାଜ ପାଠ କରୁଥିଲେ । ଖିଲାଫତର ବହୁତ ସମ୍ମାନ କରୁଥିଲେ । ଯଦି ଖିଲାଫତ୍ ତରଫରୁ ଯଦି କୌଣସି ହିଦାୟତ୍ ଚାଲି ଆସେ ତାହେଲେ ତାଙ୍କର ନିଜସ୍ୱ ରାୟ ଏହାର ବିପରୀତ ଥିଲେ ବି ସେ ତାହାକୁ ତୁରନ୍ତ ଖୋଲା ଚିତରେ ଗ୍ରହଣ ଖୁସି ଖୁସି ସ୍ୱୀକାର କରିନେଉଥିଲେ ଏବଂ ନିଜର ରାୟ ବା ନିଜର ପରାମର୍ଶକୁ ଭୂଲିଯାଉଥିଲେ । ୱଦୁଦ୍ ମଲକ୍ ସାହେ କୁହନ୍ତି ଯେ ମୁଁ ବହୁତ ଛୋଟ ଥିଲି , ମୁଁ ତାଙ୍କଠାରୁ ବୟସରେ ବହୁତ ଛୋଟ । କିନ୍ତୁ ଏହା ସତ୍ୱେ ମଧ୍ୟ ଯେବେ ବି ମୁଁ ତାଙ୍କ ପାଖକୁ ଯାଇଛି , ସେ ବହୁତ ସ୍ନେହର ସହିତ ମୋତେ ମାର୍ଗଦର୍ଶନ କରୁଥିଲେ ଓ ବହୁତ ବିନୟ ବ୍ୟବହାର କରୁଥିଲେ । ଏମିତି ଲାଗେ ଯେମିତି ମୁଁ ତାଙ୍କଠାରୁ ବୟସରେ ସାନ ନୁହେଁ ବରଂ ତାଙ୍କର ସମବୟସ୍କ ।

ମୁନିରୁଦ୍ଦିନ୍ ଶମସ୍ ସାହେବ୍ ମଧ୍ୟ ତାଙ୍କ ସମ୍ବନ୍ଧରେ ଲେଖିଛନ୍ତି ଯେ ହଜରତ୍ ଖଲିଫତୁଲ୍ ମସିହ୍ ରାବେ(ଚତୁର୍ଥ) ଆରମ୍ଭରେ ତାଙ୍କୁ ଇସଲାମାବାଦର ଘରମାନଙ୍କରେ ଯଦି କିଛି ଆବଶ୍ୟକ ଥାଏ,ତାହେଲେ ସେ ବିଷୟରେ ଅବଗତ କରିବା ପାଇଁ ତାଙ୍କୁ ନିୟୋଜିତ କରିଥିଲେ । ସେ ସେହି ଦାୟିତ୍ୱକୁ ବହୁତ ସୁନ୍ଦର ଭାବରେ ନିର୍ବାହ କରିଥିଲେ । ସେହିପରି ଅଲଶିରକତୁଲ୍ ଇସଲାମିୟାଃ ପ୍ରତି ଥିବା କର୍ତବ୍ୟକୁ ବି ବହୁତ ସୁନ୍ଦର ଭାବରେ ଶେଷ ପର୍ଯ୍ୟନ୍ତ ସମ୍ପାଦନ କରିଥିଲେ । ଏମ ଟି ଏ ସହିତ ତାଙ୍କର ସମ୍ପର୍କ ଏବଂ ଯୋଗାଯୋଗ ଥିଲା । ଏମ୍ ଟି ଏ ର ଆର୍ଥିକ ମାମଲା ବା ଚୁକ୍ତିନାମା ଇତ୍ୟାଦି କାର୍ଯ୍ୟରେ ବି ତାଙ୍କର ପ୍ରମୁଖ ଭୂମିକା ଥିଲା । ଅଲ୍ଲାଃତାଲା ତାଙ୍କ ସହିତ କ୍ଷମା ଓ ଦୟା ଆଚରଣ କରନ୍ତୁ । ତାଙ୍କର ସ୍ତରକୁ ଉନ୍ନତି କରନ୍ତୁ। ତାଙ୍କ ପିଲାମାନଙ୍କୁ ବି ଧର୍ମସେବା କରିବା ନିମନ୍ତେ ସୁଯୋଗ ପ୍ରଦାନ କରନ୍ତୁ ଏବଂ ଆନ୍ତରିକତା ତଥା ବିଶ୍ୱସ୍ତତା ସହିତ ଜମାଅତ୍ ତଥା ଖିଲାଫତ୍ ସହିତ ଜଡ଼ିତ ରଖନ୍ତୁ । ନମାଜପାଠ ପରେ ଯେପରି କି ମୁଁ କହିସାରିଛି ଯେ ଏହି ଜନାଯାଃ ହାଜିର୍ (ଉପସ୍ଥିତ)ଅଛି ,ତେଣୁ ମୁଁ ବାହାରକୁ ଯାଇ ନମାଜ ଜନାଯାଃ ପଢାଇବି ।

⌘⌘⌘⌘⌘⌘⌘⌘⌘⌘

## ବୈକୁଣ୍ଠ (ସ୍ୱର୍ଗ)କେବଳ ବିଳାସପୂର୍ଣ୍ଣ ସ୍ଥାନ ନୁହେଁ ବରଂ ବହୁ ସମ୍ମାନୀୟ ଓ ବହୁ ମୂଲ୍ୟବାନ ଏବଂ ଗୋଟିଏ ଆଧ୍ୟାତ୍ମିକ ସ୍ଥାନ । ଯଦିଓ ସ୍ୱର୍ଗର ପୁରସ୍କାର ଗୁଡ଼ିକ ସାଂସାରିକ ଜିନିଷ ପରି ନାମିତ ହୋଇଛି କିନ୍ତୁ ତାହ ଆଧ୍ୟାତ୍ମିକ ଅର୍ଥକୁ ବୁଝାଇଥାଏ ନା କି କୌଣସି ଭୌତିକ ବା ଶାରୀରିକ ଜିନିଷକୁ । ଲୋକମାନଙ୍କୁ ବୁଝାଇବା ପାଇଁ ଏବଂ ସେଥିପ୍ରତି ଆକର୍ଷିତ କରିବା ପାଇଁ ପରକାଳର ପୁରସ୍କାରଗୁଡ଼ିକୁ ସାଂସାରିକ ନାମ ଦିଆଯାଇଅଛି ।

### ସୟଦନା ହଜରତ୍ ଅମୀରୁଲ୍ ମୁମିନୀନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ (ପଂଚମ)ଅ ବ ଅ ଙ୍କୁ ପଚରାଯାଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଅନ୍ତର୍ନିହିତ ତଥା ବ୍ୟବହାରିକ ଉତର

ନୋଟ୍:- ସୟଦନା ହଜ୍ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଭିନ୍ନ ସମୟରେ ନିଜର ଚିଠିରେ ଏବଂ ଏମ୍‌ଟିଏ ର ବିଭିନ୍ନ ପ୍ରୋଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଯେଉଁ ସବୁ ମୂଲ୍ୟବାନ ଉପଦେଶମାନ ପ୍ରଦାନ କରିଛନ୍ତି, ପାଠକ/ପାଠିକାମାନେ ସେଥିରୁ ଲାଭ ଉଠାଇବା ପାଇଁ ଏଠାରେ କିଛି ବିଷୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍‌ଙ୍କୁ ଧନ୍ୟବାଦ ଅର୍ପଣ କରି ପ୍ରକାଶ କରାଯାଉଅଛି । (କାର୍ଯ୍ୟାଳୟ)

(ଭାଗ- ୧୫)

ପ୍ରଶ୍ନ- ଜଣେ ମହିଳା ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରରେ ଏ କଥା ଲେଖି ଜାଣିବାକୁ ଚାହିଁଲେ ଯେ କେତେକ ଉଦାରବାଦୀ ଇସ୍‌ଲାମୀ ବିରୋଧି ତଥାକଥିତ ନାରୀବାଦୀ ମହିଳାମାନଙ୍କର କିଛିଟା ଆପତି ରହିଛି ଯେ, ପବିତ୍ର କୁର୍‌ଆନ୍ ଏବଂ ହଦିସ୍ ଗୁଡ଼ିକରେ ପୁରୁଷମାନଙ୍କୁ ବୈକୁଣ୍ଠରେ ମିଳିବାକୁ ଥିବା ପୁରସ୍କାରମାନଙ୍କ ମଧ୍ୟରେ ମଦ୍ୟପାନ, ବିଭିନ୍ନ ପ୍ରକାରର ଖାଦ୍ୟପେୟ ଏବଂ ମହିଳା ମିଳିବା ପାଇଁ ପ୍ରତିଶୃତି ଦିଆଯାଇଅଛି । ଯେବେକି ଯେଉଁ ବ୍ୟକ୍ତି ଏ ଦୁନିଆରେ ଏ ସବୁ ଜିନିଷଗୁଡ଼ିକୁ ବ୍ୟବହାର କରୁଥାଏ ତାକୁ ଖରାପ ଲୋକ ବୋଲି ବିବେଚନା କରାଯାଇଥାଏ । ପୁଣି ସେହିଭଳି ଯେଉଁ ପ୍ରତିଶୃତି ଦିଆଯାଇଅଛି ତାହା କେବଳ ପୁରୁଷମାନଙ୍କ ପାଇଁ, ମହିଳାମାନେ ଦୁନିଆରେ ଯାହା କିଛି କରିଦିଅନ୍ତୁ, ସେମାନଙ୍କ ପାଇଁ କୌଣସି ପ୍ରତିଶୃତି ନାହିଁ । ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ୨୨ ମାର୍ଚ୍ଚ ୨୦୨୧ରେ ଏହି ପ୍ରଶ୍ନର ଉତର ନିମ୍ନଲିଖିତ ପ୍ରଦାନ କରିଛନ୍ତି । ହଜୁର ଅନଓ୍ୱର ଅ:ବ:ଅ କହିଲେ,

ଉତର:- ଅସଲ କଥା ହେଉଛି ଏହା ଯେ, ଏହି ପ୍ରକାରର ଆପତି ଅଭିଯୋଗ କେବଳ ଏଥିପାଇଁ ହୋଇଥାଏ ଯେ, ସେମାନେ ଇସ୍‌ଲାମ୍‌ର ଅତ୍ୟନ୍ତ ସୁନ୍ଦର ଶିକ୍ଷା ବିଷୟରେ ସମ୍ପୁର୍ଣ୍ଣ ରୂପେ ଅବଗତ ନୁହନ୍ତି । ଏ କଥା ତ ଠିକ୍ ଯେ, ଇସ୍‌ଲାମୀ ବିରୋଧି ଲୋକମାନେ ଇସ୍‌ଲାମ୍‌ର ଶିକ୍ଷାକୁ ନ ଜାଣିଥିବା ଯୋଗୁଁ ଏପରି ଆରୋପ ଲଗାଇଥାନ୍ତି କିନ୍ତୁ ବଡ଼ ଦୁଃଖ ପରିତାପର ବିଷୟ ଯେ, ଅନେକ ମୁସଲମାନ ବୋଲାଉଥିବା ଲୋକମାନେ ବି, ଯେହେତୁ ସେମାନେ କେବଳ ନାମକୁ ମାତ୍ର ମୁସଲମାନ ଅଟନ୍ତି ଏବଂ ପବିତ୍ର କୁର୍‌ଆନ୍ ଓ ହଦିସ୍‌ରେ ବର୍ଣ୍ଣିତ ଥିବା ଧାର୍ମିକ ଶିକ୍ଷାକୁ ହାସଲ କରିବା ପାଇଁ ଜରୁରୀ ମଣୁନାହାନ୍ତି ଏବଂ ଏ ଭୌତିକ ସଂସାର ସେମାନଙ୍କର ହୃଦୟ ଓ ମସ୍ତିଷ୍କ ଉପରେ ଏପରି ପ୍ରାଧାନ୍ୟ ବିସ୍ତାର କରିଦେଇଛି ଯେ ସେମାନେ ଏ ସାଂସାରିକ ଚମକଦମକ ତଳେ ନିଜ ଜୀବନର ସବୁତକ ସମୟ ବିତାଇ ଦେଉଛନ୍ତି । ଜୀବନରେ ଯେଉଁ ଅସଲ ଉଦ୍ଦେଶ୍ୟ ରହିଛି "ଈଶ୍ୱରଙ୍କ ଉପାସନା କରିବା" ଏହାକୁ ସେମାନେ ସମ୍ପୁର୍ଣ୍ଣ ରୂପେ ଅଣଦେଖା କରିଦେଉଛନ୍ତି । ପରକାଳର ଜୀବନ ରେ ଭୋଗିବାକୁ ଥିବା ସ୍ୱଚ୍ଛ ଓ ପବିତ୍ର ପୁରସ୍କାରକୁ ମଧ ସେମାନେ ଏହି ସାଂସାରିକ ଜୀବନର ମଇଳା ଓ ଅସମ୍ପୁର୍ଣ୍ଣ ଆଇନା ଦ୍ୱାରା ଦେଖିବାକୁ ଚେଷ୍ଟା କରୁଛନ୍ତି । ସେଥିଯୋଗୁଁ ଏହି ପ୍ରକାରର ଆପତି ଓ ଅଭିଯୋଗ ସେମାନଙ୍କ ମନରେ ସୃଷ୍ଟି ହେଉଅଛି ।

ପବିତ୍ର କୁର୍‌ଆନ୍‌ରେ ଯେଉଁ କଥା ବର୍ଣ୍ଣନା କରାଯାଇଛି ଯେ, ବୈକୁଣ୍ଠରେ ଯେଉଁ ପୁରସ୍କାରଗୁଡ଼ିକ ମିଳିବ ସେଗୁଡ଼ିକର ଉଦାହରଣ ଏହି ସାଂସାରିକ ଭୌତିକ ଜିନିଷମାନଙ୍କ ନାମ ସହିତ ଉପମା ଦିଆଯାଇଅଛି ଯେବେକି ସେହି ବୈକୁଣ୍ଠର ପୁରସ୍କାରଗୁଡ଼ିକୁ ପ୍ରତ୍ୟେକ ପ୍ରକାରର ମଳିନତାରୁ ଓ ଅପବିତ୍ରତାରୁ ପବିତ୍ର ଥିବାର ଅଭିହିତ କରାଯାଇଅଛି । ସୁତରାଂ ପବିତ୍ର କୁର୍‌ଆନ୍ ବୈକୁଣ୍ଠରେ ମିଳିବାକୁ ଥିବା ଭିନ୍ନ ଭିନ୍ନ ପ୍ରକାରର ପେୟ ଗୁଡ଼ିକୁ ପବିତ୍ର ନାମ ଓ ପବିତ୍ର ପରିସ୍ଥିତିରେ ଥିବାର ବର୍ଣ୍ଣନା କରାଯାଇଅଛି ଯାହା ବୁଦ୍ଧି, ବିବେକ ଓ ଈଶ୍ୱର ପ୍ରେମ ଦ୍ୱାରା ସୃଷ୍ଟି ହୋଇଥାଏ ଓ ସେଗୁଡ଼ିକ ଆଧାତ୍ମିକତାର ସୁଗନ୍ଧରେ ମହକି ଥାଏ । ଯେଉଁ ଲୋକମାନେ ସେଗୁଡ଼ିକୁ ପିଇଥାନ୍ତି ସେମାନେ ଏକ ଅନୁପମ ଆଧାତ୍ମିକ ନିଶାରେ ମସ୍ତ ହୋଇଯାଇଥାନ୍ତି । ଅତଏବ ସୁରାଃ ଅସ୍‌ସାଫାତ୍‌ରେ ଅଲ୍ଲାଃ ତାଲା କୁହନ୍ତି **ୟୁତାଫୁ ଆଲୈହିମ୍ ବିକାସିନ୍.......... ୱ୍ଲାହୁମ୍ ଅନ୍‌ହା ୟୁନ୍‌ଜଫୁନ୍ (ଅସ୍‌ସାଫାତ୍: ୪୬ ରୁ ୪୮)** ଅର୍ଥାତ (ଝରଣାରୁ) ପାଣିରେ ଭର୍ତି ହୋଇଥିବା ଗ୍ଲାସ୍‌କୁ ଆଣି ସେମାନଙ୍କ ନିକଟରେ ପହଂଚାଯିବ । ସେଗୁଡ଼ିକ ଅତ୍ୟନ୍ତ ସ୍ୱଚ୍ଛ ଏବଂ ପିଇବା ପାଇଁ ବହୁତ ସ୍ୱାଦିଷ୍ଟ ହୋଇଥିବେ । ସେହି (ପେୟଗୁଡ଼ିକ) ରେ ନା କୌଣସି ନିଶା ଜିନିଷ ଥିବ ଓ ନା ତା'ର ପ୍ରଭାବ ଦ୍ୱାରା ବୁଦ୍ଧି ଭ୍ରଷ୍ଟ ହେବ ।

ସୁରାଃ ଅଲ୍‌ୱାକେୟାରେ ଅଲ୍ଲାଃ ତାଲା କୁହନ୍ତି: **ୟତୁଫୁ ଆଲୈହିମ୍ ୱିଲ୍‌ଦାନୁନ୍ ମୁଖଲ୍ଲଦୁନ୍......... ୱଲାୟୁନ୍‌ଜିଫୁନ୍ (ଅଲ୍‌ୱାକେୟା: ୧୮ ରୁ ୨୦)** ଅର୍ଥାତ ସେମାନଙ୍କ ନିକଟକୁ ସେମାନଙ୍କ ସେବା କାର୍ଯ୍ୟ କରିବାପାଇଁ ବହୁ ସଂଖ୍ୟକ ଯୁବକ ଆସିବେ ଯେଉଁମାନଙ୍କୁ ସର୍ବଦା ନିଜର ପୂଣ୍ୟକର୍ମରେ ପ୍ରତିଷ୍ଠିତ କରାଯିବ । ପିଇବା ପାତ୍ର, ସୁରାଇ ଏବଂ ନିର୍ମଳ ଜଳ ଦ୍ୱାରା ପରିପୂର୍ଣ୍ଣ ଥିବା ପାତ୍ର ସେମାନେ ଧରି ଥିବେ ତାହାର ପ୍ରଭାବ ଯୋଗୁଁ ନା ତ ସେମାନଙ୍କର ମୁଣ୍ଡ ବ୍ୟଥା ହେବ ଓ ନା ସେମାନେ ଏପଟ ସେପଟ କଥା କହୁଥିବେ ।

ସୁରାଃ ଅଦ୍‌ଦହର୍ ରେ ଅଲ୍ଲାଃ ତାଲା କହିଛନ୍ତି **ଇନ୍ନଲ୍ ଅବରାରା ୟସ୍‌ରବୁନା ମିନ୍‌କାସିନ୍ କାନା ମିଜାଜୁହା କାଫୁରା**

ପୁଣି କୁହନ୍ତି **ୱ ୟୁସ୍‌କନା ଫିହା କାସନ୍ ମିଜାଜୁହା ଜନ୍‌ଜବିଲା**

ପୁଣି କୁହନ୍ତି **ୱ ସକାହୁମ୍ ରବୁହୁମ୍ ଶରାବନ୍ ତହୁରା (ଅଦ୍‌ଦହର୍: ୬, ୧୮, ୨୨)**

ଅର୍ଥାତ ଅଲ୍ଲାଃ ତାଲାଙ୍କର ପୂଣ୍ୟବନ୍ତ ଭକ୍ତମାନଙ୍କୁ ଏପରି ଜିନିଷ ପିଇବା ପାଇଁ ଦିଆଯିବ ଯେଉଁଥିରେ କର୍ପୁରର ଗୁଣକୁ ମିଶା ଯାଇଥିବ ଏବଂ (ମୋମିନ୍‌ମାନଙ୍କୁ) ଏହି (ବୈକୁଣ୍ଠଗୁଡ଼ିକ)ରେ ଏପରି ଗ୍ଲାସ ଦ୍ୱାରା ପାଣି ପିଇବାକୁ ଦିଆଯିବ ଯେଉଁ ପାଣିରେ ସୁଣ୍ଠି ମିଶା ଯାଇଥିବ । ତାଙ୍କ ପାଳନକର୍ତା ତାଙ୍କୁ ପବିତ୍ର କରିବାପାଇଁ ମଦ୍ୟପାନ କରାଇବେ ।

ସୁରାଃ ଅଲ୍‌ମୁତଫ୍‌ଫିଫିନ୍ ରେ ଅଲ୍ଲାଃ ତାଲା କୁହନ୍ତି: **ୟୁସ୍‌କନା ମିର୍‌ରହିକିମ୍ ମଖ୍‌ତୁମ୍.......... ୟଶ୍‌ରବୁ ବିହଲ୍ ମୁକ୍‌ରବୁନ୍ (ଅଲ୍‌ମୁତଫଫିଫିନ୍: ୨୬ ରୁ ୨୯)** ଅର୍ଥାତ ସେମାନଙ୍କୁ ସୁଦ୍ଧ ପେୟ ପିଇବାକୁ ଦିଆଯିବ ଯାହାର ଶେଷରେ କସ୍ତୁରି ଥିବ । ଏ ଇଚ୍ଛା ରଖୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆବଶ୍ୟକ ଯେ ସେମାନେ ଏହିପରି ଜିନିଷକୁ ଅଭିଳାଷ କରନ୍ତୁ । ଯେଉଁଥିରେ ତସ୍‌ଲିମ୍ ମଧ୍ୟ ମିଶାଯାଇଥିବ

ହଜରତ୍ ମସିହ ମଉଦ ଆ ସ ବୈକୁଣ୍ଠରେ ମିଳିବାକୁ ଥିବା ସୁରା ବିଷୟରେ ,ତାହାର ବାସ୍ତବିକତା ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି ଯେ : ''ନିର୍ମଳ ସୁରାର ପାତ୍ର ଯାହା ସ୍ୱଚ୍ଛ ଜଳ ପରି ସ୍ୱଚ୍ଛ ହୋଇଥିବ , ତାହା ବୈକୁଣ୍ଠବାସୀଙ୍କୁ ଦିଆଯିବ । ସେହି ସୁରା ସେହି ସମସ୍ତ ଦୋଷ ଓ ତ୍ରୁଟିରୁ ପବିତ୍ର ହୋଇଥିବ ଯାହକୁ ପିଇବା ଦ୍ୱାରା ମୁଣ୍ଡ ବିନ୍ଧିଥାଏ ବା ଅଚେତ ହୋଇଯାଇଥାଏ ବା ବେହୋସ ହୋଇଯାଇଥାଏ ବା ନିଶା ଚଢି ଯାଇଥାଏ । ବରଂ ତାହା ନିଜର ସମସ୍ତ ବିଶେଷ ଗୁଣରେ ସେହି (ସାଂସାରିକ)ସୁରାର ବିପରୀତ ହୋଇଥାଏ । ଏବଂ ପବିତ୍ର କୁରଆନରେ କୌଣସି ସ୍ଥାନରେ ଏକଥା ବତାଯାଇନାହିଁ ଯେ ତାହା ସାଂସାରିକ ସୁରା ପରି ଅଙ୍ଗୁରରୁ ବା କନ୍ଦସିୟା ରୁ ବା କିକର ଗଛର ଛାଲିରୁ ବା ସେହିପରିକା ଅନ୍ୟ କୌଣସି ଭୌତିକ ଜିନିଷରୁ ତିଆରି ହୋଇଛି ବୋଲି । ବରଂ ପବିତ୍ର କୁରଆନରେ ବାରମ୍ବାର ଏହା ବର୍ଣ୍ଣନା କରାଯାଇଅଛି ଯେ ଏହାର ଅସଲ ମଞ୍ଜି ହେଉଛି ପ୍ରେମ ଓ ଈଶ୍ୱରୀୟ ଜ୍ଞାନ । ଯାହାକୁ ଏଦୁନିଆରୁ ମୋମିନ୍ ଭକ୍ତ ସାଥିରେ ନେଇ ଯାଇଥାଏ । ପୁଣି ଏପରି ଆଧ୍ୟାତ୍ମିକ କଥା କାହିଁକି ବା ସୁରା ଭଳି ଦେଖାଯିବ । ଏହା ଈଶ୍ୱରଙ୍କ ରହସ୍ୟ ମଧ୍ୟରୁ ଗୋଟିଏ ରହସ୍ୟ । ଯାହା ସତ୍ ଜ୍ଞାନୀ ପୁରୁଷମାନଙ୍କ ଉପରେ ପ୍ରକାଶ ହୋଇଥାଏ । ଏବଂ ବୁଦ୍ଧିମାନ ଲୋକେ ଅନ୍ୟାନ୍ୟ ଲକ୍ଷଣ ଇତ୍ୟାଦି ଦେଖି ତାହାର ସତ୍ୟାସତ୍ୟକୁ ପହଂଚି ଥାଆନ୍ତି ।'' **(ସୁରମାଃ ଚଶ୍‌ମାଃ ଆରୟା , ଖ-୦୨ , ପୃ-୧୫୬-୧୫୭)**

ସେହିପରି ବୈକୁଣ୍ଠରେ ମିଳିବାକୁ ଥିବା ଯୋଡ଼ାର ପବିତ୍ରତା ବିଷୟରେ ବି ଅଲ୍ଲାଃତାଲା ଅତ୍ୟନ୍ତ ସ୍ୱଚ୍ଛ ଭାବରେ ପବିତ୍ର କୁରଆନରେ ବର୍ଣ୍ଣନା କରିଛନ୍ତି ଯେ ସେମାନେ ଅତ୍ୟନ୍ତ ପବିତ୍ରମୟ ଓ ପୂଣ୍ୟବନ୍ତ ସାଥି ହେବେ । ଯେଉଁମାନଙ୍କୁ ମୂଲ୍ୟବାନ ମୋତିମାନଙ୍କ ପରି ତମ୍ବୁ ଭିତରେ ଲୁଚାଇ ରଖାଯାଇଥିବ । ସେମାନଙ୍କୁ ସେହି ବୈକୁଣ୍ଠବାସୀମାନଙ୍କ ବ୍ୟତୀତ ଅନ୍ୟ କେହି ଛୁଇଁ ନଥିବେ । ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ସେ ଏହା କହିଛନ୍ତି ଯେ **ୱ ଜଓ୍ୱଜ୍‌ନାହୁମ୍ ବିହୁରିନ୍ ଈନିନ୍ (ସୁରଃ ତୁର୍ :୨୧)** ଅର୍ଥାତ ଆମ୍ଭେ ବୈକୁଣ୍ଠବାସୀମାନଙ୍କୁ ଅତ୍ୟନ୍ତ ସୁନ୍ଦର

ସାଥିମାନଙ୍କ ସହିତ ବିବାହ କରାଇବୁ ।

ଅତେବ୍ ବୈକୁଣ୍ଠ (ସ୍ୱର୍ଗ)କେବଳ ବିଳାସପୂର୍ଣ୍ଣ ସ୍ଥାନ ନୁହେଁ ବରଂ ବହୁ ସମ୍ମାନୀୟ ଓ ବହୁ ମୂଲ୍ୟବାନ ଏବଂ ଗୋଟିଏ ଆଧ୍ୟାତ୍ମିକ ସ୍ଥାନ । ଯଦିଓ ସ୍ୱର୍ଗର ପୁରସ୍କାର ଗୁଡ଼ିକ ସାଂସାରିକ ଜିନିଷ ପରି ନାମିତ ହୋଇଛି କିନ୍ତୁ ତାହ ଆଧ୍ୟାତ୍ମିକ ଅର୍ଥକୁ ବୁଝାଇଥାଏ ନା କି କୌଣସି ଭୌତିକ ବା ଶାରୀରିକ ଜିନିଷକୁ । ଲୋକମାନଙ୍କୁ ବୁଝାଇବା ପାଇଁ ଏବଂ ସେଥିପ୍ରତି ଆକର୍ଷିତ କରିବା ପାଇଁ ପରକାଳର ପୁରସ୍କାରଗୁଡ଼ିକୁ ସାଂସାରିକ ନାମ ଦିଆଯାଇଅଛି । ଏହା ହେଉଛି ଏମିତି କଥା ଯେ ଯେପରି ଜଣେ ଧନୀ ଲୋକ କୌଣସି ଜ୍ଞାନୀ ଲୋକଙ୍କୁ କହିଥାଏ ଯେ ମୋ ନିକଟରେ ଧନ ଅଛି । ଏହା ଶୁଣି ସେହି ଜ୍ଞାନୀ ଲୋକ ଜଣକ ନିଜ ଲାଇବ୍ରେରୀ ଆଡ଼କୁ ଇସାରା କରି କହିଥାଏ ଯେ ମୋ ନିକଟରେ ତୁମଠାରୁ ବି ବଳି ଭଣ୍ଡାର ରହିଛି । ଏହି ଉତରର ଅର୍ଥ ଏହା ନୁହେଁ ଯେ ସେହି ପୁସ୍ତକ ଗୁଡ଼ିକରେ ଟଙ୍କା ଭରି ହୋଇ ରହିଛି ବରଂ ଏହାର ଅର୍ଥ ହେଉଛି ଏହା କି ଯାହାକୁ ତୁମେ ଭଣ୍ଡାର (ଅର୍ଥାତ ଧନ ସମ୍ପଦ)କହୁଅଛ ତାଠାରୁ ଅଧିକ ଲାଭପ୍ରଦାନକାରୀ ଜିନିଷ ମୋ ନିକଟରେ ରହିଛି ।

ହଜରତ୍ ମୁସଲେହ ମଉଦ୍ ର ଅ ତଫସୀର୍ କବୀରରେ ଏହି ପ୍ରକାରର ଗୋଟିଏ ଆପତିର ଉତରରେ ଉଲ୍ଲେଖ କରିଛନ୍ତି ଯେ :

‘‘ପ୍ରଥମତଃ ଏକଥା କୁ ମନେ ରଖିବା ଉଚିତ ହେବ ଯେ ପବିତ୍ର କୁରଆନ ସ୍ୱଷ୍ଟ ଭାବରେ ଏହା ବର୍ଣ୍ଣନା କରିଛି ଯେ ପରକାଳ ର ପୁରସ୍କାର ବିଷୟରେ ଜାଣୀବା ମଣିଷ ବୁଦ୍ଧି ର ଉର୍ଦ୍ଧ୍ୱରେ । ତେଣୁ ଏହି ସାଂସାରିକ ଜୀବନକୁ ପରକାଳର ଜୀବନ ସହିତ ଉପମା ଦେବା ଠିକ୍ ହେବ ନାହିଁ । ପବିତ୍ର କୁରଆନରେ ବର୍ଣ୍ଣିତ ଅଛି ଯେ :

**ଫଲା ତାଲମୁ ନଫସୁମ୍ ମା ଉଖଫି ଲହୁମ୍ ମିନ୍ କୁରରତି ଆୟୁନିନ୍ ଜଜାଅମ୍ ବିମା କାନୁ ୟାଲମୁନ୍ (ସୁରଃ ସଜଦାଃ :୧୮)** ଅର୍ଥାତ ବାସ୍ତବରେ କୌଣସି ବ୍ୟକ୍ତି ଏହା ଜାଣି ପାରିବ ନାହିଁ କି ବୁଝିପାରିବ ନାହିଁ ଯେ ପରକାଳରେ ତା ପାଇଁ କ’ଣ ସବୁ ପୁରସ୍କାର ଲୁକ୍କାୟିତ ଭାବରେ ରଖାଯାଇଅଛି । ଏଥିରୁ ଜଣାପଡୁଛି ଯେ ସ୍ୱର୍ଗ ବିଷୟରେ ପବିତ୍ର କୁରଆନ୍ ରେ ଯାହା ବର୍ଣ୍ଣନା କରାଯାଇଅଛି ତାହା ସଙ୍କେତିକ ଭାଷାରେ ବର୍ଣ୍ଣିତ ଅଛି । ....

ପ୍ରଶ୍ନ:- ହଜୁର ଅନୱର ଅ:ବ:ଅଙ୍କ ସହିତ ମୋ ସାକ୍ଷାତକାର ୧୩ ଏପ୍ରିଲ୍ ୨୦୨୧ ମସିହାରେ ହେଲା ମୁଁ ହଜୁର ଅନୱର ଅ:ବ:ଅଙ୍କଠାରୁ ଏକଥା ଜାଣିବାକୁ ଚାହିଁଲି ଯେ, କ’ଣ କୌଣସି ଅନ୍‌ଲାଇନ୍ ସିଷ୍ଟମ ଅର୍ନ୍ତଗତ ତରାୱି ନମାଜ ପଢ଼ାଯାଇପାରିବ କି ? ହଜୁର ଅନୱର ଅ:ବ:ଅ ଏହାର ନିମ୍ନଲିଖିତ ଉତର ପ୍ରଦାନ କରି କହିଲେ,

ଉତର: ଯଦି ମସ୍‌ଜିଦ୍‌ରେ ଓ ମସ୍‌ଜିଦ୍‌ର ପଛପଟେ ଥିବା ଘରଗୁଡ଼ିକ ଗୋଟିଏ ଲୋକେଶନ୍‌ରେ ଥିବେ ଯେମିତି କି ଇସ୍‌ଲାମା ବାଦ୍ ଓ ୟୁକେ ର ମସ୍‌ଜିଦ୍ ମୁବାରକ ଓ ତା ପଛପଟେ ଥିବା କର୍ମଚାରୀମାନଙ୍କର ଘର ରହିଛି, ତା’ହେଲେ ଲାଉଡ଼ସ୍ପିକର ଏବଂ ଏଫ୍ ଏମ୍ ରେଡ଼ିଓ ଇତ୍ୟାଦି ଯନ୍ତ୍ର ଜରିଆରେ କେବଳ କୌଣସି ବିବଶତା ହେତୁ ନମାଜ ତରାୱି ଏବଂ ଅନ୍ୟାନ୍ୟ ନମାଜଗୁଡ଼ିକ ପଢ଼ାଯାଇପାରେ । ଯେମିତି କି ଆଜିକାଲି କୋରନା ଭାଇରସ୍ ଯୋଗୁଁ ଅସୁବିଧା ଦେଖାଯାଇଅଛି । କିନ୍ତୁ ଯଦି ମସ୍‌ଜିଦ୍ ଏବଂ ଘର ଗୁଡ଼ିକ ଅଲଗା ଅଲଗା ଲୋକେଶନ୍‌ରେ ଥିବେ ବା ମସ୍‌ଜିଦ୍‌ର ଆଗପଟେ ଘରଗୁଡ଼ିକ ଥିବେ ତାହେଲେ ସେହି ଘର ଗୁଡ଼ିକରେ ରହୁଥିବା ଲୋକମାନେ ମସ୍‌ଜିଦ୍‌ରେ ହେଉଥିବା ନମାଜକୁ ଅନୁସରଣ କରି ନମାଜ ପଢ଼ିପାରିବେ ନାହିଁ ବରଂ ନିଜେ ନିଜ ଘରେ ରହି ନିଜ ଘର ଲୋକମାନଙ୍କ ସହିତ ମିଶି ନିଜର ସାମୁହିକ ନମାଜ ପଢ଼ିପାରିବେ ।

ପ୍ରଶ୍ନ:- ସେହି ସାକ୍ଷାତକାରରେ ମୁଁ ହଜୁର ଅନୱର ଅ:ବ:ଅଙ୍କ ଗୋଚରେ ନିବେଦନ କଲି ଯେ, ଆଜିକାଲି ଯେଉଁ ଅସୁବିଧା ଚାଲିଛି ଓ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି, ଏପରି ସ୍ଥଳେ ଯଦି ଘରର ଲୋକମାନେ ବାଜମାତ ନମାଜ ପାଠ କରନ୍ତି ତା’ହେଲେ କଣ ମହିଳାମାନଙ୍କ ମଧ୍ୟରୁ କିଏ ବାଜମାତ ନମାଜ ନିମନ୍ତେ ଅକମାତ୍ କହିପାରିବେ, ତତ୍‌ସହି ଯଦି ଇମାମ୍ କିଛି ଭୂଲିଯାଆନ୍ତି ତା’ହେଲେ କଣ ସେଠାରେ ଶବ୍ଦ ଉଚ୍ଚାରଣ କରିପାରିବେ ? ଏଥିରେ ହଜୁର ଅନୱର ଅ:ବ:ଅ କହିଲେ,

ଉତର:- ଯଦି କେବଳ ନିଜ ଘରର ପୁରୁଷ ଓ ମହିଳାମାନେ ଥିବେ ତା’ହେଲେ କୌଣସି ମହିଳା ଶବ୍ଦ ଉଚ୍ଚାରଣ କରି ଇମାମ୍‌ଙ୍କୁ ସୁଚିତ କରିପାରିବେ କିନ୍ତୁ ଯଦି ବାହାରର ପୁରୁଷମାନେ ମଧ୍ୟ ଥିବେ ତା’ହେଲେ ଆଁ ହଜୁର ସ:ଆ:ସଙ୍କ ଆଦେଶ ମୁତାବକ ଯଦି ଇମାମ୍‌ଙ୍କର କୌଣସି ଭୂଲ ବା ତ୍ରୁଟି ରହିଯାଏ ତା’ହେଲେ ଏପରି ସ୍ଥଳେ ମହିଳା କେବଳ ତାଳି ମାରିବେ ପାଟିରୁ କୌଣସି ଶବ୍ଦ ଉଚ୍ଚାରଣ କରିବେ ନାହିଁ ବା ସୁବ୍‌ହାନଲ୍ଲାଃ କହିବେ ନାହିଁ ।

ପୁଣି କହିଲେ, ମହିଳାମାନେ ଅକାମତ୍ କରିପାରିବେ ନାହିଁ । ଯଦି ତାଙ୍କ ନିଜ ଘରେ ବି ନମାଜ ପାଠ କରାଯାଉଥାଏ ତା’ହେଲେ ବି ମହିଳାମାନେ ଏକାମତ୍ କହିପାରିବେ ନାହିଁ କାରଣ ଆଁ ହଜୁର ସ:ଆ:ସ ଏହାର ଅନୁମତି ଦେଇନାହାନ୍ତି । ହଜରତ ମସିହ ମଉଦ ଆ:ସଙ୍କ ସମ୍ବନ୍ଧରେ ମଧ୍ୟ ଆସୁଅଛି ଯେ, ସେ ଯେତେବେଳେ କୌଣସି ଅସୁବିଧା ବଶତଃ ନିଜ ଘରେ ନମାଜ ପାଠ କରୁଥିଲେ ଏବଂ ହଜରତ ଅମ୍ମାଜାନ୍ ର:ଅଙ୍କୁ ସେହି ନମାଜରେ ନିଜ ସହିତ ଛିଡ଼ା କରାଉଥିଲେ ସେଠାରେ ଏକଥା ଦେଖିବାକୁ ମିଳେନାହିଁ ଯେ, କେବେ ବି ଆପଣ ଆ:ସ ହଜତର ଅମ୍ମାଜାନ୍ ର:ଅଙ୍କୁ ଅକାମତ୍ କହିବା ପାଇଁ ଆଦେଶ ଦେଇଥିବେ (ହଜରତ ମସିହ ମଉଦ ଆ:ସ ହଜରତ ଅମ୍ମାଜାନ୍ ର:ଅଙ୍କୁ ଯେଉଁ ଅସୁବିଧା ଯୋଗୁଁ ନମାଜରେ ନିଜ ସଙ୍ଗେ ଛିଡ଼ା କରାଉଥିଲେ ସେହି ଅସୁବିଧାକୁ ହଜରତ ଅମ୍ମାଜାନ୍ ର:ଅ ବର୍ଣ୍ଣନା କରିଛନ୍ତି) ତେଣୁ ଅକାମତ୍ ପୁରୁଷ ନିଜେ ହିଁ କହିବେ ପୁଣି ଏହିପରି ଅକାମତ୍ ସମ୍ବନ୍ଧରେ ହଦିସରେ ମଧ୍ୟ ଆସିଅଛି ଯେ, ଆବଶ୍ୟକ ପଡ଼ିଲେ ଇମାମ୍ ନିଜେ ଇକାମତ୍ କହିପାରିବେ ।

ହଜୁର ଅନୱର ଅ:ବ:ଅ ନିଜର ପବିତ୍ର କଥନରେ ଯେଉଁ ହଦିସ୍ ପ୍ରତି ଇସାରା କରିଛନ୍ତି ତାହା ସୁନନେ ତିର୍‌ମିଜି ପୁସ୍ତକରେ ଅମ୍‌ରୋ ବିନ୍ ଉସ୍‌ମାନ୍ ବିନ୍ ୟାଲି ବିନ୍ ମର୍‌ହା ର:ଅ ଙ୍କଠାରୁ ବର୍ଣ୍ଣିତ ଅଛି ଯାହାକୁ ସେ ନିଜ ବାପାଙ୍କଠାରୁ ଏବଂ ତାଙ୍କ ଜେଜ(ହଜରତ ୟାଲି ବିନ୍ ମର୍‌ରାଃ ର:ଅ)ଙ୍କଠାରୁ ରିୱାୟତ କରିଛନ୍ତି ଯେ, ସେମାନେ ନବୀ ଅକ୍‌ରମ୍ ସ:ଆ:ସଙ୍କ ସହିତ ଗୋଟିଏ ଯାତ୍ରାରେ ଥିଲେ । ଯେତେବେଳେ ସେମାନେ ଗୋଟିଏ ସଂକୀର୍ଣ୍ଣ ସ୍ଥାନରେ ପହଂଚିଲେ ସେତେବେଳେ ନମାଜ ପଢ଼ିବାର ସମୟ ହୋଇଗଲା ଉପରୁ ଆକାଶରୁ ବର୍ଷା ବରସିବା ଲାଗିଗଲା, ତଳ ଭୂଇଁ କାଦୁଅ ହୋଇଗଲା ତେଣୁ ରସୁଲୁଲ୍ଲାଃ ସ:ଆ:ସ ନିଜ ବାହନ ଉପରେ ବସି ଅଜାନ୍ ଦେଲେ ଏବଂ ଅକାମତ୍ ମଧ୍ୟ କହିଲେ । ପୁଣି ହଜୁର ସ:ଆ:ସ ନିଜ ବାହାନଟିକୁ ଆଗକୁ ବଢ଼ାଇଲେ ଏବଂ ଇସାରା କରି ସେମାନଙ୍କୁ ନମାଜ ପଢ଼ାଇଲେ । ମହାଭାଗ ସ:ଆ:ସ ସିଜ୍‌ଦାଃ ଏବଂ ରୁକୁରେ ଅଧିକ ନଇଁ ଯାଉଥିଲେ *(ଜାମେ ତିର୍‌ମିଜ୍ କିତାବୁସ୍ ସଲାତ୍ ....)*

ପ୍ରଶ୍ନ:- ଆରବ ଦେଶରୁ ଆଉ ଜଣେ ବନ୍ଧୁ ହଜୁର ଅନୱର ଅ:ବ:ଅଙ୍କ ଗୋଚରେ ଲେଖି ଏ କଥା ଜାଣିବାକୁ ଚାହିଁଲେ ଯେ, ମିଲ୍‌କେ ୟମିନ୍‌ର ଅର୍ଥ କ’ଣ । ତଲାକ୍‌ର ସଠିକ୍ ସର୍ତାବଳୀ ସବୁ କ’ଣ । ଯଦି ଏକା ଥରକେ ମୁହଁରେ ତଲାକ କହି ଦେବା ଦ୍ୱାରା କେଉଁ ପ୍ରକାର ତଲାକ୍ ର ନିର୍ଦ୍ଦେଶ ରହିଛି ? ନିଜର ଚିଠି ୧୪ ଜାନୁୟାରୀ ୨୦୨୦ ମସିହାରେ ଏହି ପ୍ରଶ୍ନର ଉତର ନିମ୍ନଲିଖିତ ପ୍ରଦାନ କରିଛନ୍ତି ।

ଉତର:- ଇସ୍‌ଲାମ୍‌ର ପ୍ରାରମ୍ଭିକ ଯୁଗରେ, ଯେତେବେଳେ ଇସ୍‌ଲାମ୍‌ର ଶତ୍ରୁମାନେ ମୁସଲମାନମାନଙ୍କୁ ନାନା ପ୍ରକାରର ଅତ୍ୟାଚାର କରୁଥିଲେ, ଯଦି କୌଣସି ଗରିବ ଅସହାୟ ମୁସଲମାନଙ୍କ ପତ୍ନି ସେମାନଙ୍କ ହାତରେ ଲାଗିଯାଉଥିଲା ତା’ହେଲେ ସେମାନେ ତାକୁ କ୍ରୀତଦାସୀ ଭାବରେ ନିଜ ପତ୍ନିମାନଙ୍କ ମଧ୍ୟରେ ସାମିଲ କରିନେଉଥିଲେ । ଅତଏବ **ୟଜାଉ ସୟିଅତିନ୍ ସୟିଅତୁନ୍ ମିସ୍‌ଲୁହା** ର ପବିତ୍ର କୁରଆନ୍ ଶିକ୍ଷା ମୁତାବକ ଶତ୍ରୁପକ୍ଷଙ୍କର ମହିଳାମାନେ ଯେଉଁମାନେ ଇସ୍‌ଲାମ୍ ଉପରେ ଆକ୍ରମଣ କରିବାକୁ ଆସିଥିବା ସୈନ୍ୟମାନଙ୍କ ସହିତ, ସେମାନଙ୍କୁ ସାହାଯ୍ୟ କରିବାକୁ ଆସିଥାନ୍ତି, ଏବଂ ସେ ଯୁଗରେ ଯୁଦ୍ଧ ନୀତି ମୁତାବକ ସେମାନଙ୍କୁ କ୍ରୀତଦାସୀ ଭାବରେ ବନ୍ଦି କରିନିଆଯାଉଥିଲା । ପୁଣି ଶତ୍ରୁପକ୍ଷଙ୍କ ସେହି ମହିଳାମାନେ କ୍ଷତି ପୂରଣ ପ୍ରଦାନ କରି ବା ମକ୍ଲାତିବତ୍ (ଅର୍ଥାତ କିସ୍ତିରେ ଅର୍ଥ ପଇଠ କରିବା ନିମନ୍ତେ ଚୁକ୍ତି ଲେଖା) ଅନୁସାରେ ଯଦି ନିଜକୁ ସ୍ୱାଧିନ ନ କରିଥାନ୍ତି, ଯେହେତୁ ସେ ଯୁଗରେ ଏପରି ଯୁଦ୍ଧ ବନ୍ଦୀ ମାନଙ୍କୁ ରଖିବା ପାଇଁ କୌଣସି ସରକାରୀ ଜେଲ୍‌ଖାନା ଇତ୍ୟାଦି ନଥିଲା, ତେଣୁ ସେମାନଙ୍କୁ ସେହି ସୈନ୍ୟଦଳରେ ଥିବା ସେନାମାନଙ୍କ ମଧ୍ୟରେ ବାଂଟି ଦିଆଯାଉଥିଲା । ଇସ୍‌ଲାମୀୟ ଶିକ୍ଷା ମୁତାବକ ସେହି ମହିଳାମାନଙ୍କୁ ମିଲ୍‌କେ ୟମିନ୍ କୁହାଯାଇଥାଏ ।

ଏତଦ୍‌ବ୍ୟତିତ ମିଲ୍‌କେ ୟମିନ୍ ପ୍ରସଙ୍ଗରେ ଏ କଥା ବି ମନେରଖିବା ଉଚିତ ଯେ, ଶତ୍ରୁପକ୍ଷର ମହିଳାମାନଙ୍କ ସହିତ ଏଭଳି ବ୍ୟବହାର କରିବାକୁ ଅନୁମତି ଦେଇନାହି ଯେ, କେବଳ ଏହି କାରଣ ଯୋଗୁଁ କି ସେମାନେ ହେଉଛନ୍ତି ଶତ୍ରୁମାନଙ୍କ ପକ୍ଷର ଏବଂ ସେହି ମହିଳାମାନଙ୍କୁ ଧରି ଆଣ ଓ ନିଜର କ୍ରୀତଦାସୀ ବନେଇଦିଅ ବରଂ ଇସ୍‌ଲାମ୍‌ର ଶିକ୍ଷା ହେଉଛି ଏହା ଯେ, ଯେଉଁ ପର୍ଯ୍ୟନ୍ତ ରକ୍ତପାତର ଏକ ଯୁଦ୍ଧ ନ ହୋଇଛି ସେ ପର୍ଯ୍ୟନ୍ତ କାହାକୁ ବି ବନ୍ଦୀ କରାଯାଇପାରିବ ନାହିଁ । ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ କହିଛନ୍ତି **ମାକାଆନା ଲିନବ୍ୱିନ୍ .............. ଅଜିଜୁନ୍ ହକିମ୍ (ସୁରାଃ ଅନ୍‌ଫାଲ୍:୬୮)** ଅର୍ଥାତ କୌଣସି ନବୀ ପାଇଁ ଏହା ବୈଧ କରାଯାଇନାହିଁ ଯେ, ସେ ଭୂପୃଷ୍ଠରେ ରକ୍ତପାତ ମୂଳକ ଯୁଦ୍ଧ କରିବା ବିନା କାହାକୁ ବନ୍ଦୀ କରୁ । ତୁମମାନେ ସାଂସାରିକ ଭୋଗବିଳାସ ଚାହୁଁଅଛ ଯେବେ କି ଅଲ୍ଲାଃ ତାଲାର ଅଖିରତ୍ (ଅର୍ଥାତ ପରକାଳ) କୁ ପସନ୍ଦ କରିଥାନ୍ତି ଏବଂ ଅଲ୍ଲାଃ ହେଉଛନ୍ତି ପରମ ପ୍ରତାପି (ଏବଂ) ସର୍ବଜ୍ଞ ।

ଏଠାରେ ରକ୍ତପାତମୂଳକ ଯେଉଁ ଯୁଦ୍ଧର ସର୍ତ ଲଗାଯାଇଅଛି ଏପରି ସ୍ଥଳେ ଯୁଦ୍ଧ ଭୂମିରେ କେବଳ ସେହି ମହିଳାମାନଙ୍କୁ ବନ୍ଦି କରାଯାଉଥିଲା ଯେଉଁମାନେ ଯୁଦ୍ଧ କରିବା ପାଇଁ ସେଠାରେ ମହଜୁଦ୍ ରହୁଥିଲେ । ଏଥିପାଇଁ ସେମାନେ କେବଳ ମହିଳା ନଥିଲେ ବରଂ ଶତ୍ରୁପକ୍ଷଙ୍କ ତରଫରୁ ଯୁଦ୍ଧ କରିବାପାଇଁ ଆସିଥିବା ଯୁଦ୍ଧଖୋର୍ ମହିଳା ଥିଲେ ।

ଅତଏବ ଇସ୍‌ଲାମ୍ ମଣିଷକୁ କ୍ରୀତଦାସୀ ବା କ୍ରୀତଦାସ କରିବା ସପକ୍ଷରେ କଦାପି ନାହିଁ । ଇସ୍‌ଲାମ୍‌ର ପ୍ରାରମ୍ଭିକ ଯୁଗରେ, ସେ ସମୟର ବିଶେଷ ପରିସ୍ଥିତିରେ ବାଧ ହୋଇ ଏହାର ଅନୁମତି ଦିଆଯାଇଥିଲା କିନ୍ତୁ ଇସ୍‌ଲାମ୍ ଏବଂ ଆଁ ହଜରତ ସ:ଆ:ସ ବହୁତ ବୁଦ୍ଧିମତାର ସହିତ ସେହି ମହିଳାମାନଙ୍କୁ ବି ସ୍ୱାଧିନ କରିଦେବା ପାଇଁ ଉତ୍ସାହିତ କରିଛି । ଯେପର୍ଯ୍ୟନ୍ତ ସେମାନେ ନିଜେ ନିଜକୁ ସ୍ୱାଧିନ କରିବାକୁ ଚେଷ୍ଟା କରୁନଥିଲେ ବା ସେମାନଙ୍କୁ ସ୍ୱାଧିନ କରିଦିଆଯାଉନଥିଲା, ସେମାନଙ୍କ ସହିତ ଉତମ ବ୍ୟବହାର ଏବଂ ଅନୁଗ୍ରହ ପୂର୍ବକ ବ୍ୟବହାର କରିବା ପାଇଁ ତାଗିଦ୍ କରିଅଛି ।

ଯେତେବେଳେ ସେହି ବିଶେଷ ପରିସ୍ଥିତି

ଶେଷ ହୋଇଗଲା ଏବଂ ରାଷ୍ଟ୍ରିୟ ନିୟମକାନୁନ୍‌ର ନୂତନ ରୂପରେଖ ଗ୍ରହଣ କରାଗଲା, ଯେମିତି କି ଏବେ, ଏ ପ୍ରଥା ପ୍ରଚଳିତ, ତା' ହେଲେ ତା ସହିତ ହିଁ କ୍ରୀତଦାସୀ ତଥା କ୍ରୀତଦାସ ଅଧିଗ୍ରହଣ କରିବାର ବୈଧ୍ୟତା ମଧ୍ୟ ଶେଷ ହୋଇଗଲା । ଏବେ ଇସ୍‌ଲାମି ଶରିୟତ ଅନୁସାରେ କ୍ରୀତଦାସୀ ବା କ୍ରୀତଦାସ ରଖିବାର କୌଣସି ପ୍ରକାରର ଅନୁମତି ନାହିଁ ବରଂ ହକମ୍ ଓ୍ୱ ଅଦଲ୍ (ଅର୍ଥାତ ନ୍ୟାୟ ଓ ନିଷ୍ପତି ପ୍ରଦାନକାରୀ) ହଜରତ ମସିହ ମଉଦ ଆ:ସ ଏବଂ ଆଜିକାଲିର ଏହି ପରିସ୍ଥିତିରେ ତାହାକୁ ହରାମ୍ (ଅର୍ଥାତ ଅବୈଧ) ଭାବରେ ଅଭିହିତ କରିଛନ୍ତି ।

ତଲାକ୍‌ର ଯେଉଁ ସର୍ତାବଳୀ ଅଛି ତା ହେଉଛି ଏପରି କି ଯେବେ କୌଣସି ବ୍ୟକ୍ତି ନିଜ ପତ୍ନୀକୁ ସମ୍ପୁର୍ଣ୍ଣ ହୋସ୍ ତଥା ସଚେତନ ଅବସ୍ଥାରେ ନିଜ ଇଚ୍ଛା ମୁତାବକ ତଲାକ୍ ଦିଏ ତା'ହେଲେ ସେହି ତଲାକ୍ ମୌଖିକ ହେଉ ଅବା ଲିଖିତ, ଉଭୟ ସ୍ଥଳେ ପ୍ରଭାବି ହେବ ।

ସେହିପରି ଥରେମାତ୍ର ମୌଖିକରେ କୁହାଯାଇଥିବା ତଲାକ୍ ମଧ୍ୟ ତଲାକ୍‌ରେ ଗଣନା ହେବ ଯେବେକି ଇଦ୍ଦତ୍ (ଅର୍ଥାତ ଧାର୍ଯ୍ୟ ସମୟ ସୀମା) ମଧ୍ୟରେ ସ୍ୱାମୀଙ୍କୁ ପତ୍ନୀଙ୍କ ନିକଟକୁ ଫେରିଯିବାର ଅଧିକାର ରହିଛି କିନ୍ତୁ ସର୍ତ ହେଉଛି ଏହା ଯେ, ତୃତୀୟ ତଲାକ ହୋଇନଥିବ । କାରଣ ତୃତୀୟ ତଲାକ୍ ପରେ ନଅ ଇଦ୍ଦତ୍ ସମୟରେ ରୁଜୁ ହୋଇପାରିବ ଓ ନା ନୂଆ ନିକାହ୍ ହୋଇପାରିବ, ଯେ ପର୍ଯ୍ୟନ୍ତ ହକ୍‌କା ତନ୍‌କିହା ଜଉଦ୍ ଜନ୍ ଗୈରହୁ ସର୍ତପୂରଣ ନ ହୋଇଛି ଅର୍ଥାତ ତା' ର ସେହି ପତ୍ନୀ ଅନ୍ୟ କୌଣସି ପୁରୁଷକୁ ବିବାହ କରୁ ତା'ପରେ ପୁଣି ସ୍ୱାମୀ ସ୍ତ୍ରୀ ଦୁହିଁଙ୍କର ଦାମ୍ପତ୍ୟ ଜୀବନ ଅତିବାହିତ କରିବା ପରେ ସେଠାରୁ ବିନା କୌଣସି ଯୋଜନାରେ ଯଦି ସ୍ୱତଃପ୍ରୃତ ଭାବରେ ତଲାକ୍ ବା ଖୁଲା ଜରିଆରେ ଭାଗ ଭାଗ ହୋଇଯାଏ ବା ତା ସ୍ୱାମୀର ଦେହାନ୍ତ ହୋଇଯାଏ ତା'ହେଲେ ସେହି ମହିଳା ତା'ର ପ୍ରଥମ ସ୍ୱାମୀ ସହିତ ବିବାହ କରିପାରିବ ।

ଗୋଟିଏ ସମୟରେ ତିନିଥର ଦିଆଯାଇଥିବା ତଲାକକୁ କେବଳ ଗୋଟିଏ ତଲାକ ଭାବରେ ହିଁ ଗଣନା ହୋଇଥାଏ । ସୁତରାଂ ହଦିସ୍‌ରେ ହଜ୍‌ରତ୍ ରକନା ବିନ୍ ଅବ୍‌ଦେ ୟଜିବ୍ ବିନ୍ ର:ଅଙ୍କର ଗୋଟିଏ ଘଟଣା ମିଳୁଛି ଯେ ସେ ତାଙ୍କ ପତ୍ନୀଙ୍କୁ ଗୋଟିଏ ସମୟରେ ହିଁ ତିନିଥର ତଲାକ୍ ଦେଇ ଦେଇଥିଲେ । ଏଥିରେ ସେ ପରେ ବହୁତ ଦୁଃଖ ଅନୁଭବ ଓ ପଶ୍ଚାତାପ କରିଥିଲେ । ଯେତେବେଳେ ଏହି ମାମଲା ଆଁ ହଜରତ ସ:ଆ:ସଙ୍କ ନିକଟରେ ପଡ଼ିଲା ସେତେବେଳେ ଆଁ ହଜରତ ସ:ଆ:ସ କହିଲେ, ଏହିଭଳି ପରିସ୍ଥିତିରେ ଗୋଟିଏ ତଲାକ୍ ହିଁ ହୋଇଥାଏ । ଯଦି ତୁମେ ଚାହଁ ତା'ହେଲେ ତୁମ ପତ୍ନୀଙ୍କ ପାଖକୁ ଫେରି ଯାଅ । ଅତଏବ ସେ ନିଜ ପତ୍ନୀଙ୍କଦେଇଥିବେ ତଲାକ୍‌କୁ ଫେରାଇଦେଲେ ଏବୁ ପୁଣି ସେହି ପତ୍ନୀଙ୍କୁ ହଜର ଉମର ର:ଅଙ୍କ ଖିଲାଫତ ସମୟରେ ଦ୍ୱିତୀୟ ତଲାକ୍ ଏବଂ ହଜରତ ଉସମାନ୍ ର:ଅଙ୍କ ଖିଲାଫତ୍ ସମୟରେ ତୃତୀୟ ତଲାକ୍ ଦେଇଥିଲେ । *(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍.......... ହଦିସ୍ ନଂ ୨୨୬୬)*

**ପ୍ରଶ୍ନ-** ଆଉ ଜଣେ ବନ୍ଧୁ ହଜୁର ଅନଓ୍ୱର ଅ ବ ଅଙ୍କ ଗୋଚରେ ଜମଲ୍ ଯୁଦ୍ଧରେ ଶହୀଦ ହୋଇଯାଇଥିବା ଲୋକମାନଙ୍କ ପଦମର୍ଯ୍ୟାଦା ସମ୍ପର୍କରେ ମହିଳାମାନଙ୍କ ଅର୍ଦ୍ଧ ସାକ୍ଷ୍ୟକୁ ଆଖି ଆଗରେ ରଖି ହଜରତ ଆଇଶା ର ଅଙ୍କଠାରୁ ବର୍ଣ୍ଣିତ ହୋଇଥିବା ହଦିସ୍‌ଗୁଡ଼ିକର ସ୍ଥିତି ସମ୍ବନ୍ଧରେ ଜାଣିବାକୁ ଚାହିଁଲେ ତତ୍ ସହିତ ଟ୍ରାନ୍ସଜେଣ୍ଡରମାନଙ୍କ ଓ୍ୱରାସତ୍ ଅର୍ଥାତ ପୈତୃକ ସମ୍ପତିରୁ ଭାଗ ପାଇବା ଏବଂ ସେମାନଙ୍କର ସାକ୍ଷ୍ୟ ସମ୍ବନ୍ଧରେ କିପ୍ରକାରର ବ୍ୟବସ୍ଥା ରହିଛି ଜାଣିବାକୁ ଚାହିଁଲେ । ହଜୁର ଅନଓ୍ୱର ଅ ବ ଅ ନିଜର ଚିଠି ଲିଖିତ ୧୪ ଜାନୁୟାରୀ ୨୦୨୦ ରେ ଉପରୋକ୍ତ ପ୍ରଶ୍ନଗୁଡ଼ିକର ନିମ୍ନଲିଖିତ ଉତର ପ୍ରଦାନ କଲେ ।

**ଉତର:** ଜମଲ୍ ଯୁଦ୍ଧର ବାସ୍ତବିକତା ହେଉଛି ଏହା ଯେ, ତାହାର ସମସ୍ତ କାର୍ଯ୍ୟକ୍ରମ ପଛରେ ସେହି ବିଭ୍ରାଟକାରୀ ଓ ଖଳ ଲୋକମାନଙ୍କର ହାତ ଥିଲା, ଯେଉଁମାନେ ହଜରତ ଉସ୍‌ମାନ୍ ର ଅଙ୍କୁ ହତ୍ୟା କରିବା ପରେ ମଦିନାକୁ କବ୍‌ଜା କରିନେଇଥିଲେ ଏବଂ ଏହି ଯୁଦ୍ଧ ମଧ୍ୟ ସେହି ବିଭ୍ରାଟକାରୀ ଲୋକମାନେ ଦୁଇଟି ମୁସଲମାନ ଦଳମାନଙ୍କ ମଧ୍ୟରେ ଭୁଲ ବୁଝାମଣା ସୃଷ୍ଟି କରାଇ ଯୁଦ୍ଧ କରାଇଥିଲେ । ସେ ଯୁଗର ଇତିହାସ ଓ ଆମର ଏହି ଯୁଗର ଇତିହାସ ମଧ୍ୟରେ ଶହ ଶହ ବର୍ଷ ପରଦା ପଡ଼ିଯାଇଛି । ଅନେକ ସଂଶୟପୂର୍ଣ୍ଣ କଥା ତଥା ରିଓ୍ୱାୟତଗୁଡ଼ିକ ପ୍ରତିବନ୍ଧକ ସାଜିଛନ୍ତି । ପୁଣି ଅନେକ ପ୍ରକାରର ସଂଶୟ ଜାଣିଶୁଣି ମଧ୍ୟ ସେଥିରେ ପ୍ରବେଶ କରାଯାଇଅଛି ।

କିନ୍ତୁ ସ୍ଥାୟୀ ବାସ୍ତବିକତା ହେଉଛି ତାହା ଯାହାକୁ ପବିତ୍ର କୁରଆନ୍ ବର୍ଣ୍ଣନା କରିଅଛି । ତାହା ହେଉଛି ଏହା କି ଅଲ୍ଲାଃ ତାଲା ରସୁଲୁଲ୍ଲାଃ ସ ଆ ସଙ୍କ ସାହାବି ଏବଂ ସୁକର୍ମ କରି ଓ ତାଙ୍କ ଅନୁସରଣକାରୀ ସମ୍ପର୍କରେ ସମ୍ବନ୍ଧରେ **ରଜିଓ୍ୱଲାହୁ ଅନୁହୁମ୍ ଓ୍ୱରଜୁ ଅନୁହୁ** ପରି ଅନୁକରଣୀୟ ଓ ସୁନ୍ଦର ଶବ୍ଦ ବ୍ୟବହାର କରିଛନ୍ତି ଓ ପରେ ଆସିବାକୁ ଥିବା ଲୋକମାନଙ୍କ ଗୁଣ ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି ଯେ ସେମାନେ ଏହି ଲୋକମାନଙ୍କ ସମ୍ବନ୍ଧରେ ଏ ପ୍ରାର୍ଥନା କରିଥାନ୍ତି ଯେ, **ରବ୍‌ନଗ୍‌ଫିର୍‌ଲନା ଓ୍ୱଲି ଇଖ୍‌ଓ୍ୱାନିନା.......... ଲିଲ୍ ଲଜିନା ଆମନୁ** ଅର୍ଥାତ ହେ ଆମ୍ଭର ପାଳନକର୍ତା ! ଆମକୁ କ୍ଷମା ପ୍ରଦାନକର ଏବଂ ଆମର ସେହି ଭାଇମାନଙ୍କୁ ମଧ୍ୟ କ୍ଷମା ପ୍ରଦାନ କର ଯେଉଁମାନେ ବିଶ୍ୱାସ ଆଣିବାରେ ଆମମାନଙ୍କଠାରୁ ଆଗକୁ ବଳିଗଲେ । ଓ ଆମ ହୃଦୟରେ ସେହି ଲୋକମାନଙ୍କ ପାଇଁ ଯେଉଁମାନେ ବିଶ୍ୱାସରେ ଆମମାନଙ୍କଠାରୁ ଆଗକୁ ବଢ଼ିଯାଇଛନ୍ତି, କୌଣସି ପ୍ରକାରର ଖରାପ ଧାରଣା ରହିବାକୁ ଦିଅନାହିଁ ।

ଅତଏବ ଏପରି ସୁନ୍ଦର ସାକ୍ଷ୍ୟର ଅବସ୍ଥିତିରେ ଆମେ ନିଶ୍ଚିତ ରୂପେ ଏହା କହିପାରିବା ଯେ, ଏହି ଯୁଦ୍ଧରେ ମୁନାଫିକ୍‌ମାନଙ୍କ ଅର୍ଥାତ ବିପଥଗାମୀମାନଙ୍କ ଦୁଷ୍ଟାମି ଓ ଧୋକାର ସ୍ୱୀକାର ହୋଇ ଦୁଇ ତରଫରୁ ଶହୀଦ ହୋଇଥିବା ଲୋକମାନେ ନିଶ୍ଚିତ ରୂପେ ନିରୀହ ଥିଲେ । ଯେଉଁମାନଙ୍କ ସମ୍ବନ୍ଧରେ ଆମକୁ କୌଣସି ଅକ୍ତିୟାର ନାହିଁ ଯେ ଆମେ ସେମାନଙ୍କ ଉପରେ ହାକିମ୍ ହୋଇ କୌଣସି ଫତୁଓ୍ୱା ଜାରି କରିବା ଯେ, ସେମାନଙ୍କର କଣ ସ୍ଥାନ ଥିଲା ।

ମହିଳାମାନଙ୍କର ସାକ୍ଷ୍ୟ ଦେବା ସମ୍ବନ୍ଧରେ ଏକଥା ଭାବିବା ଠିକ୍ ନୁହେଁ ଯେ ସେମାନଙ୍କର ସାକ୍ଷ୍ୟ ହେଉଛି ଅଧା । ଏପରି କିଛି ବିଷୟ ରହିଛି ଯେଉଁଥିରେ ମହିଳମାନଙ୍କୁ ଦୈନନ୍ଦିନ ଜୀବନରେ କୌଣସି ପ୍ରକାରର ସମ୍ବନ୍ଧ ନାହିଁ ଯଦି ସେହିସବୁ ମାମଲାରେ ମହିଳାମାନଙ୍କର ସାକ୍ଷ୍ୟଗ୍ରହଣ କରିବାକୁ ବାଧ୍ୟ କରାଯାଏ ,ତାହେଲେ ପବିତ୍ର କୁରଆନ୍ ଏ ମାର୍ଗଦର୍ଶନ କରିଛି ଯେ ସାକ୍ଷ୍ୟ ଦେବାକୁ ଥିବା ମହିଳା ସହିତ ଆଉ ଜଣେ ମହିଳାଙ୍କୁ ସାମିଲ୍ କରାଯାଉ । (ଯେହେତୁ ଏହି ମାମଲାଗୁଡିକର ସମ୍ବନ୍ଧ ମହିଳାମାନଙ୍କ ସହିତ ନାହିଁ ତେଣୁ)ଯଦି ସାକ୍ଷ୍ୟ ଦେଉଥିବା ମହିଳାଜଣକ କୌଣସି କାରଣରୁ ଭୂଲିଯାଏ ତାହେଲେ ଦ୍ୱିତୀୟ ମହିଳାଜଣକ ତାକୁ ମନେପକାଇଦେବ । ନଚେତ ସେହି ଏକାକୀ ମହିଳାର ସାକ୍ଷ୍ୟ ହିଁ ଗଣନା କରାଯିବ ।

ଏବଂ ଯେଉଁ ମାମଲାଗୁଡିକର ସମ୍ବନ୍ଧ ବିଶେଷ ଭାବରେ ମହିଳାମାନଙ୍କ ସହିତ ରହିଛି ,ସେଥିରେ ସେହି ଏକାକୀ ମହିଳାର ସାକ୍ଷ୍ୟ ଉପରେ ପବିତ୍ର ରସୁଲୁଲ୍ଲାଃ ସ ଆ ସ ନିଷ୍ପତି କରିଛନ୍ତି । ଅତଃ ସହି ବୁଖାରୀରେ ଏହି ହଦିସ ଆସିଛି ଯେ ହଜରତ୍ ଅକବା ବିନ୍ ହାରିସ୍ ର ଅ ଜଣେ ମହିଳାଙ୍କୁ ବିବାହ କରିଥିଲେ । ଏଥିରେ ଜଣେ ସାଧାରଣ ମହିଳା ଆସି କହିଲେ ଯେ ସେ ଏହି ବିବାହ କରୁଥିବା ଦମ୍ପତି ଦ୍ୱୟକୁ ଖୀର ପାନ କରାଇଛି । ସ୍ୱାମୀଙ୍କର ସେହି ମହିଳାଙ୍କଠାରୁ ଖୀରପାନ କରିବା ବିଷୟ ଜାଣିନଥିବ କଥା କହିବା ସତ୍ତ୍ୱେ ମଧ୍ୟ ମହାଭାଗ ସ ଆ ସ ସେହି ସ୍ୱାମୀ ସ୍ତ୍ରୀ ଦ୍ୱୟଙ୍କୁ ଅଲଗା କରାଇଦେଲେ ।

ଯେଉଁଠି ମୁଖନ୍ନସ୍ ଅର୍ଥାତ୍ ଟ୍ରାନ୍ସଜେଣ୍ଡର୍‌ମାନେ ପୈତୃକ ସମ୍ପତିରୁ ଭାଗ ପାଇବା କଥା ଉଠୁଛି ,ଏ ସମ୍ବନ୍ଧରେ ତାହାର ସମାଧାନ ହେଉଛି ଏହା କି ସେହି ଟ୍ରାନ୍ସଜେଣ୍ଡର୍ ବ୍ୟକ୍ତିର ଲକ୍ଷଣ ଯେଉଁ ଆଡକୁ ଅଧିକା ଥିବ,(ଅର୍ଥାତ୍ ପୁରୁଷର ଲକ୍ଷଣ ଯଦି ଅଧିକା ଥାଏ ବା ନାରୀର ଲକ୍ଷଣ ଅଧିକା ଥାଏ)ତାହେଲେ ତାମୁତାବକ ତାକୁ ପୈତୃକ ସମ୍ପତିରୁ ଭାଗ ମିଳିବ । ଯଦି ତାଠରେ ପରୁଷର ପ୍ରତୀକ ଗୁଡିକ ପ୍ରଧାନ୍ୟ ଥାଏ ତାହେଲେ ତାକୁ ପୁରୁଷର ଭାଗ ମିଳିବ । ଯଦି ତାଠାରେ ନାରୀର ପ୍ରତୀକ ଗୁଡିକ ର ପ୍ରାଧାନ୍ୟ ଥାଏ ତାହେଲେ ତାକୁ ନାରୀପାଇଁ ଧାର୍ଯ୍ୟଥିବା ସମ୍ପତିର ଭାଗ ମିଳିବ । ଯଦି ଦୁଇପ୍ରକାରର ଲକ୍ଷଣ (ପ୍ରତୀକ)ସମାନ ଥାଏ ତାହେଲେ ହଜରତ୍ ଇମାମ୍ ଅବୁ ହନିଫା ର ଅ ଙ୍କ ଫତଓ୍ୱା ମୁତାବକ ତାକୁ ଦୁଇଜଣଙ୍କର ଭାଗ ମଧ୍ୟରୁ ଯାହାର ଭାଗ ସାନ(ଛୋଟ),ସେହି ସାନ ଭାଗଟି ମିଳିବ ।

ପ୍ରଶ୍ନ -ଜଣେ ବନ୍ଧୁ ହଜୁର୍ ଅନଓ୍ୱର୍ ଅ ବ ଅଙ୍କ ଗୋଚରେ ଲେଖି ଏକଥା ଜାଣିବାକୁ ଚାହିଁଲେ ଯେ କ'ଣ ଧର୍ମ ଜଗତରେ ଚାଳିଶ ସଂଖ୍ୟାର କୌଣସି ମହତ୍ୱ ରହଛି ? ହଜୁର୍ ଅନଓ୍ୱର୍ ଅ ବ ଅ ନିଜର ଚିଠି ଲିଖିତ ୧୪ ଜାନୁୟାରୀ ୨୦୨୦ ମସିହାରେ ଏ ପ୍ରଶ୍ନର ଉତର ନିମ୍ନ ଲିଖିତ ପ୍ରଦାନ କରିଛନ୍ତି ।

ଉତର -ପବିତ୍ର କୁରଆନ୍ ତଥା ହଦିସମାନଙ୍କର ଅଧ୍ୟୟନ କରିଲେ ଏକଥା ଜଣା ପଡୁଛି ଯେ ଶାରୀରିକ ପରିପକ୍ୱତା ଏବଂ ଆଧ୍ୟାତ୍ମିକ ପୂର୍ଣ୍ଣତା ନିମନ୍ତେ ଚାଳିଶ ସଂଖ୍ୟାର ବିଶେଷ ପ୍ରାସଙ୍ଗିକତା ରହିଛି । ସୁତରାଂ ପବିତ୍ର କୁରଆନ୍ ରେ ଅଲ୍ଲାଃତାଲା ମନୁଷ୍ୟର ଜନ୍ମ ବିଷୟରେ କୁହନ୍ତି :-**ହତ୍‌ତା ଇଜା ବଲଗା ଅଶୁଦହୁ ଓ୍ୱ ବଲଗା ଅରବଇନା ସନାଃ** ଅର୍ଥାତ୍ ଯେବେ ସେ ନିଜର ପରିପକ୍ୱତା ବୟସରେ ପହଂଚିଲା ଏବଂ ଚାଳିଶ ବର୍ଷର ହୋଇଗଲା ।

ହଜରତ ମୁସା ଆ ସ ଙ୍କ ସମ୍ବନ୍ଧରେ ଅଲ୍ଲାଃତାଲା ପବିତ୍ର କୁରଆନରେ କୁହନ୍ତି :- **ଓ୍ୱ ଓ୍ୱାଅଦନା ମୁସା ସଲାସିନା ଲୈଲତନ୍ ଓ୍ୱ ଅତ୍‌ମମ୍‌ନାହା ବିଅଶ୍‌ରିନ୍ ଫତମ୍ମା ମିକାତୁ ରବ୍‌ବିହି ଅରବଇନା ଲୈଲତନ୍** ଅର୍ଥାତ୍ ଆମ୍ଭେ ମୁସ ଆ ସ ଙ୍କ ସହିତ ତିରିଶି ରାତିର ପ୍ରତିଶୃତି ଦେଇଥିଲୁ ଏବଂ ତାହାକୁ ଆଉ ଦଶ (ରାତି ଅଧିକା)କରି ପୂରଣ କଲୁଁ । ଅତଃ ତା ପ୍ରଭୂଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଅବଧି ଚାଳିଶ ରାତିରେ ସମ୍ପୂର୍ଣ୍ଣ ହେଲା ।

ଆମ ମୁନୀବ ଓ ସଖା ହଜରତ୍ ମୁହମ୍ମଦ୍ ମୁସ୍ତଫା ସ ଆ ସ ଙ୍କୁ ଚାଳିଶ ବର୍ଷ ବୟସରେ ନବୁଓ୍ୱତ୍ ର ପଦବୀରେ ଅଧିଷ୍ଠିତ କରାଗଲା । ହଦିସରେ ଆସୁଛି ଯେ :-ହଜୁର୍ ସ ଆ ସ କହିଲେ କି ମଣିଷ ନିଜ ମା ପେଟରେ ଚାଳିଶ ଦିନ ପର୍ଯ୍ୟନ୍ତ ନୁତଫା ଆକାରରେ ରହିଥାଏ ,ଚାଳିଶ ଦିନ ପର୍ଯ୍ୟନ୍ତ ଅଲକାଃ ଆକାରରେ ରହିଥାଏ,ଚାଳିଶ ଦିନ ପର୍ଯ୍ୟନ୍ତ ମୁଜଗା ଆକାରରେ ରହିଥାଏ ଏବଂ ପୁଣି ଅଲ୍ଲାଃତାଲା ଗୋଟିଏ ଫରିସ୍ତା (ଦେବଦୂତ)ପଠାଇ ତାଠାରେ ରୁହ୍ (ଆତ୍ମା)ଫୁଙ୍କିଥାଏ । ଏହିପରି ହଜୁର୍ ସ ଆ ସ କହିଲେ :-ଯେଉଁ ଲୋକ ଚାଳିଶ ଦିନ ପର୍ଯ୍ୟନ୍ତ ବାଜମାଅତ୍ (ସାମୁହିକ)ନମାଜ୍ ଏପରି ପଢିଥାଏ ଯେ ସେ ତକବୀରେ ତହରିମାରେ ସାମିଲ୍ ହେଉଥିବ , ତାହେଲେ ସେ ନର୍କାଗ୍ନୀ ତଥା ନିଫାକ୍ (କପଟତା)ରୁ ବର୍ଜୀରହିବ ବୋଲି ଉଲ୍ଲେଖ ଅଛି ।

ହଜରତ୍ ମସିହ୍ ମଉଦ୍ ଆ ସ ହୁଶିୟାରପୁର୍‌ଠାରେ ଚାଳିଶ ଦିନ ଚିଲ୍ଲାକଶି କରିଛନ୍ତି ଏବଂ ଅଲ୍ଲାଃତାଲା ଆପଣ ଆ ସ ଙ୍କୁ ଇସଲାମର ସମ୍ମନ, ମୁହମ୍ମଦ୍ ମୁସ୍ତଫା ସ ଆ ସ ଙ୍କ ସତ୍ୟତା ତଥା ମହିମା ଦେଖାଇବା

ପାଇଁ ଗୋଟିଏ ପ୍ରତିଶୃତ ପୁତ୍ରର ଜନ୍ମ ହେବା ବିଷୟର ମାହାନ ସୁସମାଚାର ପ୍ରଦାନ କଲେ । ସେହିପରି ହଜରତ୍ ମସିହ୍ ମଉଦ୍ ଆ ସ କହିଲେ ଯେ ଯଦି କିଏ ମୋ ନିକଟରେ ଚାଳିଶ ଦିନ ରହିବ ସେ ନିଶ୍ଚିତ ରୂପେ ଅଲ୍ଲାଃତାଲାଙ୍କର କିଛି ନା କିଛି ନିଦର୍ଶନକୁ ଦେଖିନେବ ।

ପୁଣି ଚାଳିଶ ବର୍ଷ ବୟସକୁ ପରପକ୍ୱତାର ବୟସ କୁହାଯାଏ । ତେଣୁ ଆମ ଜମାଅତରେ ଅନସାରୁଲ୍ଲାଃ ସଂଗଠନ ଚାଳିଶ ବର୍ଷ ବୟସର ଲୋକମାନଙ୍କଠାରୁ ଆରମ୍ଭ ହୋଇଥାଏ । ଅତଃ ଏହି ଉଦାହରଣରୁ ପ୍ରମାଣିତ ହୋଇଥାଏ ଯେ ଚାଳିଶ ସଂଖ୍ୟାଟି ସାଂସାରୀକ ଦୃଷ୍ଟିକୋଣରୁ ପରିପକ୍ୱତା ପାଇଁ ଏବଂ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ସମ୍ପୂର୍ଣ୍ଣତା ପାଇଁ ବ୍ୟବହାର ହୋଇଥାଏ ।

ପ୍ରଶ୍ନ -ଜଣେ ବନ୍ଧୁ ହଜୁର୍ ଅନଓ୍ୱର୍ ଅ ବ ଅଙ୍କ ଗୋଚରେ ଲେଖି ଏକଥା ଜାଣିବାକୁ ଚାହିଁଲେ ଯେ ୟାଜୁଜ୍ ମାଜୁଜ୍ କିଏ ? ପୁଣି ଏକଥା ଜାଣିବାକୁ ନିବେଦନ କଲେ ଯେ କ'ଣ ଆଁ ହଜରତ୍ ସ ଆ ସ ହଜରତ୍ ମସିହ୍ ମଉଦ୍ ଆ ସଙ୍କୁ ସ୍ୱପ୍ନରେ ଦେଖିଛନ୍ତି କି ?

ହଜୁର୍ ଅନଓ୍ୱର୍ ଅ ବ ଅ ନିଜର ଚିଠି ଲିଖିତ ୧୪ ଜାନୁୟାରୀ ୨୦୨୦ ମସିହାରେ ଏ ପ୍ରଶ୍ନର ଉତର ନିମ୍ନ ଲିଖିତ ପ୍ରଦାନ କରିଛନ୍ତି ।

ଉତର :-ଶେଷ ଯୁଗରେ ଇସଲାମ୍ ଯେଉଁ ସବୁ ଦୁଃଖ ଓ ବିପତିରେ ପଡିବାକୁ ଥିଲା , ସେଥିରେ ଦଜ୍ଜାଲ୍ ଏବଂ ୟାଜୁଜ୍ ମାଜୁଜ୍ ବିଷୟରେ ବିଶେଷ ଭାବରେ ଉଲ୍ଲେଖ ରହିଛି । ଏବଂ ଦଜ୍ଜାଲ୍ ଏବଂ ୟାଜୁଜ୍ ମାଜୁଜ୍ ଗୋଟିଏ ଫିତନା(ବିଭ୍ରାଟ)ର ଭିନ୍ନ ଭିନ୍ନ ପ୍ରଦର୍ଶନ । ଦଜ୍ଜାଲ୍ ଏହି ଫିତନା(ବିଭ୍ରାଟ)ର ଧାର୍ମିକ ପାର୍ଶ୍ୱର ନାମ । ଯାହାର ଅର୍ଥ ହେଉଛି ଏହାକି ଏହି ଗୋଷ୍ଠୀ ଶେଷ ଯୁଗରେ ଲୋକମାନଙ୍କର ଧାର୍ମିକ ବିଶ୍ୱାସ ତଥା ଧାର୍ମିକ ଆସ୍ଥାରେ ବିଶୃଙ୍ଖଳା ସୃଷ୍ଟି କରିବେ ଏବଂ ସେହି ଯୁଗରେ ଯେଉଁ ଗୋଷ୍ଠୀ ରାଜନୈତିକ ପରିସ୍ଥିତିକୁ ଖରାପ କରିବ ଏବଂରାଜନୈତିକ ଶାନ୍ତି ତଥା ସ୍ଥିରତାକୁ ବିନାଶ କରିଦେବ ,ତାର ନାମ ୟାଜୁଜ୍ ମାଜୁଜ୍ ରଖାଯାଇଛି । ଏବଂ ଏହି ଉଭୟ ଗୋଷ୍ଠୀ ପାଶ୍ଚାତ୍ୟ ଖ୍ରୀଷ୍ଟିଆନ୍ ଦେଶଗୁଡିକର ସାଂସାରୀକ ତଥା ଭୌତିକ ଶକ୍ତି ଏବଂ ସେମାନଙ୍କର ଧାର୍ମିକ ପାର୍ଶ୍ୱକୁ ବୁଝାଏ ।

କିନ୍ତୁ ଏହା ସହିତ ଅଲ୍ଲାଃତାଲା ନିଜ ପ୍ରୀୟ ନବୀ ସ ଆ ସ ଙ୍କ ଜରିଆରେ ଆମକୁ ଏ ଖବର ମଧ୍ୟ ଦେଇଛନ୍ତି ଯେ ଯେବେ ଦଜ୍ଜାଲ୍ ଏବଂ ୟାଜୁଜ୍ ମାଜୁଜ୍ ର ଫିତନା(ବିଭ୍ରାଟ ତଥା ବିଶୃଙ୍ଖଳା)ଆରମ୍ଭ ହେବ ସେତେବେଳେ ଇସଲାମ୍ ଦୁର୍ବଳ ହୋଇଯିବ । ସୁତରାଂ ଅଲ୍ଲାଃତାଲା ଏପରିସ୍ଥଳେ ଇସଲାମର ସୁରକ୍ଷା ପାଇଁ ମସିହ୍ ମଉଦ୍ ଆ ସ ଙ୍କୁ ପ୍ରେରଣ କରିବେ । ସେ ସମୟରେ ମୁସଲମାନ୍ ମାନଙ୍କ ନିକଟରେ ଭୌତିକ ତଥା ସାମଗ୍ରୀକ ଶକ୍ତି ନଥିବ । କିନ୍ତୁ ମସିହ ମଉଦ୍ ଙ୍କ ଜମାଅତ୍ ଦୁଆ (ପ୍ରାର୍ଥନା) ଏବଂ ତବଲିଗ୍ (ପ୍ରଚାର) ଦ୍ୱାରା କାମ କରିଚାଲିବ । ଯାହା ଫଳରେ ଅଲ୍ଲାଃତାଲା ସେହି ଫିତନାକୁ ସ୍ୱଂୟ ଶେଷ କରିଦେବେ ।

ଆପଣଙ୍କର ଦ୍ୱିତୀୟ ପ୍ରଶ୍ନ ଏହା ଥିଲା ଯେ କ'ଣ ଆଁ ହଜରତ୍ ସ ଆ ସ ହଜରତ୍ ମସିହ୍ ମଉଦ୍ ଆ ସଙ୍କୁ ସ୍ୱପ୍ନରେ ଦେଖିଛନ୍ତି କି ? ଏହାର ଉତର ହଦିସରେ ମିଳିଥାଏ ଯେ ଆଁହଜରତ୍ ସ ଆ ସ ଆସିବାକୁ ଥିବା ମସିହଙ୍କୁ ସ୍ୱପ୍ନରେ ଦେଖିଥିଲେ । ସୁତରାଂ ସହି ବୁଖାରୀରେ ଏହି ହଦିସ ବର୍ଣ୍ଣିତ ଅଛି ଯେ ଆଁହଜରତ୍ ସ ଆ ସ କହିଲେ ଯେ ମୁଁ ରାତିରେ ଗୋଟିଏ ସ୍ୱପ୍ନରେ ନିଜକୁ କାବା ନିକଟରେ ଦେଖିଲି । ପୁଣି ଜଣେ ଗହମ ରଙ୍ଗର ଲୋକକୁ ବି ଦେଖିଲି । ଯେପରି ତୁମେମାନେ ସୁନ୍ଦର ଗହମ ରଙ୍ଗର ଲୋକକୁ ଦେଖିଥିବ, ସେ ତାଠାରୁ ବି ଭଲ ଥିଲେ । ତାଙ୍କର କେଶ ତାଙ୍କ ଦୁଇ କାନ୍ଧ ପର୍ଯ୍ୟନ୍ତ ସିଧା ଲଟକୁ ଥିଲା । ତାଙ୍କ ମୁଣ୍ଡରୁ ପାଣି ଟପକୁ ଥିଲା । ସେ ଦୁଇଜଣ ଲୋକର କାନ୍ଧରେ ହାତ ରଖି ବଇତୁଲ୍ଲାଃ(ଅର୍ଥାତ ଖାନା କାବା)ର ପରିକ୍ରମଣ କରୁଥିଲେ । ମୁଁ ପଚାରିଲି ଏହି ଲୋକଟି କିଏ ? ଏଥିରେ ଲୋକମାନେ କହିଲେ ଯେ ସେ ହେଉଛନ୍ତି ମସିହ୍ ଇବନେ ମରିୟମ୍ । ପୁଣି ମୁଁ ତାଙ୍କ ପଛରେ ଆଉଜଣେ ଲୋକକୁ ଦେଖିଲି ଯାହାର କେଶ ବହୁତ ଘନ ତଥା କୁଂଚକୁଂଚିଆ ଥିଲା । ତାହାର ଡାହାଣ ଆଖି କଣା ଥିଲା । ଏବଂ ଇବନେ କୁତନ୍ (ଜଣେ କାଫିର)ଙ୍କ ସହିତ ତାର ଚେହେରା ବହୁତ ମିଶୁଥିଲା । ସେ ଗୋଟିଏ ଲୋକର ଦୁଇକାନ୍ଧ ଉପରେ ହାତ ରଖି ବଇତୁଲ୍ଲାଃ(ଅର୍ଥାତ ଖାନା କାବା)ର ଚାରିପଟେ ପରିକ୍ରମଣ କରୁଥିଲା । ମୁଁ ପଚାରିଲି ଏହି ଲୋକଟି କିଏ ? ଉତର ମିଳିଲା ଯେ ସେ ହେଉଛି ମସିହ୍ ଦଜ୍ଜାଲ୍ ।

ସେହିପରି ସହି ବୁଖାରୀର ଆଉ ଗୋଟିଏ ରିଓ୍ୱାୟତ ଅଛି ଯେ ସେଥିରେ ଆଁ ହଜରତ୍ ସ ଆ ସ କହଛନ୍ତି ଯେ (ମେରାଜ ରାତିରେ)ମୁଁ ଇସା , ମୁସା ଏବଂ ଇବ୍ରାହିମ୍(ଆ ସ)ଙ୍କୁ ଦେଖିଲି । ଇସା (ଆ ସ)ଲାଲ୍ ରଙ୍ଗର,କୁଂଚକୁଂଚିଆ କେଶ ଏବଂ ପ୍ରଶସ୍ତ ଛାତି ରଖିଥିବା ଲୋକ ଥିଲେ । ମୁସା (ଆ ସ) ଗହମ ରଙ୍ଗର ଓ ମୋଟା ତାଜା ତଥା ସିଧା କେଶ ରଖିଥିବା ମଣିଷ ଥିଲେ । ସତେ ଯେପରି ସେ (ଜତ୍ କବିଲା)ର ଲୋକ ଅଟନ୍ତି ।

ଅତେବ ଏହି ଦୁଇଟି ରିଓ୍ୱାୟତରେ ହଜରତ୍ ମସିହ୍ ଆ ସ ଙ୍କର ଦୁଇ ଦୁଇଟି ଅଲଗା ଅଲଗା ଚେହେରା ବିଷୟରେ ବର୍ଣ୍ଣନା କରାଯାଇଅଛି । ଏଥିରୁ ପ୍ରମାଣିତ ହେଉଅଛି ଯେ ଆଁ ହଜରତ୍ ସ ଆ ସ ମୁସା ଆ ସଙ୍କ ମସିହ୍ ହଜରତ୍ ଇସା ମସିହ୍ ଆ ସଙ୍କୁ ବି ଦେଖିଥିଲେ । କିନ୍ତୁ ତାଙ୍କୁ ମୃତ୍ୟୁ ବରଣ କରିସାରିଥିବା ଅମ୍ବିୟା(ନବି) ହଜରତ୍ ମୁସା ଆ ସ ଏବଂ ହଜରତ୍ ଇବ୍ରାହିମ୍ ଆ ସ ଙ୍କ ସାଥିରେ ଦେଖିଥିଲେ । ଏବଂ ନିଜର ଆଧ୍ୟାତ୍ମିକ ସନ୍ତାନ ଓ ସଚ୍ଚା ଦାସ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କୁ ମଧ୍ୟ ଦେଖିଥିଲେ । ଯାହାଙ୍କୁ ଦଜ୍ଜାଲ୍ ଯୁଗରେ ଆବିର୍ଭୂତ ହୋଇ ତାହା ସହିତ (ଅର୍ଥାତ୍ ଦଜ୍ଜାଲ)ସହିତ ମୁକାବିଲା କରି , ଲଢି ଇସଲାମର ପ୍ରତିରକ୍ଷା କରିବାର ଥିଲା । ତାଙ୍କୁ ଆପଣ ସ ଆ ସ ଖାନାକାବାର ପରିକ୍ରମଣ କରିବାର ଦେଖିଛନ୍ତି ।

ହଜୁରତ୍ ଖଲିଫତୁଲ୍ ମସିହ୍ ପଂଚମ ଙ୍କ ସହିତ ହଲାଣ୍ଡର ନୌମୁବାଇନ୍ (ନୂଆ ବୟତ କରିଥିବା ଅହେମଦୀ)ଛାତ୍ରୀମାନଙ୍କ ର ଭର୍ଚୁଆଲ୍ ସାକ୍ଷାତକାର ଅନୁଷ୍ଠିତ ୨୩ ଅଗଷ୍ଟ ୨୦୨୦ ମସିହାରେ ଜଣେ ଛାତ୍ରୀ ଜାଣିବାକୁ ଇଛା ପ୍ରକାଶ କଲେ ଯେ ଆମେ ଅନଲାଇନ୍ ରେ ଗୋଟିଏ କୁର୍ଦ୍ଦ ଗୋଷ୍ଠୀକୁ ତବଲିଗ୍ କରୁଅଛୁ । ସେଥିରେ କିଛି ମୁଲ୍ଲା ବି ସାମିଲ୍ ଅଛନ୍ତି । ଯେଉଁମାନେ ପାକିସ୍ତାନରୁ ଶିକ୍ଷାଗ୍ରହଣ କରି ଆସିଛନ୍ତି । ଯଦି ସେହି ଗ୍ରୁପର ଲୋକେ ଆମମାନଙ୍କ କଥାକୁ ଶୁଣିବାରେ ସଙ୍କୋଚତା ଅବଲମ୍ବନ ନକରନ୍ତି ତାହେଲେ କ'ଣ ଆମେ ସେହି ଗ୍ରୁପରେ ତବଲିଗ୍ କରିଚାଲିବୁ ବା କରିବୁ ନାହିଁ ? ହଜୁର ଅନଓ୍ୱର୍ ଅ ବ ଅ ଏ ସମ୍ବନ୍ଧରେ ସେମାନଙ୍କର ମାର୍ଗଦର୍ଶନ କରାଇ କହିଲେ ।

ଉତର:- ଯଦି ସେହି ମୁଲ୍ଲା ଆପଣମାନଙ୍କ ସହିତ ତର୍କବିତର୍କ କରି ସମୟ ନଷ୍ଟକରିବାକୁ ଚାହୁଁଥାନ୍ତି ତାହେଲେ କିଛି ଲାଭ ନାହିଁ । ତାଠାରୁ ତ ଏହା ଭଲ ଯେ ଆଉକିଛି ଭଲ ଲୋକଙ୍କୁ ଆପ୍ରୋଚ କରନ୍ତୁ । ସେମାନଙ୍କୁ ତବଲିଗ୍ କରନ୍ତୁ ଯେଉଁମାନେ ଶୁଣିବାକୁ ଇଛୁକ । ଯେଉଁମାନେ ଧୃଷ୍ଟ ତଥା ଯେଉଁମାନେ କେବଳ ତର୍କବିତର୍କ କରିବାକୁ ଚାହିଁଥାନ୍ତି , ଏବଂ ଆରୋପ ପ୍ରତ୍ୟାରୋପ କରିଥାନ୍ତି ଏବଂ କୌଣସି ବୁଦ୍ଧି ବିବେକ କଥା କୁହନ୍ତି ନାହିଁ , ତାହେଲେ ଏଥିରେ ସମୟ ନିବେଶ କରିବାର ଆବଶ୍ୟକ କ'ଣ ? ଯଦି ତାଙ୍କର ଉଦ୍ଦେଶ୍ୟ ଭଲ ଥାଏ , ଶୁଣିବାକୁ ଚାହୁଁଥାନ୍ତି ଓ ନିଜ ନୈତିକତାର ପରିଧି ମଧ୍ୟରେ ତଥା ମୋରାଲ୍ କୋଡସ୍ ଭିତରେ ରହି କଥା କରିଥାନ୍ତି ତାହେଲେ ଠିକ ଅଛି । କଥା ହୋଇପାରିବେ । ଯଦି ସେ ଭୁଲ ତଥା ଅଭଦ୍ରାମି ଦେଖାଇ କଥା ହେଉଥାନ୍ତି ତାହେଲେ ତାକୁ ଛାଡିଦିଅ । ଆଉ କୌଣସି ଲୋକକୁ ଦେଖନ୍ତୁ ଯିଏ ଭଦ୍ର ସ୍ୱଭାବର ହୋଇଥିବ ଓ ଭଦ୍ରାମି ଦେଖାଇ କଥା କହୁଥିବ । ପ୍ରମାଣ ଦେଖାଇ କଥା କହୁଥିବ । ନିଜ କଥାର ପ୍ରମାଣ ଦେଉଥିବ ଓ ଆମ ଦଲିଲକୁ ବି ଶୁଣୁଥିବ । ତାହେଲେ ତାର ସମ୍ପୂର୍ଣ୍ଣ ନ୍ୟାୟ ସହିତ ବିଶ୍ଲେଷଣ କରନ୍ତୁ । ପୁଣି ଦେଖନ୍ତୁ ସତ୍ୟ କ'ଣ ଓ ମିଥ୍ୟା କ'ଣ ।

ପ୍ରଶ୍ନ:-ଏହି ସାକ୍ଷାତକାର ସମୟରେ ଜଣେ ଛାତ୍ରୀ ହଜୁର୍ ଅନଓ୍ୱର୍ ଅ ବ ଅଙ୍କ ଗୋଚରରେ ଏକଥା ଜାଣିବାକୁ ଚାହିଁଲେ ଯେ , ଆପଣଙ୍କ ମାଆ ବାପାଙ୍କର କେଉଁ ଉପଦେଶ ଆପଣଙ୍କ ପାଇଁ ସବୁଠାରୁ ଅଧିକା ଲାଭଜନକ ସାବ୍ୟସ୍ତ ହୋଇଛି ? ଏଥିରେ ହଜୁର ଅନଓ୍ୱର ଅ ବ ଅ କହିଲେ

ଉତର: ଏହାକି କେବେ ବି ମିଁଛ କହିବ ନାହିଁ ।

ପ୍ରଶ୍ନ:- ଆଉ ଜଣେ ଛାତ୍ରୀ ହଜୁର୍ ଅନଓ୍ୱର୍ ଅ ବ ଅଙ୍କ ଗୋଚରରେ ଏକଥା ଜାଣିବାକୁ ଚାହିଁଲେ ଯେ ଆଜିକାଲି ସୋସିଆଲ୍ ମିଡିଆରେ ଖବର ବ୍ୟାପିଚାଲିଛି ଯେ କପଡାର ବଡ ବଡ ବ୍ରାଣ୍ଡସ୍ କୋରୋନା ଭାଇରସ୍ ଯୋଗୁଁ ପାକିସ୍ତାନ ଓ ବାଙ୍ଗଲାଦେଶରେ ନିଜର ଗରୀବ କର୍ମଚାରୀମାନଙ୍କୁ ସେମାନଙ୍କର ପୂରା ପ୍ରାପ୍ୟ ଦେଉନାହାନ୍ତି । ଅଧିକାଂଶ ଲୋକଙ୍କ କହିବାର କଥା ଯେ ଏହି ବ୍ରାଣ୍ଡସର ବାଇକାଟ ହେବା ଉଚିତ । ହଜୁର ଆମକୁ ଏ ସମ୍ବନ୍ଧରେ କିଛି ଉପଦେଶ ଦିଅନ୍ତୁ । ଏହି ପ୍ରଶ୍ନର ଉତର ଦେଇ ହଜୁର୍ କହିଲେ

ଉତର:-ପ୍ରଶ୍ନ ହେଉଛି ଏହା କି ଏପରି ଯେଉଁ ବଡ ବଡ କମ୍ପାନୀଗୁଡିକ ଅଛନ୍ତି , ସେମାନେ ତ ପଇସା ଦେଇଦେଉଛନ୍ତି କାରଣ ସେମାନେ ଡାଇରେକ୍ଟ ନିଜର ଲେବର୍ ବା କର୍ମଚାରୀମାନଙ୍କ ନିକଟକୁ ଯାଇନଥାନ୍ତି । ସେଠିକାର କିଛି ଲୋକେ ଏପରି ଥାନ୍ତି ଯେଉଁମାନେ କନ୍ଟ୍ରାକ୍ଟ ନେଇଥାନ୍ତି , ସେମାନେ ଆଗକୁ କନ୍ଟ୍ରାକ୍ଟରେ କାମ କରାଇଥାନ୍ତି । ଏହି ବଡ ବଡ କମ୍ପାନୀଗୁଡିକ ସେମାନଙ୍କୁ କନ୍ଟ୍ରାକ୍ଟ ଦେଇଦିଅନ୍ତି । ପୁଣି ସେମାନେ ଲୋକାଲ୍ ଲେବର୍ ଲଗାଇ କାମ କରାଇଥାନ୍ତି । ଯଦି ସେମାନେ ଠିକ ଭାବରେ ଲେବର୍ ନଦେବେ ତାହେଲେ ସେମାନେ ଏକ୍ସପ୍ଲଏଟ୍ କରୁଛନ୍ତି । ଏଠାରେ ସେହି ଦେଶରେ ରହୁଥିବା ଲୋକମାନଙ୍କର ଭୁଲ । ଏଠିକାର ଯେଉଁ କମ୍ପାନୀଗୁଡିକ ଅଛନ୍ତି , ସେମାନଙ୍କର ତ ଏତେଟା ଭୁଲ ନାହିଁ । କାରଣ ସାଧାରଣତଃ ଏହା ଦେଖିବାକୁ ମିଳିଥାଏ ଯେ ଏମାନେ ତ ପଇସା ଦେଇଦେଇଥାନ୍ତି । କାଲେ ଜଣେ ଅଧେ କିଏ ଦେଉ ନଥିବେ । କାରଣ ଏମାନଙ୍କର ବଡ ବଡ ବେପାର ଏଇଥିପାଇଁ ଚାଲୁଅଛି ଯେ ଏମାନେ ଫେୟାର୍ ବିଜନେସ୍ କରିଥାନ୍ତି ଏବଂ ଲେବରମାନଙ୍କୁ ନ୍ୟାୟ ଦେଇ ତାଙ୍କର ପ୍ରାପ୍ୟ ଦେଇଥାନ୍ତି ।

ହଁ ଆଗକୁ ସେମାନଙ୍କର ସବ୍ କନ୍ଟ୍ରାକ୍ଟର ଅଛନ୍ତି ,ଯେଉଁମାନେ ପୁଣି ଆଗକୁ କନ୍ଟ୍ରାକ୍ଟରେ କାମ ଦେଇଥାନ୍ତି । ପୁଣି ସେହି କନ୍ଟ୍ରାକ୍ଟରମାନେ ଲେବର ଲଗାଇ କାମ କରାଇଥାନ୍ତି । ସେମାନେ ଅସଲରେ ଚିଟିଂ କରିଥାନ୍ତି । ତେଣୁ ବାଇକାଟ କରିବାରେ କଣ ଲାଭ ହେବ ? ଯାହା କିଛି ଅଳ୍ପ ବହୁତ ପାରିଶ୍ରମିକ ମିଳୁଅଛି ତାହା ବି ହାତରୁ ଚାଲିଯିବ । ବାକି ଯେଉଁ ଦେଶରେ ଏପରି ଅନୈତିକ କାମ ଚାଲିଛି ,ସେ ଦେଶରେ ତାଙ୍କର ନିଜର ନିୟମ କାନୁନ ରହିଛି । ସେମାନଙ୍କୁ ଆବଶ୍ୟକ ଯେ ସେମାନେ ନିଜ ଦେଶର ଲେବରମାନଙ୍କର ଧ୍ୟାନ ରଖନ୍ତୁ । ମଝିରେ ଯେଉଁ ଲୋକମାନେ ଅଛନ୍ତି ସେମାନଙ୍କଠାରୁ ସଠିକ ପ୍ରାପ୍ୟ ଆଦାୟ କରନ୍ତୁ ।

(ଜହିର୍ ଅହମଦ୍ ଖାନ୍ ,ମୁରବୀ ସିଲସିଲା ,ରେକର୍ଡ ବିଭାଗ ,ପି ଏସ୍ କାର୍ଯ୍ୟାଳୟ ଲଣ୍ଡନ୍)

(ଅଖବାର୍ ଅଲଫଜଲ୍ ଇଂଟରନ୍ୟାସନାଲ୍ ୦୭ ମଇ ୨୦୨୧ କୁ ଧନ୍ୟବାଦ )

⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

''ନମାଜର ହୃଦୟ ଏବଂ ଆତ୍ମା ହେଉଛି ଏପରି ଦୁଆ (ପ୍ରର୍ଥନା)ଯାହ ନିଜ ମଧ୍ୟରେ ଏକ ପ୍ରକାରର ଆନନ୍ଦକୁ ବହନ କରିଥାଏ''
(ହଜରତ୍ ମସିହ ମଉଦ ଆ ସ)
ରମଜାନ୍ ମାସରେ କରାଯଇଥିବା ପୂଣ୍ୟକର୍ମକୁ ବର୍ଷତମାମ ଜାରି ରଖିବା ପାଇଁ ଉପଦେଶ ।
ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବା ପାଇଁ ଯେଉଁଠି ଇମାନର ଦୃଢତା ଜରୁରୀ ସେଠାରେ ଜ୍ଞାନମୂଳକ ତଥା ବ୍ୟବହାରିକ ବିକାଶ ବି ଆବଶ୍ୟକ ଏବଂ ଏଥିପାଇଁ ପ୍ରୟାସ କରାଯିବା ଉଚିତ ।

**ପବିତ୍ର ରମଜାନ୍ ମାସ ଅବସରରେ ହଜରତ୍ ଅକଦସ୍ ମସିହ ମଉଦ ଆ ସଙ୍କ ପବିତ୍ର ଉପଦେଶାବଳୀଗୁଡିକର ଆଲୋକରେ ଆମ ଜମାଅତର ସଦସ୍ୟମାନଙ୍କୁ ଶୁଦ୍ଧ ଧର୍ମପରାୟଣତା ଆପଣେଇବା ପାଇଁ ଆଦେଶ**

''ଧର୍ମପରାୟଣ/ଧାର୍ମିକ ଲୋକମାନଙ୍କ ଉପରେ ଖୁଦାତାଲାଙ୍କର ଏକ ପ୍ରକାଶ ହୋଇଥାଏ । ସେ ଈଶ୍ୱରଙ୍କ ଛତ୍ରଛାୟାରେ ରହିଥାନ୍ତି । କିନ୍ତୁ ତକ୍‌ୱା ନିର୍ମଳ ହେବା ଉଚିତ ଓ ସେଥିରେ ଶଇତାନର କିଛି ବି ଅଂଶ ନରହିବା ଉଚିତ ।।'' (ହଜରତ୍ ମସିହ ମଉଦ ଆ ସ)

ଶ୍ରୀମାନ ଅବ୍ଦୁଲ୍ ବାକି ଅରଶଦ୍ ସାହେବ (ଚେୟାରମ୍ୟାନ୍ ଅଲଶିରକତୁଲ୍ ଇସଲାମିୟା ୟୁ କେ)ଙ୍କ ଉତମ ସୁଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଜନାଜାଃ ହାଜିର୍ (ଉପସ୍ଥିତ) ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ ୨୯ ଅପ୍ରେଲ୍ ୨୦୨୨ ଅନୁଯାୟୀ ୨୯ ଶାହାଦତ୍ ୧୪୦୧ ହିଜ୍‌ରୀ ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର[ଅ.ବ] କହିଲେ; ରମଜାନର ପବିତ୍ର ମାସ ଆସିଲା ଆଉ ସେହି ସମସ୍ତ ଲୋକମାନେ ଯେ ତହାର କଲ୍ୟାଣରୁ ଉପକୃତ ହେବାକୁ ଚେଷ୍ଟା କଲେ,ସେମାନଙ୍କ ଉପରେ ଏହି ରମଜାନ୍ ନିଜର ବରକତ୍ ବାଣ୍ଟିଦେଇ ଚାଲିଗଲା । ଏବେ ଦୁଇ ଦିନ ବା କାଳେ କେଉଁଠି ତିନି ଦିନର ରୋଜା ବାକି ଅଛି । କିନ୍ତୁ ଯାହାବି ହେଉ ଏହି ରମଜାନ୍ ମାସ ଏବେ ଶେଷ ହେବାକୁ ଯାଉଛି । ଜଣେ ବୁଦ୍ଧିମାନ ତଥା ପ୍ରକୃତ ବିଶ୍ୱାସକାରୀକୁ ସର୍ବଦା ସ୍ମରଣ ରଖିବା ଉଚିତ ଯେ,ଏହି ରମଜାନ୍ ଶେଷ ହୋଇଯିବାରେ ଆମେ ଆମର ଆହୁରି ଅନେକ କର୍ତବ୍ୟ ତଥା ଦାୟିତ୍ୱଗୁଡିକରୁ ସ୍ୱାଧିନ ହୋଇଗଲେ ବୋଲି । ବରଂ ଏହି ରମଜାନ୍ ସେହି କର୍ତବ୍ୟ ଓ ଦାୟିତ୍ୱଗୁଡିକୁ ସମ୍ପାଦନ କରିବାପାଇଁ ଆମକୁ ପ୍ରଶିକ୍ଷଣ କରିଯାଇଅଛି ।

ସେହି କର୍ତବ୍ୟ ଓ ଦାୟିତ୍ୱଗୁଡିକୁ ସମ୍ପାଦନ କରିବାପାଇଁ ଯେଉଁ ଉପାୟମାନ ରହଛି ତାହକୁ ଏହି ରମଜାନ୍ ଆମକୁ ଶିକ୍ଷା ଦେବାକୁ ଆସି ଥିଲା ଏବଂ ସେଥିରେ ଆଗକୁ ବଢିବାପାଇଁ ଆସିଥିଲା ଏବଂ ଏହା ଶିଖାଇ ଶିଖାଇ ସେ ତାର ଶେଷ ପର୍ଯ୍ୟାୟରେ ପହଂଚିଗଲାଣି । ନିଃସନ୍ଦେହ ରୂପେ ଫରଜ୍ (ବାଧ୍ୟତାମୂଳକ) ରୋଜାର ମାସ ସମାପ୍ତ ହେବାକୁ ଯାଉଅଛି କିନ୍ତୁ ବାକି କର୍ତବ୍ୟର ସମ୍ପାଦନ କରିବା ସ୍ତରକୁ ଉଚ୍ଚା କରିବା ଓ ସେଥିରେ ଉନ୍ନତି କରିବାର ସମୟ ଆରମ୍ଭ ହେବାକୁ ଯାଉଛି । ଯଦି ଆମେ ଏହି ବାସ୍ତବତାକୁ ପାସୋରି ଯାଉ କି ରମଜାନ ପରେ ଆମେମାନେ ନିଜ ଫରଜ୍ ଓ ଦାୟିତ୍ୱ ସମ୍ପାଦନ କରିବା ସ୍ତରକୁ କିଭଳି ପ୍ରତିଷ୍ଠିତ ରଖିବା ତେବେ ଆମେ ଆମ ନିଜ ରମଜାନକୁ ସେହିପରି ପାଳନ କରିପାରିନାହୁଁ ଯେପରି ପାଳନକରିବା ପାଇଁ ହଜରତ ମୁହମ୍ମଦ[ସ.ଅ.ସ] କହିଥିଲେ । ଗୋଟିଏ ହଦିସରେ ଆସିଛି ଯେ, ଆଁହଜରତ୍ ସ ଆ ସ କହିଛନ୍ତି ଯେ ପାଂଚଥର ନମାଜ୍ ,ଗୋଟିଏ ଜୁମାରୁ ଆଉଗୋଟିଏ ଜୁମା ପର୍ଯ୍ୟନ୍ତ ଏବଂ ଗୋଟିଏ ରମଜାନରୁ ଆଉଗୋଟିଏ ରମଜାନ୍ ପର୍ଯ୍ୟନ୍ତ ନିଜର ପାପସବୁ ଶେଷ ହୋଇଯାଏ କିନ୍ତୁ ସର୍ତ ଏହା ରହିଛି ଯେ କୌଣସି କବିରା (ବଡ)ପାପରୁ ବଂଚିରହିବ । **(ସହି ମୁସଲିମ୍ କିତାବୁଲ୍ ତାହାରାଃ , ବାବୁସ୍ ସଲାତୁଲ୍ ଖୁମସ୍ ....., ହଦିସ୍ ୫୫୨)**

ଏଠାରେ ଏକଥା ସ୍ପଷ୍ଟ ହେଉ ଯେ ଯଦି ମଣିଷ ଛୋଟ ଛୋଟ ଭୂଲ ଏବଂ ଛୋଟ ଛୋଟ ପାପଗୁଡିକ ପ୍ରତି ସଚେତନ ରହୁନାହିଁ ,ସେଗୁଡିକରୁ ବଂଚିବାପାଇଁ ଚେଷ୍ଟାକରୁନାହିଁ ଏବଂ ଯଦି ସେସବୁ କିଛି କରିବସଛି,ସେଥିପାଇଂ ତୌବାଃ ଏବଂ ଇସ୍ତିଗଫାର୍ କରୁନାହିଁ ,ତାହେଲେ ସେହି (ଛୋଟ ଛୋଟ ପାପଗୁଡିକ)କବିରା (ଅର୍ଥାତ୍ ବଡ ବଡ)ପାପରେ ପରିଣତ ହୋଇଯାଇଥାଏ ।

ଅତେବ୍ ଏଠାରେ ଏହାର ଅର୍ଥ ହେଉଛି ଏହା କି ମଣିଷ ସବୁବେଳେ ଅଲ୍ଲାଃତାଲାଙ୍କ ଭୟ ମନରେ ରଖୁ । ଇସ୍ତଗଫାର୍ କରୁଥାଉ ଫଳତଃ ସେ ଏହି ସବୁ ଜିନିଷରୁ ବଂଚିରହିବ । ସୁତରାଂ ଯଦି ଆମେ ଗୋଟିଏ ରମଜାନ୍‌କୁ ତାଆର ରମଜାନ୍ ସହିତ ପୂର୍ଣ୍ୟକର୍ମ କରି ଏବଂ ନିଜ କର୍ତବ୍ୟକୁ ସମ୍ପାଦନ କରି, ଉପାସନା କରିବା ପ୍ରତି ଯେଉଁ କର୍ତବ୍ୟ ରହିଛି ତଥା ଲୋକମାନଙ୍କ ପ୍ରତି ଯେଉଁ କର୍ତବ୍ୟ ରହିଛି ତାହାର ହକ୍ ଦେବାପାଇଁ ବାକି ମାସଗୁଡିକୁ ନକାଟୁଥାଉଁ ତାହେଲେ ଆମେମାନେ ଏହି ରମଜାନରୁ ପୁରା ପୁରା ଲାଭ ଉଠାଇଲେ ନାହିଁ । ଆମମାନଙ୍କର ସୌଭାଗ୍ୟ ଯେ ହଜରତ ମୁହମ୍ମଦ [ସ.ଅ]ଙ୍କର ସଚ୍ଚୋଟ ଦାସ ହଜରତ ମସିହ ମଉଦ[ଅ.ସ] ସମସ୍ତ ପ୍ରସଙ୍ଗରେ ଆମମାନଙ୍କର ମାର୍ଗଦର୍ଶନ ବେଶ୍ ସ୍ୱଷ୍ଟ ଭାବରେ କରି ଦେଇଛନ୍ତି । ନିଜ ଜୀବନ ଅତିବାହିତ କରିବାର ଏକ ସର୍ବୋତମ ଲାହେଅମଲ୍ (କାର୍ଯ୍ୟସୂଚି) ଆମମାନଙ୍କୁ ପ୍ରଦାନ କରି ଦେଇଛନ୍ତି । ଯଦି ଆମେମାନେ ଉକ୍ତ କାର୍ଯ୍ୟଶୈଳୀ ଅନୁଯାୟୀ ନିଜ ଜୀବନ ଅତିବାହିତ କରିବାକୁ ଚେଷ୍ଟା କରିବା ତେବେ ସୁନିଶ୍ଚିତ ରୂପେ ଆମେମାନେ ସେହି ମାର୍ଗ ପ୍ରାପ୍ତ କରିନେବା ଯାହାକି ପୁଣ୍ୟକର୍ମରେ ଆଗକୁ ବଢିବା ଓ ଉନ୍ନତି କରିବାର ମାର୍ଗ ଅଟେ । ଯାହାକି ଗୋଟିଏ ରମଜାନରୁ ଆଉ ଏକ ରମଜାନ ସହିତ ସମ୍ମିଳିତ କରିବାର ମାର୍ଗ ଅଟେ । ଯାହାକି ତାହାର ମଧବର୍ତୀ ଅବଧିରେ ସାଧିତ ହୋଇଥିବା ଅପକର୍ମ ଓ ଦୋଷତ୍ରୁଟିରୁ ରକ୍ଷା କରିବାର ମାର୍ଗ ତଥା ଦୋଷ ମାର୍ଜନ କରାଇବାର ମାର୍ଗ ଅଟେ । ସୁତରାଂ ଏଠାରେ ମୁଁ ହଜରତ ମସିହ ମଉଦ [ଅ.ସ]ଙ୍କର ଅମୂଲ୍ୟ ଉପଦେଶାବଳୀ ମଧ୍ୟରୁ କିଛି ଉପସ୍ଥାପନ କରିବି

ରମଜାନ୍ ମାସରେ ଉପାସନା କରିବା ପ୍ରତି ଅଧିକା ଧ୍ୟାନ ଆକର୍ଷଣ ସୃଷ୍ଟି ହୋଇଥାଏ । ଫର୍ଜ ନମାଜ ତଥା ନଫିଲ୍ ନମାଜ୍ ପାଠକରିବା ପ୍ରତି ଆମେମାନେ ଅଧିକରୁ ଅଧିକ ଚେଷ୍ଟା କରିଥାଉଁ । କିନ୍ତୁ ନମାଜ୍ ପାଠକରିବା ପାଇଁ ଯେଉଁ ଧାର୍ଯ୍ୟ ନିର୍ଦ୍ଦେଶ ରହିଛି ତାହ କୌଣସି ମାସ ବା କୌଣସି ବିଶେଷ ସମୟ ଭିତରେ ନିର୍ଦ୍ଦିଷ୍ଟ ନାହିଁ । ବରଂ ଦିନରେ ପାଂଚବେଳା ତାହାର ନିର୍ଦ୍ଧିଷ୍ଟ ଧାର୍ଯ୍ୟ ସମୟରେ ହିଁ ପାଠ କରିବା ଏବଂ ବର୍ଷକ ବାରମାସ ପାଠକରିବା ଜରୁରୀ । ହଜରତ ମୁହମ୍ମଦ[ସ.ଅ] ବିଶ୍ୱାସକାରୀଙ୍କୁ ବାରମ୍ବାର ଏଥିପ୍ରତି ଧାନ ଆକର୍ଷିତ କରିଛନ୍ତି । ମହାଭାଗ ସ ଆ ସ ଗୋଟିଏ ଅବସରରେ କହିଛନ୍ତି ଯେ ନମାଜକୁ ଛାଡ଼ିବା ଦ୍ୱାରା ତାହା ମଣିଷକୁ କୁଫର୍‌ର (ଅର୍ଥାତ୍ ଅବଜ୍ଞାକାରୀ) ଓ ଶିର୍କର ଅର୍ଥାତ୍ ପ୍ରଭୁଙ୍କ ସହିତ ଅନ୍ୟକାହାକୁ ସମକକ୍ଷ କରିବାର ନିକଟବର୍ତୀ କରିଦେଇଥାଏ ।**(ସହି ମୁସଲିମ୍ କିତାବୁଲ୍ ଇମାନ୍ ବାବ୍ ବୟାନେ ଇତଲାକ୍ ଇସମୁଲ୍ କୁଫ୍ର ଅଲା ମିନ୍ ତରକିସ୍ ସଲାତ୍ ,ହଦିସ୍ ୨୪୭)**

ପୁନଶ୍ଚ ହଜୁର[ସ.ଅ] କହିଲେ; କୟାମତ୍ ଦିନ ଅର୍ଥାତ୍ ପ୍ରଳୟ ଦିବସ ଦିନ ସର୍ବପ୍ରଥମେ ଯେଉଁ ଜିନିଷର ହିସାବ ଭକ୍ତ ଠାରୁ ନିଆଯିବ ତାହା ହେଉଛି ନମାଜ । ଯଦି ସେହି ହିସାବ ଠିକ୍ ରହିଲା ତେବେ ସେ କୃତକାର୍ଯ୍ୟ ହୋଇଗଲା ଏବଂ ମୋକ୍ଷ ପ୍ରାପ୍ତି କରିନେଲା ।**(ସୁନନେ ତିରମିଜି ଅବଓ୍ୱାବୁସ୍ ସଲାତ୍ ବାବ୍ ମାଜାଆ ଅନ୍ ଅଓ୍ୱଲା ମା ୟୁହାସିବୁ ବାଃ ଅଲଅବଦ୍ .....ହଦିସ ନଂ-୪୧୩)**

**ସୁତରାଂ ଏହା ହେଉଛି ନମାଜର ବିଶେଷତ୍ୱ ।** ଅତଏବ ଏହା କୌଣସି ବିଶେଷ ମାସ ସହିତ (ସମ୍ବନ୍ଧିତ) ନୁହେଁ ବରଂ (ପ୍ରତିଦିନ) ପାଂଚ ବେଳା ନମାଜ ପାଠ କରିବା ପ୍ରତି (ମୁସଲମାନମାନଙ୍କର) ଧାନ ଆକର୍ଷିତ କରାଯାଇଛି । ହଜରତ ମସିହ ମଉଦ[ଅ.ସ] ନମାଜର ଗୁରୁତ୍ୱ ତଥା ମହତ୍ୱ ପ୍ରତି ଆମମାନଙ୍କର ବାରମ୍ବାର ଧାନ ଆକର୍ଷଣ କରାଇଛନ୍ତି ଏବଂ ତାହାସବୁ ନିୟମିତ

ପାଠକରିବାକୁ ଉପଦେଶ ଦେଇଛନ୍ତି ଯେ ନମାଜ୍ କଣ ? ଏହାକୁ କିପରି ପାଠକରିବା ଉଚିତ୍ ? କିପରି ଏହାର ମଜାଉଠାଇବା ଉଚିତ୍ । ଏହାର ମଜା ନେବା ପାଇଁ ଚେଷ୍ଟା ବି କରିବା ଉଚିତ୍ । ଏପରି ନାମଜ ପଢିବା ଉଚିତ୍ ଯାହା ଅଲ୍ଲାଃତାଲାଙ୍କ ପ୍ରେମକୁ ବଢାଉଥିବ । ଏପରି ନହେଉ କି ଯେବେ ଆବଶ୍ୟକ ପଡିଲା , କୌଣସି ସାଂସାରିକ ଆବଶ୍ୟକ ପଡିଲା , ସେତେବେଳେ ଜାଏ ନମାଜ୍ ବିଛାଇଦେଇ ବା ମସଜିଦ୍‌କୁ ଜାଇ ଟିକିଏ ବିଳାପ କରିନେଲା କି ଟିକିଏ କାନ୍ଦିନେଲା ବା ଦୁଆ (ପ୍ରାର୍ଥନା)କରିନେଲା । ଯେବେ ନିଜର ସମସ୍ୟାର ସମାଧାନ ହୋଇଗଲା ,ସେତେବେଳେ ପୁଣି ଅଲ୍ଲାଃତାଲାଙ୍କୁ ଭୂଲିଗଲା । ସେହିପରି କେବଳ ରମଜାନ ମାସରେ ହିଁ ନମାଜ ପାଠକରିବା ପ୍ରତି ଆଗ୍ରହ ଦେଖାଇଲା କିନ୍ତୁ ଯେତେବେଳେ ରମଜାନ୍ ମାସ ଚାଲିଗଲା ସେତେବେଳେ ତାକୁ ଭୂଲିଗଲା ବା ସେମିତି ଆଉ ଆଗ୍ରହ ଦେଖାଇଲା ନାହିଁ ଯେମିତି ଆଗ୍ରହ ସେ ରମଜାନ୍ ମାସରେ ଦେଖାଉଥିଲା । ଅର୍ଥାତ ରମଜାନ ମାସରେ ନମାଜ ପଢିବା ପାଇଁ ଆଗ୍ରହ ଦେଖାଇଲା କିନ୍ତୁ ରମଜାନ୍ ମାସ ଶେଷ ହୋଇଯିବା ପରେ ଆଉ ସେଥିପ୍ରତି ଧ୍ୟାନ ଦେଲାନାହିଁ । ଯଦି ଏମିତି ହୁଏ ତାହେଲେ ପୁଣି ଏହି ନମାଜଗୁଡିକ ନା ତ ପାପରୁ ମୁକ୍ତି ଦେଇଥାଏ ନା ଏହି ଜୁମା ଏବଂ ନା ଏହି ରୋଜା । ଯେମିତିକି ହଦିସରେ ବର୍ଣ୍ଣିତ ଅଛି ଓ ଯାହା ଏବେ ମୁଁ ଉପସ୍ଥାପନ କଲି । ପୁଣି ହଜରତ୍ ମସିହ ମଉଦ୍ ଆ ସ ଏକଥାର ସ୍ପଷ୍ଟିକରଣ କରିଛନ୍ତି ଯେ ନମାଜ କ'ଣ ?

ଆପଣ ଆ ସ କହିଲେ "ଏହା ହେଉଛି ଗୋଟିଏ ବିଶେଷ ଦୁଆ । କିନ୍ତୁ ଲୋକମାନେ ଏହାକୁ ରାଜାଙ୍କ ଟ୍ୟାକ୍ସ ଭାବିନେଉଛନ୍ତି ।" ଅର୍ଥାତ୍ ବାଧ୍ୟ ହୋଇ ପଢୁଛନ୍ତି । "ଅବୋଧ ଏତିକି ଜାଣୁନାହାନ୍ତି ଯେ ଏତଦ୍ୱାରା ଖୁଦାତାଲାଙ୍କୁ କ'ଣ ଲାଭ ମିଳିବ? ତାହାଙ୍କ ପୂର୍ଣ୍ଣ ଅସ୍ତିତ୍ୱ ପାଇଁ ଏହାର ଆବଶ୍ୟକ କଣ ଯେ ମଣିଷ ଦୁଆ , ତସବିହ୍ ଏବଂ ତହଲିଲ୍ (ଅର୍ଥାତ୍ ମଣିଷ ପ୍ରାର୍ଥନା , ସ୍ତୁତିଗାନ୍ ଏବଂ ଅଲ୍ଲାଃତାଲାଙ୍କ ପ୍ରଶଂସା କରିବା)ରେ ନିୟୋଜିତ ରହୁ ବରଂ ଏଥିରେ ମଣିଷର ନିଜର ହିଁ ଲାଭ ଯେ ସେ ଏହା ସାହଯ୍ୟରେ ନିଜର ଉଦ୍ଦେଶ୍ୟକୁ ପାଇଥାଏ । ମତେ ଏହା ଦେଖି ବହୁତ ଦୁଃଖ ଲାଗୁଛି ଯେ ଆଜିକାଲି ଉପାସନା , ଧର୍ମପରାୟଣତା ତଥା ଧାର୍ମିକ କର୍ମ କରିବା ପ୍ରତି କୌଣସି ଭଲପାଇବା ନାହିଁ । "ଏହା ତ ଭଲପାଇବା ଓ ପ୍ରେମକରିବାର ବିଷୟ । ଯଦି ପ୍ରେମ ଥିବ ତାହେଲେ ସଠିକ ଭାବରେ ସେହି ସମସ୍ତ କର୍ତବ୍ୟଗୁଡିକୁ ସମ୍ପାଦନ କରାଯାଇଥାଏ । "ଏହାର କାରଣ ହେଉଛି ଗୋଟିଏ ସାଧାରଣ ବିଷାକ୍ତ ରୀତି ନୀତି । ଏହି କାରଣ ହେତୁ ଅଲ୍ଲାଃତାଲାଙ୍କ ପ୍ରେମ ଶୀତଳ ହେବାକୁ ଲାଗିଛି ।" ପ୍ରଥା ଓ ରୀତିନୀତିରେ ମଣିଷ ଅତ୍ୟଧିକ ମାତିଛି । ଇବାଦତ୍ ଅର୍ଥାତ୍ ଉପାସନାରେ ଯେଉଁଭଳି ମଜା (ଆନନ୍ଦ)ଆସିବା କଥା ସେହି ଆନନ୍ଦ ମିଳୁନାହିଁ । ଏ ଦୁନିଆରେ ଏମିତି କୌଣସି ଜିନିଷ ନାହିଁ ଯେଉଁଥିରେ ଅଲ୍ଲାଃତାଲା କିଛି ବିଶେଷ ଗୁଣ କି ଆନନ୍ଦ ନ ରଖିଥିବେ । ଯେଉଁଭଳି ଜଣେ ରୋଗି ଭଲ ସୁସ୍ୱାଦୁ ଜିନିଷରୁ ଆନନ୍ଦ ପାଇପାରିନଥାଏ ବରଂ ସେ ତାହାକୁ ପିତା ବା ଅସ୍ୱାଦୁକର ଜାଣିଥାଏ ଠିକ ସେହିପରି ଯେଉଁମାନେ ଈଶ୍ୱରୀୟ ଉପାସନାରେ କୌଣସି ଆନନ୍ଦ ପାଆନ୍ତି ନାହିଁ । " ସେମାନେ ବି ସେହି ରୋଗିମାନଙ୍କ ସଦୃଶ ଅଟନ୍ତି । "ସେମାନଙ୍କୁ ନିଜ ରୋଗ ବିଷୟରେ ଚିନ୍ତା କରିବା ଉଚିତ୍ । କାରଣ ଯେମିତି ଏବେ ମୁଁ କହିଲି ଯେ ଦୁନିଆରେ ଏମିତି କୌଣସି ଜିନିଷ ନାହିଁ ଯେଉଁଥିରେ ଅଲ୍ଲାଃତାଲା କିଛି ବିଶେଷ ଗୁଣ କି ଆନନ୍ଦ ନ ରଖିଥିବେ । ଅଲ୍ଲାଃତାଲା ଏ ମାନବଜାତି କୁ କେବଳ ଏଇ ଉପାସନା ପାଇଁ ହିଁ ସୃଷ୍ଟି କରିଛନ୍ତି । ପୁଣି କ'ଣ କାରଣ ଯେ ସେହି ଉପାସନାରେ ତାକୁ କୌଣସି ଆନନ୍ଦ ମିଳୁନାହିଁ । " ପୁଣି କହିଲେ ଯେ "ଆନନ୍ଦ ଓ ତୃପ୍ତି ତ ଅଛି । " ଏମିତି ନୁହେଁ କି ନାହିଁ ।" କିନ୍ତୁ ଏଥିରୁ ଲାଭ ଉଠାଇବା ଲୋକ ବି ତ ରହିବା ଉଚିତ୍ । ଅଲ୍ଲାଃତାଲା ପବିତ୍ର କୁରଆନରେ କହିଛନ୍ତି; ଓମା ଖଲକତୁଲ୍ ଜିନ୍ନା ଓଲ୍ଇନ୍‌ସା ଇଲ୍ଲା ଲିୟାବୁଦୁନ୍ **(ସୁରଃ ଜାରିୟାତ୍ :୫୭) ଏବେ ଦେଖନ୍ତୁ** ଯଦି ମନୁଷ୍ୟର ସୃଷ୍ଟି ହିଁ ଉପାସନା କରିବା ସକାଶେ ହୋଇଛି ତେବେ ଏହା ଜରୁରୀ ଯେ ଉପାସନାରେ ସେହି ସ୍ତରର ସ୍ୱାଦ ଓ ତୃପ୍ତି ନିଶ୍ଚିତ ରୂପେ ରଖାଯାଇଥିବ ଯେଉଁଥିପାଇଁ (ମନୁଷ୍ୟ)କୁ ସୃଷ୍ଟି କରାଯାଇଛି । ଏକଥା ଆମେ ଆମ ଦୈନନ୍ଦିନ ଓ ନିତିଦିନିଆ ପର୍ଯ୍ୟବେକ୍ଷଣ ତଥା ଅଭିଜ୍ଞତାରୁ ଖୁବ ଭଲଭାବରେ ବୁଝିପାରିବା । ଉଦାହରଣ ସ୍ୱରୂପ ମଣିଷ ପାଇଁ ସୃଷ୍ଟି କରାଯାଇଥିବା ଶସ୍ୟ ଏବଂ ସମସ୍ତ ପ୍ରକାରର ଖାଦ୍ୟ ଓ ପେୟ କୁ ଦେଖନ୍ତୁ । ସେସବୁରେ ଏକ ପ୍ରକାରର ସ୍ୱାଦ ଓ ମାଧୁର୍ଯ୍ୟତା ଭରିରହିଛି । "କ'ଣ ସେ ଏହି ସବୁ ଜିନିଷରୁ ଏକ ପ୍ରକାରର ଅନନ୍ଦ ପାଉନାହିଁ ? କ'ଣ ଏହିସବୁ ସ୍ୱାଦ ତଥା ମଜା ବା ତୃପ୍ତି ପାଇବାର ଅନୁଭବ ନିମନ୍ତେ ତା ମୁହଁରେ ଜିହ୍ୱା ଦିଆଯାଇନାହିଁ ? କ'ଣ ତା କାନ ସୁମଧୁର ସ୍ୱର ଶୁଣିବାରେ ଅନନ୍ଦ ଅନୁଭବ କରୁନାହିଁ ? ଯଦି ପ୍ରତ୍ୟେକ ଜିନିଷରେ ମଜା ରହିଛି ଏବଂ ମଣିଷ ସେଥିରୁ ଲାଭ ଉଠାଉଛି ତାହେଲେ ଉପାସନାରୁ କାହିଁକି ବା (ଆତ୍ମସନ୍ତୋଷ) ଲାଭ କରିବ ନାହିଁ ? କ'ଣ ଆଉକିଛି ଯୁକ୍ତି ଅଛି ବା ଆଉକିଛି କଥା ଏହାର ସମର୍ଥନରେ ଆଣିପାରିବ ଯେ ଉପସନା କରିବାରେ କୌଣସି ଆନନ୍ଦ ବା ମଜା ନାହିଁ । " ଆପଣ[ଅ.ସ] କହିଲେ; ଭଲ ଭାବରେ ଜାଣିନିଅ ଯେ ଉପାସନା କରିବା କୌଣସି ବୋଝ ବା କୌଣସି କର (ଟ୍ୟାକ୍ସ) ନୁହେଁ । ଏଥିରେ ମଧ ଏକ ଆନନ୍ଦ ଓ ଆହ୍ଲାଦ ରହିଛି ଏବଂଏହି ଆନନ୍ଦ ଓ ଆହ୍ଲାଦ **ସଂସାରର ସମସ୍ତ** ଆନନ୍ଦ , ଆହ୍ଲାଦ ଓ ତୃପ୍ତି ଠାରୁ ସର୍ବୋତମ ଓ ଉଚ୍ଚ କୋଟିର ।" ପୁଣି କହିଲେ "ଯେମିତି ଜଣେ ରୋଗି ବା ଅସୁସ୍ଥ ବ୍ୟକ୍ତି ଉତମ ତଥଅ ସୁସ୍ୱାଦୁ ଖାଦ୍ୟର ଅନନ୍ଦ ମଜା ପାଇପାରେ ନାହିଁ ସେହିପରି ହିଁ ଠିକ ସେହିପରି ଜଣେ ଦୁର୍ଭାଗା ବ୍ୟକ୍ତି ଈଶ୍ୱରଙ୍କ ଉପାସନାରୁ ଆନନ୍ଦ ଓ ମଜା ପାଇପାରେ ନାହିଁ ।" (ମଲଫୁଜାତ୍ , ଖ-୦୧ , ପୃ-୧୬୦, ଏଡିସନ୍ ୧୯୮୪) ତାହାର ଅବସ୍ଥା ବି ସେହି ରୋଗି ପରି । ତେଣୁ ନିଜ ରୋଗର ଉପଚାର କର , ରୋଗର ଚିକିତ୍ସା କର , ସେଥିପ୍ରତି ଚିନ୍ତା କର । ତେଣୁ ଏକଥାକୁ ବୁଝିବାର ଆବଶ୍ୟକତା ଅଛି ଯେ ସେହି ଆନନ୍ଦକୁ କିପରି ହାସଲ କରାଯାଇପାରିବ ।

ହଜୁର[ଅ.ସ] କହିଲେ; ଯେଉଁ ବିଷୟକୁ ମଣିଷ ବୁଝି ହିଁ ପାରୁନାହିଁ ,ସେ ବିଷୟରେ ସେ ଅଜ୍ଞ । ଏପରିସ୍ଥଳେ ସେ ତାର ମଜା କିପରି ପାଇପାରିବ ? ଯାହାର ସମସ୍ତ ଇନ୍ଦ୍ରିୟଗୁଡିକ ମରିଯାଇଛନ୍ତି (ଏବଂ ଶୁଷ୍କ ହୋଇଯାଇଛି) ସେ କିପରି କୌଣସି ଅନୁକମ୍ପା ଓ ତାହାର ଆନନ୍ଦରୁ ତଥା ମାଧୁର୍ଯ୍ୟତାରୁ ଉପକୃତ ହୋଇପାରିବ ?ଯେତେବେଳେ ଜଣେ ସାଂସାରିକ ମୋହମାୟାରେ ଲିପ୍ତ ହୋଇଯାଏ,ଏହି ବିଷୟ ସମ୍ବନ୍ଧରେ ଚିନ୍ତା କରେନାହିଁ , ସେତେବେଳେ ସେ ରୋଗି ହୋଇଯାଏ ।

ଏହାର ସମାଧାନର ବାଟ ମଧ ଆପଣ[ଅ.ସ] ଦର୍ଶାଇ ଦେଇଛନ୍ତି । ଯେପରିକି ଆପଣ[ଅ.ସ] କୁହନ୍ତି ଯେ "ମୁଁ ଦେଖୁଅଛି ଯେ ଲୋକମାନେ ନମାଜ ପାଠକରିବାରେ ଅବହେଳା ତଥା ଅଳସୁଆମି ଏଇଥିପାଇଁ କରୁଛନ୍ତି ଯେ ସେମାନଙ୍କୁ ସେହି ଆନନ୍ଦ ଓ ମଜା ବିଷୟରେ ଜଣାନାହିଁ ଯାହା ଅଲ୍ଲାଃତାଲା ନମାଜ ମଧ୍ୟରେ ରଖିଦେଇଛନ୍ତି । ଏହା ହେଉଛି ବହୁତ ବଡ କାରଣ " ଯେ ସେ ଜାଣିନାହିଁ । "□ପୁଣି ସହର ଏବଂ ଗାଁ ଗଣ୍ଡା ମାନଙ୍କରେ ଆହୁରି ଅବହେଳା ଓ ଅଳସୁଆମି ଦେଖାଦେଇଥାଏ । ସୁତରାଂ ଏପରିକି ଏହାର ପଚାଶ ଭାଗରୁ ଭାଗେ ବି ପୂର୍ଣ୍ଣ ଆନ୍ତରିକତାର ସହିତ ଓ ପୂର୍ଣ୍ଣ ପ୍ରେମଭାବର ସହିତ ନିଜର ପ୍ରକୃତ ପରମେଶ୍ୱରଙ୍କ ଆଗରେ ମୁଣ୍ଡ ନୁଆଁଉନାହାନ୍ତି । ତାହେଲେ ପ୍ରଶ୍ନ ଉଠୁଛି ଯେ ଏପରି କାହିଁକି ? " କାହିଁକି ମୁଣ୍ଡ ନୁଆଁଉନାହାନ୍ତି । କାହିଁକି ଉପାସନା କରୁନାହାନ୍ତି ? "ସେମାନେ ସେହି ମଜା ବା ସେହି ଆନନ୍ଦ ବିଷୟରେ ଅବଗତ ନୁହନ୍ତି କି ସେହି ମଜାକୁ ଚାଖିନାହାନ୍ତି । ଅନ୍ୟାନ୍ୟ ଧର୍ମଗୁଡିକରେ ଏପରି ନିର୍ଦ୍ଦେଶ ମିଳିନାହିଁ । ବେଳେ ବେଳେ ଏମିତି ହୋଇଥାଏ ଯେ ଆମେମାନେ ଆମ କାମରେ ବ୍ୟସ୍ତ ରହିଥାଉଁ ,ଏତିକି ବେଳେ ମୁଅଜ୍ଜିନ ଅଜାନ୍ ଦେଇଦେଇଥଅଏ ଅର୍ଥାତ୍ ନମାଜ ପଢିବା ପାଇଁ ଡାକିଥାଏ । କିନ୍ତୁ ସେ ଶୁଣି ହିଁ ନଥାଏ ।" ମୁଅଜ୍ଜିନ୍ ଅଜାନ୍ ଦେଇଥାଏ କିନ୍ତୁ ସେମାନେ କହିଥାନ୍ତି ଯେ ଆମେ ତ ଆମ କାମରେ ଲାଗିଛୁ । ଅଜାନ ଦେଇକି କେଡେ ଅଡୁଆରେ ପକାଇଦେଲା । "ସତେ ଯେପରି ସେମାନଙ୍କ ମନ ଦୁଃଖରେ ଭାଙ୍ଗିଗଲା ।" ପୁଣି ବେଳେ ବେଳେ କିଛି ଲୋକେ ଲୋକମାନଙ୍କୁ ଏହା କହିଦେଇଥାନ୍ତି ଯେ ଦେଖାଇବା ପାଇଁ ନମାଜ ପଢିବା ନିମନ୍ତେ ଯିବାକୁ ହେବ ବା ଦୋକାନ ବନ୍ଦ କରିବାକୁ ପଡିବ । " ଏହି ଲୋକମାନେ ଦୟାର ପାତ୍ର ଅଟନ୍ତି । କିଛି ଲୋକ ବି ଏଠାରେ ଏମିତି ଅଛନ୍ତି ଯେଉଁମାନଙ୍କ ଦୋକାନ ମସଜିଦ୍ ତଳେ ରହିଥିବା ସତ୍ତ୍ୱେ ମଧ୍ୟ ସେମାନେ କେବେ ବି ମସଜିଦରେ ଯାଇ ଛିଡାହେଉନାହାନ୍ତି । ଅତଃ ମୁଁ ଏଠାରେ କହିବାକୁ ଚାହୁଁଅଛି ଯେ ପରମେଶ୍ୱରଙ୍କ ନିକଟରେ ଅତି ଆତୁରତା ଓ ବ୍ୟାକୁଳତା ପୂର୍ବକ ଏହି ଦୁଆ (ପ୍ରାର୍ଥନା) କରିବା ଉଚିତ୍ ଯେ ଯେପରି ଫଳମୂଳ ଓ ଅନ୍ୟ ଦ୍ରବ୍ୟଗୁଡ଼ିକରେ ଅତି ଅପୂର୍ବ ସ୍ୱାଦ ଭରିରହିଛି ସେହିପରି ସ୍ୱାଦ ଓ ମଜା ନମାଜ ଓ ଉପାସନାରେ ମୋତେ ବି ଥରେ ଚଖାଇଦିଅ ।"

ଏହି ଦୁଆ ବି ଅଲ୍ଲାଃତାଲାଙ୍କ ନିକଟରେ କରିବାର ଆବଶ୍ୟକ ରହିଛି ,ଯଦ୍ୱାରା ସେହି ମଜା ଓ ଆନନ୍ଦ ଆସିବ । ଯେବେ ଥରେ ସେହି ମଜା ପାଇଯିବ ସେ ଜାଣି ପାରିବ ଯେ ତାହା କିପରି ଅପୂର୍ବ ଓ ଅନନ୍ୟ । ପୁଣି ସେ ସେଥିପ୍ରତି (ବିଶେଷ) ଧ୍ୟାନ କେନ୍ଦ୍ରିତ କରିବ ।......" ଦେଖ ! ଯେତେବେଳେ ଜଣେ କୌଣସି ସୁନ୍ଦର ବସ୍ତୁକୁ ଅତି ଆନନ୍ଦର ଚକ୍ଷୁରେ ଦେଖେ ସେତେବେଳେ ସେହି ଜିନିଷ ତାକୁ ଭଲ ଭାବରେ ମନେ ରହିଥାଏ । ଆଉ ଯଦି କୌଣସି ଅସୁନ୍ଦର ଓ ଘୃଣ୍ୟ ଆକୃତି ଥିବା (ବସ୍ତୁକୁ) ଦେଖେ ସେତେବେଳେ ତାହାର ଅବିକଳ ରୂପ ତାହା ସମ୍ମୁଖକୁ ଗୋଟାପଣେ ଆସିଯାଇଥାଏ । ହଁ ଯଦି ତାହା ସହିତ ସମ୍ପୃକ୍ତ ବ୍ୟକ୍ତିର କୌଣସି ସମ୍ପର୍କ ନଥାଏ ତେବେ କିଛି ମନେ ରହି ନଥାଏ । ଠିକ୍ ସେହିପରି ବେନମାଜିମାନଙ୍କ ପାଇଁ ଅର୍ଥାତ ଯେଉଁମାନେ ନମାଜ ପଢୁନାହାନ୍ତି ସେମାନଙ୍କ ପାଇଁ ନମାଜ ହେଉଛି ଗୋଟିଏ ବୋଝ ସଦୃଶ, ଯାହାକି ଅଯଥାଟାରେ ଶୀତ ରାତିରେ, କାଳି ଅନ୍ଧାରୁ ଅତି ଆରାମ ଦାୟକ ଶେଯ ଓ ସୁନ୍ଦର ନିଦକୁ ପରିତ୍ୟାଗ କରି ଓଜୁ କରି ନମାଜ ପଢ଼ିବାକୁ ପଡ଼ିଥାଏ । ଅସଲ କଥା ହେଉଛି ଏହା କି ସେ ଏହାକୁ ଆଗ୍ରହ ଦେଖାଉନାହିଁ ଓ ଏକଥାକୁ ବୁଝିପାରୁ ନାହିଁ । ନମାଜରେ ଯେଉଁ ମଜା ଓ ଆନନ୍ଦ ରହିଛି ସେ ତାକୁ ବୁଝିପାରୁନାହିଁ ।" କହିବାକୁ ତ ସେ ଜଣେ ମୋମିନ୍ ଅର୍ଥାତ୍

### ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ଜଣେ ଈଶ୍ୱରବିଶ୍ୱାସୀ ଓ ଜଣେ ମୁସଲମାନ୍ କିନ୍ତୁ ନମାଜ ପଢ଼ିବା ପରିବର୍ତେ ଶୟନ କରିବାରେ ତାକୁ ଅଧିକ ଶୁଖ ମିଳିଥାଏ । ଆପଣ[ଅ.ସ] କହିଲେ; "ଏପରି ବ୍ୟକ୍ତି ତ ନମାଜର ସ୍ୱାଦ ବିଷୟରେ ଅବଗତ ନାହିଁ ତେଣୁ ସେ କିପରି ବା ତାହା ଜାଣିବ ? ମୁଁ ଯେବେ ଜଣେ ମଦ୍ୟପ ବା ଜଣେ ନସେଡି ଲୋକକୁ ଦେଖେ ଯେ, ଯେପର୍ଯ୍ୟନ୍ତ ତାକୁ ମଜା ନଆସିଛି ସେ ସେପର୍ଯ୍ୟନ୍ତ ପାତ୍ର ପରେ ପାତ୍ର ପିଇ ଚାଲୁଛି ଏପରିକି ତାକୁ ଏକପ୍ରକାରର ନିଶା ଆସିଯାଉଛି ଓ ସେ ଏକ ପ୍ରକାରର ଆନନ୍ଦରେ ହଜିଯାଉଛି । ଜଣେ ଜ୍ଞାନୀ ଓ ଧାର୍ମିକ ଲୋକ ଏଥିରୁ ଲାଭ ଉଠାଇପାରିବ । ତାହା ଏପରିକି " ସେ କିପରି ଲାଭ ଉଠାଇବ ? ସେ ଜଣେ ମଦ୍ୟପଠାରୁ କିପରି ଲାଭ ଉଠାଇପାରିବ ? ଯଦି ଜଣେ ନିଷ୍ଠାପର ମୋମିନ୍ ହୋଇଥାଏ ତାହେଲେ ସେ ସେଥିରୁ ଲାଭ ଉଠାଇପାରେ । "ଯେ ସେ ଅହରହ ନମାଜ ପାଠ କରିବ ।"( ଆଉ ତାହାକୁ ନମାଜ (ପାଠ କରିବା) ଦ୍ୱାରା କିଭଳି ବା ଶୁଖ ମିଳିବ । ଯଦି ନିଷ୍ଠାପର ମୋମିନ୍ ହୋଇଥାଏ ଏବଂ କ୍ରମାଗତ ଭାବରେ ନମାଜ ପାଠ କରିଚାଲେ ଏପରିକି ତାହାକୁ ସେହି ମଧୁର ସ୍ୱାଦ ପ୍ରାପ୍ତି ହୋଇଯାଏ ।)

ସେ କ୍ରମାଗତ ଭାବରେ ନମାଜ ପଢିଚାଲୁ "ପୁଣି ପଢିଚାଲୁ ଏପରିକି ତାକୁ ଏକ ପ୍ରକାରର ଅନନ୍ଦ ଓ ମଜା ଆସିଯାଉ । ଯେମିତି ଜଣେ ମଦ୍ୟପର ମନମସ୍ତିଷ୍କରେ (ନିଶାର) ଏକ ସ୍ୱାଦ ବସା ବାନ୍ଧିଥାଏ ଓ ତାହାକୁ ହାସଲ କରିବା ତାର ଲକ୍ଷ ହୋଇଥାଏ ଠିକ ସେହିଭଳି ତା ମୁଣ୍ଡରେ ଏ କଥା ରହିବା ଉଚିତ୍ ତଥା ତାହାର ସମସ୍ତ ଶକ୍ତି କୁ ସେ ନମାଜରେ ଆନନ୍ଦ ପାଇବା ନମନ୍ତେ ଖର୍ଚ୍ଚ କରିବା ଉଚିତ୍ ।" ଦୁଆ ବି କରୁ ଏବଂ ଚେଷ୍ଟା ବି କରୁ । ପୁନଶ୍ଚ ଅତ୍ୟନ୍ତପକ୍ଷେ ଏକ ନିଷ୍ଠା ଓ ଉତ୍କଣ୍ଠାର ସହିତ ସେହି ନିଶାସକ୍ତ ବ୍ୟକ୍ତି ପରି ଅଧର୍ଯ୍ୟ, ଅଥୟ ହୋଇ ଦୁଆ କରୁଥାଅ " ମନଭିତରେ ଏ ଦୁଆ ବି କରୁଥାଉ । ଯେମିତି କି ପୂର୍ବରୁ ଏହା ବର୍ଣ୍ଣନା ହୋଇସାରିଛି ଯେ ସେ ଅଲ୍ଲାଃତାଲାଙ୍କ ନିକଟରେ ଏ ଦୁଆ କରୁ ଯେ ଅଲ୍ଲାଃ ମୋତେ ଏଥିରେ ଏପରି ଆନନ୍ଦ ଦିଅ "ଯେ ସେହି ମଜା ମତେ ମିଳୁ । " ଆପଣ ଆ ସ କହିଲେ ଯେ "ଅତେବ ମୁଁ କହୁଛି ଏବଂ ସତ୍ୟ କହୁଅଛି ଯେ ନିଶ୍ଚିତ ଭାବରେ ସେହି ଆନନ୍ଦ ତାକୁ ମିଳିବ । ସେହିପରି ଆତୁରତାର ସହିତ ଯଦି ଦୁଆ କରାଯିବ ତାହେଲେ ସେହି ଅନନ୍ଦ ବି ମିଳିଯିବ । "ପୁଣି ନମାଜ ପଢିବା ସମୟରେ ସେହି ସମସ୍ତ କଥାକୁ ବି ଆଖି ଆଗରେ ରଖିବା ଉଚିତ ଯାହା ସେଥିରେ ନିହିତ ରହିଛି ଏବଂ ଏହସାନ୍ ଆଖି ଆଗରେ ରହିବା ଉଚିତ ।" ପୁଣି କହିଲେ ଯେ "**ଇନ୍ନଲ୍ ହସନାତି ୟୁଜହିବ୍‌ନସ୍ ସୟେଆତି (ସୁରଃ ହୁଦ୍ :୧୧୫)" ଅଲ୍ଲାଃତାଲା କହିଛନ୍ତି ଇନ୍ନଲ୍ ହସନାତି ୟୁଜହିବ୍‌ନସ୍ ସୟେଆତି** ଅର୍ଥାତ ପୁଣ୍ୟକର୍ମଗୁଡ଼ିକ ମନ୍ଦ କାର୍ଯ୍ୟଗୁଡ଼ିକୁ ନିଶେଷ କରିଦେଇଥାନ୍ତି । ତେଣୁ ଏହି ଭଲକର୍ମଗୁଡ଼ିକୁ ତଥା ଆନନ୍ଦକୁ ମନଭିତରେ ରଖି ଦୁଆ କରନ୍ତୁ ଯେ ସେହି ନମାଜ ଯାହା ସତ୍ୟବାଦୀ ତଥା ପୂଣ୍ୟବନ୍ତ ଲୋକମାନେ ପାଠକରିଥାନ୍ତି ,ତାହା ଆମ ଭାଗ୍ୟରେ ମିଳୁ । **ଅଲ୍ଲାଃତାଲା ଯେଉଁ କଥା କହିଛନ୍ତ ଇନ୍ନଲ୍ ହସନାତି ୟୁଜହିବ୍‌ନସ୍ ସୟେଆତି** ଅର୍ଥାତ ପୁଣ୍ୟକର୍ମଗୁଡ଼ିକ ବା ନମାଜ୍ ମନ୍ଦ କାର୍ଯ୍ୟଗୁଡ଼ିକୁ ଦୂର କରିଦେଇଥାନ୍ତି ବୋଲି ବା ଅନ୍ୟ ସ୍ଥାନରେ କହିଛନ୍ତି ଯେ ଏହି ନମାଜ ଅଶ୍ଳୀଳତା ଓ କୁକର୍ମରୁ ରକ୍ଷା କରିଥାଏ । ଅମେ ଏ କଥା ଦେଖିଥାଉଁ ଯେ କିଛି ଲୋକ ନମାଜ ପାଠକରିଥାନ୍ତି କିନ୍ତୁ ତତସହିତ କୁକର୍ମ ବି କରିଥାନ୍ତି । ଏହାର ଉତର ହେଉଛି ସେମାନେ ନମାଜ ତ ପଢିଥାନ୍ତି କିନ୍ତୁ ଅନ୍ତରାତ୍ମା ତଥା ସତଚିତରେ ନୁହେଁ । "ଯଦି କିଛି ଲାଭ ମିଳୁନାହିଁ ତାହେଲେ ଏହାର ଅର୍ଥ ହେଉଛି ଏହା କି ସେମାନେ ନମାଜ ତ ପଢୁଛନ୍ତି କିନ୍ତୁ ଅନ୍ତରାତ୍ମା ତଥା ସତଚିତରେ ପାଠକରୁ ନାହାନ୍ତି । "ସେମାନେ କେବଳ ପ୍ରଥା ବା ଗୋଟିଏ ଅଭ୍ୟାସ ଭାବରେ ମୁଣ୍ଡିଆ ମାରିଥାନ୍ତି । ସେମାନଙ୍କ ଆତ୍ମା ମରିଯାଇଛି । ଅଲ୍ଲାଃତାଲା ତାହାର ନାମ ହସନାତ୍ ରଖିନାହାନ୍ତି । ଏବଂ ଏଠାରେ ହସନାତ୍ ଶବ୍ଦ ରଖିଛନ୍ତି ଅସ୍‌ସଲାତ୍ ଶବ୍ଦ ରଖିନାହାନ୍ତି । ଯେବେକି ଅର୍ଥ ଏକା । ଏହାର କାରଣ ହେଉଛି ଏହା କି ଏଠାରେ ନମାଜର ଉତମତା ତଥା ସୌନ୍ଦର୍ଯ୍ୟକୁ ସୂଚି କରିଥାଏ ଯେ ଯେଉଁ ନମାଜ କୁକର୍ମକୁ ଓ ମନ୍ଦକାର୍ଯ୍ୟକୁ ଦୂର କରିଦେଇଥାଏ ତହା ନିଜ ମଧ୍ୟରେ ଗୋଟିଏ ସତ୍ୟର ଆତ୍ମା ରଖିଥାଏ ଏବଂ ସେଥିରେ ଅନୁଗ୍ରହର ପ୍ରଭାବ ମହଜୁଦ୍ ରହିଥାଏ ।

ଏମିତି ନମାଜ ନିଶ୍ଚିତ ରୂପେ କୁକର୍ମଠାରୁ ଦୁରରେ ରଖିଥାଏ । ନମାଜ ନିଶସ୍ତ ଓ୍ୱ ବରଖାସ୍ତ ର ନାମ ନୁହେଁ । "ବସିବା ବା ଉଠିବାର ନାମ ନୁହେଁ । ନମାଜର ମସ୍ତିଷ୍କ ଓ ଆତ୍ମା ହେଉଛି ସେହି ଦୁଆ ଯେଉଁଥିରେ ଏକପ୍ରକାରର ଆନନ୍ଦ ଓ ତୃପ୍ତି ରହିଥାଏ ।" (ମଲଫୁଜାତ୍ ,ଖ-୦୧ , ପୃ-୧୬୨-୧୬୪ , ଏଡ଼ଶନ୍ ୧୯୮୪)

ସେହି ଆନନ୍ଦ ଓ ତୃପ୍ତି ହାସଲ କରିବା ସକାଶେ ଏବଂ ସେହି ବ୍ୟାଧିରୁ ମୁକ୍ତି ଲାଭ କରିବା ସକାଶେ ଦୁଆ କରିବା ଅନିର୍ବାର୍ଯ୍ୟ । କେବଳ ନିଜ ସାଂସାରିକ ଅଭିଳାଷ ପୂରଣ କରିବା ପାଇଁ ଦୁଆ ନକରାଯଉ ବରଂ ସେହି ଶୁଖ ଓ ଆନନ୍ଦ ଲଭିବା ପାଇଁ ମଧ ଦୁଆ କରାଯାଉ । ଯେମିତି ଜଣେ ରୋଗରୁ ଉପଶମ ଲାଭ କରିବା ପାଇଁ ଅର୍ଥାତ୍ ସ୍ୱାସ୍ଥ୍ୟ ଲାଭ କରିବା ସକାଶେ ସମସ୍ତ ପ୍ରକାରର ପନ୍ଥା ଅବଲମ୍ବନ କରିଥାଏ । ନିଜର ଉପଚାର, ପ୍ରତିଷେଧକ ସେବନ କରିବା ସହିତ ଦୁଆ ମଧ କରିଥାଏ , ଠିକ୍ ସେହିପରି ଏହା ପାଇଁ ମଧ ବ୍ୟବସ୍ଥା କରିବା ଉଚିତ୍ ।

ହଜରତ୍ ମସିହ ମଉଦ୍ ଆ ସ ଉପଦେଶ ଦେଇ କୁହନ୍ତି ଯେ ନମାଜ ଏମିତି ପାଠକର ଯେମିତି ରସୁଲୁଲ୍ଲାଃ ସ ଆ ସ ପାଠକରୁଥିଲେ । ମସନୁନ୍ (ଅର୍ଥାତ ରସୁଲୁଲ୍ଲାଃ ସ ଆ ସଙ୍କ ଦ୍ୱାରା ବତାଯାଇଥିବା ଶୈଳୀ)ବ୍ୟତୀତ ନିଜର ଆବଶ୍ୟକତା ତଥା ନିଜର ପ୍ରର୍ଥନାକୁ ନିଜ ଭାଷାରେ ମଧ୍ୟ ଅବଶ୍ୟ କରନ୍ତୁ , ଖୁଦାତାଲାଙ୍କଠାରୁ ହିଁ ମାଗନ୍ତୁ , ଏଥିରେ କିଛି ଅସୁବିଧା ନାହିଁ । ଏତତଦ୍ୱାରା ନମାଜ କେବେବି ଖରାପ ହୋଇନଥାଏ । ଆଜିକାଲି ଲୋକମାନେ ନମାଜକୁ ଖରାପ କରିସାରିଲେଣି । ନମାଜ କ'ଣ ପଢୁଛନ୍ତି , କେବଳ ମୁଣ୍ଡିଆ ମାରୁଛନ୍ତି । କୁକୁଡ଼ାମାନଙ୍କ ପରି ଶୀଘ୍ର ଶୀଘ୍ର ମୁଣ୍ଡିଆ ମାରିଦେଇ ନମାଜ ପଢୁଛନ୍ତି । ପୁଣି ଦୁଆ କରିବା ପାଇଁ ଯାଇ ପଛରେ ବସୁଛନ୍ତି । ଭାରତ , ପାକିସ୍ତାନ୍ ଏବଂ ବିଶେଷ କରି ଆମ ଏସିଆ ମହାଦେଶରେ ଏମିତି ପ୍ରଥା ରହିଛି । ନମାଜ ଶୀଘ୍ର ଶୀଘ୍ର ପଢିନିଅନ୍ତି ପୁଣି ତାପରେ ହାତ ଉଠାଇ ଦୁଆ କରିଥାନ୍ତି । ପୁଣି ସେ କୁହନ୍ତି ଯେ ନମାଜର ଅସଲ ଆତ୍ମା ଏବଂ ମଗଜ ହେଉଛି ଦୁଆ । ନମାଜରୁ ବାହାରି ଦୁଆ କରିଲେ ସେହି ଅସଲ ଉଦ୍ଦେଶ୍ୟ କାହୁଁ ପୁରଣ ହୋଇପାରିବ । ଏହା ହେଉଛି ଠିକ୍ ସେମିତି କଥା ଯେମିତି ଜଣେ ଲୋକ ରାଜାଙ୍କ ଦରବାରକୁ ଯାଇ ନିଜର ମାମଲାଗୁଡ଼ିକ ଉପସ୍ଥାପନ କରିବାର ସୁଯୋଗ ପାଇ ବି କିଛି କହିନଥାଏ କିନ୍ତୁ ସେ ଯେତେବେଳେ ଦରବାରରୁ ବାହାରିଯାଏ ,ସେତେବେଳେ ନିଜର ଦରଖାସ୍ତକୁ ପେଶ୍ କରିଥାଏ । ଏଥିରେ କ'ଣ ବା ଲାଭ ମିଳିବ ? ସେହିପରି ସମାନ ଅବସ୍ଥା ସେହି ଲୋକମାନଙ୍କର ଯେଉଁମାନେ ନମାଜରେ ହିଁ ନିବେଦନ ବା ନମାଜରେ ହିଁ କ୍ରନ୍ଦନ କରି ଦୁଆ (ପ୍ରର୍ଥନା) କରନ୍ତି ନାହିଁ । ତୁମକୁ ଯେଉଁ ଦୁଆ ବି କିବାର ଅଛି ତାହା ନମାଜରେ ହିଁ କର ଓ ଦୁଆ କରିବାର ସମସ୍ତ ସର୍ତାବଳୀକୁ ପାଳନ କର । (ମଲଫୁଜାତ୍ ,ଖ-୦୩ , ପୃ-୨୫୮ , ଏଡ଼ଶନ୍ ୧୯୮୪)

ନମାଜ ପାଠକରିବାର ଶୈଳୀ ଆମକୁ ଆଁହଜରତ୍ ସ ଆ ସ କିପରି ଶିଖାଇଛନ୍ତି । ଗୋଟିଏ ରିଓ୍ୱାୟତରେ ଆସିଛି ଯେ ଜଣେ ଲୋକ ଆସିଲେ ଏବଂ ନମାଜ ପଢିଲେ । ତାପରେ ଆସି ଆଁହଜରତ୍ ସ ଆ ସଙ୍କ ଗୋଚରେ ସଲାମ୍ କଲେ । ମହାଭାଗ ସ ଆ ସ କହିଲେ ଯାଅ ପୁନର୍ବାର ଯାଇ ନମାଜ ପଢ । ଆଁହଜରତ୍ ସ ଆ ସ ସେହି ମସଜିଦରେ ବସି ତାକୁ ଦେଖୁଥିଲେ । ମଜଲିସ୍ ଲାଗିଥିଲା । ଏହିପରି ଭାବରେ ତାକୁ ତିନିଥର ନମାଜ ପାଠ କରାଇଲେ । ଶେଷରେ ସେ ନିବେଦନ କଲା ଯେ ହେ ଅଲ୍ଲାଃଙ୍କ ରସୁଲ୍ ସ ଆ ସ ! ମୁଁ ଏହାଠାରୁ ଆଉ ଭଲଭାବରେ ନମାଜ ପଢି ପାରିବି ନାହିଁ । ଏବେ ଆପଣ ହିଁ ମତେ ନମାଜ ପାଠକରିବାର ସଠିକ ଉପାୟ ବା ସଠିକ୍ ଶୈଳୀ ବତାଇଦିଅନ୍ତୁ । ଏଥିରେ ଆପଣ ସ ଆ ସ କହିଲେ ଯେ ଯେବେ ତୁମେ ନମାଜ ପାଠକରିବା ପାଇଁ ଛିଡ଼ା ହେବ ତକ୍‌ବିର୍ କହିବ । ପୁଣି ନିଜ ସାମର୍ଥ୍ୟ ମୁତାବକ ପବିତ୍ର କୁରଆନ୍ ପାଠକରିବ । ସୁରଃ ଫାତିହା ସହିତ ପବିତ୍ର କୁରଆନର କିଛି ଆୟତ ପାଠକରିବ । ପୁଣି ସମ୍ପୂର୍ଣ୍ଣ ସନ୍ତୁଷ୍ଟତାର ସହିତ ରୁକୁ କରିବ । ଏମିତି ନୁହେଁ ଯେ ଟିକିଏ ନଇଁପଡ଼ି ପୁଣି ଛିଡ଼ା ହୋଇଯାଅ । ନୁହେଁ । ବରଂ ପୂର୍ଣ୍ଣ ସନ୍ତୁଷ୍ଟତାର ସହିତ ରୁକୁ କରିବ । ପୁଣି ସିଧା ଛିଡ଼ା ହୋଇଯାଅ । ପୁଣି ଆରାମରେ ସିଜ୍‌ଦାଃ କର ଓ ପୁଣି ସିଜ୍‌ଦାଃରୁ ଉଠି ଆରାମରେ ବସିପଡ଼ । କିଛି ଲୋକେ ତ କେବଳ ସିଜ୍‌ଦାଃ ନିମନ୍ତେ ମଝିରେ, ଦୁଇ ସିଜ୍‌ଦାଃ ମଝିରେ ଉଠିଥାନ୍ତି ଓ ପୁଣି ତୁରନ୍ତ ପୁନର୍ବାର ସିଜଦାଃ କରିପକାନ୍ତି । ମହାଭାଗ ସ ଆ ସ କହିଲେ ସମ୍ପୂର୍ଣ୍ଣ ରୂପେ ଭଲଭାବରେ ବସ । ତାପରେ ପୁଣି ଦ୍ୱିତୀୟ ସିଜଦାଃ କର । ଏହିପରି ରହି ରହିକି ,ଯତ୍ନର ସହିତି (ନମାଜ)ପାଠକର । **(ସହି ବୁଖାରୀ , କିତାବୁଲ୍ ଆଜାନ୍ , ବାବ୍ ଅମରଅନ୍ ନବି ସ ଆ ସ ....ହଦିସ୍ ନଂ-୭୯୩)**

କେତେକ ଲୋକ ପ୍ରଶ୍ନ କରିଥାନ୍ତି, ଯେ ନମାଜ କିଭଳି ଯତ୍ନର ସହିତ ପାଠ କରିବୁ ? ତେବେ ଯତ୍ନର ସହିତ ପାଠ କରିବାର ଶୈଳୀ ଏହିକି ଯେ ନମାଜକୁ ଅତ୍ୟନ୍ତ ଧୀରସ୍ଥିର ଭାବରେ ତାର ସମସ୍ତ ପ୍ରକ୍ରିୟା (ହରକତ୍)କୁ ତାର ଉଚିତ୍ ସମୟ ଦେଇ ଆରାମରେ ପାଠ କରିବା ଉଚିତ୍ ।

ପୁନଶ୍ଚ ଜଣେ ମୋମିନ୍ ବ୍ୟକ୍ତିର କର୍ତବ୍ୟ ହେଉଛି ଏହା କି ସେ ନମାଜର ମର୍ମକୁ ବୁଝି ତାହାକୁ ପାଠ କରିବା ପ୍ରତି ଧ୍ୟାନ କେନ୍ଦ୍ରିତ କରିବା ପରେ ପବିତ୍ର କୁରଆନ୍‌କୁ ପାଠକରୁ ଓ ତାହାକୁ ବୁଝୁ ଏବଂ ସେଥିପ୍ରତି ଧ୍ୟାନ କେନ୍ଦ୍ରିତ କରୁ । ଯେଉଁଭଳି ରମଜାନ ମାସରେ ଅଧିକାଂଶ ଲୋକମାନଙ୍କର ଧ୍ୟାନ କେନ୍ଦ୍ରିତ ହୋଇଯାଇଥାଏ । ପୁଣି ତଫ୍ସିର୍ ଉପରେ ବି ଅନୁଚିନ୍ତା କର । ରମଜାନକୁ ଆସନ୍ତା ରମଜାନ ସହିତ ଯୋଡ଼ିବା ପାଇଁ ଏହା ବି ହେଉଛି ଗୋଟିଏ ଜରିଆ । ତେଣୁ ପବିତ୍ର କୁରଆନ୍ ପ୍ରତି ଧ୍ୟାନ ଦେବା ଉଚିତ୍ ।

ପବିତ୍ର କୁରଆନ ପଢିବା ପ୍ରତି ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଯଦି ଆମ ନିକଟରେ ପବିତ୍ର କୁରଆନ୍ ନ ଥାନ୍ତା ଏବଂ ହଦିସଗୁଡ଼ିକର ଏହି ସଂଗ୍ରହଗୁଡ଼ିକ ବିଶ୍ୱାସର ମୂଳ ଆଧାର ହୋଇଥାନ୍ତା ତାହେଲେ ଆମେ ଲଜ୍ଜାରେ ଆମ କୌମକୁ ମୁହଁ ଦେଖାଇପାରିନଥାନ୍ତୁ । ମୁଁ ପବିତ୍ର କୁରଆନର ଶବ୍ଦଗୁଡ଼ିକ ଉପରେ ଚିନ୍ତା କଲି ,ତାପରେ ଯାଇ ମୋ ଉପରେ ଏହା ପ୍ରକାଶ ହେଲା ଯେ ଏହି ମୁବାରକ୍ (ଆଶୀର୍ବାଦପୂର୍ଣ୍ଣ)ଶବ୍ଦ ଗୁଡ଼ିକରେ ବଡ଼ ବଡ଼ ଭବିଷ୍ୟବାଣୀମାନ ରହିଛି । ତାହା ହେଉଛି ଏହା କି ଏହି କୁରଆନ୍ ପଢିବା ଯୋଗ୍ୟ ପୁସ୍ତକ ଅଟେ ଏବଂ ଗୋଟିଏ (ଏମିତି ଯୁଗ ଆସୁଛି ସେ) ଯୁଗରେ ଏହା ଅଧିକ ପଢିବା ଯୋଗ୍ୟ ହେବ । ଯଦିଓ ଆହୁରି ଅନେକ ପୁସ୍ତକଗୁଡ଼ିକକୁ ବି ତା ସହିତ ପଢିବା ପାଇଁ ସାମିଲ୍ କରିଦିଆଯିବ । ସେତେବେଳେ ଇସଲାମର ସମ୍ମାନ ରକ୍ଷା କରିବା ନିମନ୍ତେ ତଥା ମିଥ୍ୟାର ମୂଳୋତ୍ପାଟନ

## ୧୨୭ ତମ ଜଲ୍‌ସା ସାଲାନା କାଦିଆନ୍

୧୨୭ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୨୨ ମସିହା ଡ଼ିସେମ୍ବର ମାସର ୨୩, ୨୪ ଏବଂ ୨୫ ତାରିଖ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲ୍‌ସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲ୍‌ସାରୁ ଉପକୃତ ହୋବର ସୌଭାଗ୍ୟ ପ୍ରଦାନ କରନ୍ତୁ । ପ୍ରତି କ୍ଷେତ୍ରରୁ ଏହି ଜଲ୍‌ସା ସାଲାନ ସଫଳ ଓ ବାବର୍‌କତ୍ ହେବା ପାଇଁ ତଥା ଶୁଦ୍ଧ ଆତ୍ମାଗୁଡ଼ିକୁ ମାର୍ଗଦର୍ଶନ ମିଳିବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ । ଜଯାକୁମୁଲ୍ଲାଃ । *(ନାଜିର୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)*

ନିମନ୍ତେ ଏହି ଗୋଟିଏ ପୁସ୍ତକ ପାଠକରିବା ଯୋଗ୍ୟ ବିବେଚିତ ହେବ ଏବଂ ଅନ୍ୟାନ୍ୟ ପୁସ୍ତକ ଗୁଡ଼ିକୁ ପରିତ୍ୟାଗ କରିବା ଉଚିତ ମଣାଯିବ । ଫୁରକାନ୍‌ର ଅର୍ଥ ମଧ୍ୟ ସମାନ । ଅର୍ଥାତ୍ ଏହି ଗୋଟିଏ ପୁସ୍ତକ ହିଁ ସତ୍ୟ ଓ ମିଥ୍ୟା ମଧ୍ୟରେ ପୃଥକ କରି ଦେଖାଇଦେବ ଏବଂ କୌଣସି ହଦିସ ତଥା ଅନ୍ୟ କୌଣସି ପୁସ୍ତକର ସ୍ଥିତି ଏମିତି ନଥିବ । ସେଇଥିପାଇଁ ଏବେ ସବୁ ପୁସ୍ତକଗୁଡ଼ିକୁ ଛାଡ଼ିଦିଅ ଏବଂ ରାତି ଦିନ କିତାବୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ପୁସ୍ତକ ପବିତ୍ର କୁରଆନ୍)କୁ ପାଠକର । ସେହି ଲୋକ ହେଉଛି ବଡ଼ ବେଇମାନ୍ ଯିଏ ପବିତ୍ର କୁରଆନ୍ ପ୍ରତି ଧ୍ୟାନ ଦେଉନାହିଁ ଓ ଅନ୍ୟ ପୁସ୍ତକଗୁଡ଼ିକ ଉପରେ ଦିନରାତି ନିର୍ଭର କରୁଛି । ଆମ ଜମାଅତର ଲୋକମାନଙ୍କୁ ଆବଶ୍ୟକ ଯେ ପବିତ୍ର କୁରଆନକୁ ଅତିଶୟ ଉତ୍କଣ୍ଠିତ ଓ ଗଭୀର ଅନୁଧ୍ୟାନର ସହିତ ସେଥିରେ ନିମଜ୍ଜିତ ହୋଇ ପାଠ କରନ୍ତୁ ଏବଂ ହଦିସଗୁଡ଼ିକରେ ମନନିବେଶକୁ ପରିତ୍ୟାଗ କରନ୍ତୁ । ବଡ଼ ପରିତାପର ବିଷୟ ଯେ ପବିତ୍ର କୁରଆନ୍ ପ୍ରତି ସେପରି ଧ୍ୟାନ ବା ସେପରି ଅଧ୍ୟୟନ କରାଯାଉନାହିଁ ଯେପରି ହଦିସ ପ୍ରତି କରାଯାଉଅଛି ।

ଏବେ ପବିତ୍ର କୁରଆନର ଅସ୍ତ୍ରକୁ ବହନ କରିନିଅ ତେବେଯାଇ ତୁମର ବିଜୟ ହେବ । ସେହି ଜ୍ୟୋତି(ଅର୍ଥାତ ସେହିଐଶି ପ୍ରକାଶ୍ୟ) ସମ୍ମୁଖରେ କୌଣସି ପ୍ରକାରର ଅନ୍ଧକାର ତିଷ୍ଠି ରହିପାରିବ ନାହିଁ ।" **(ମଲଫୁଜାତ୍ ,ଖ-୦୨, ପୃ-୧୨୨ , ଏଡ଼ିଶନ୍ ୧୯୮୪)**

ପୁନଶ୍ଚ ପୁଣ୍ୟକର୍ମକୁ ଅବ୍ୟାହତ ରଖିବା ସକାଶେ ହଜୁର[ଅ.ସ] ଉପଦେଶ ପୂର୍ବକ କୁହନ୍ତି; ପ୍ରତ୍ୟେକ ପରିସ୍ଥିତିରେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦିଅ । ଏହାକୁ ବ୍ୟାଖ୍ୟା କରି ଆପଣ ଆ ସ କୁହନ୍ତି : ଦେଖନ୍ତୁ ! ଦୁଇପ୍ରକାରର ଲୋକ ଥାଆନ୍ତି । ଗୋଟିଏ ପ୍ରକାରର ଲୋକେ ହେଉଛନ୍ତି ଏପରି ଲୋକେ ଯେଉଁମାନେ ଇସଲାମ୍ ଗ୍ରହଣ କରିବା ପରେ ବି ସେମାନେ ଏ ଦୁନିଆର କାରବାର ଏବଂ ନିଜ ବେପାର ବାଣିଜ୍ୟରେ ବ୍ୟସ୍ତ ହୋଇଯାଇଥାନ୍ତି ଶଇତାନ୍ ସେମାନଙ୍କ ମୁଣ୍ଡ ଉପରେ ବସିଥାଏ । ମୋ କହିବାର ଅର୍ଥ ଏହା ନୁହେଁ ଯେ ବେପାର ବାଣିଜ୍ୟ କରନାହିଁ , ନୁହେଁ । ସାହାବାମାନେ ବି ବେପାର ବାଣିଜ୍ୟ କରୁଥିଲେ କିନ୍ତୁ ସେମାନେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେଉଥିଲେ । ସେମାନେ ଇସଲାମ୍ ଗ୍ରହଣ କରିବା ପରେ ଇସଲାମ୍ ବିଷୟରେ ସତ୍ ଜ୍ଞାନ ହାସଲ କଲେ ଯାହା ସେମାନଙ୍କ ମନକୁ ବିଶ୍ୱାସରେ ଭରିଦେଉଥିଲା । ଏହି କାରଣ ଥିଲା ଯେ ସେମାନେ କୌଣସି କ୍ଷେତ୍ରରେ ବି ଶଇତାନର ଆକ୍ରମଣକୁ ଭ୍ରୂକ୍ଷେପ କଲେ ନାହିଁ । କୌଣସି କଥା ତାଙ୍କୁ ସତ୍ୟର ପ୍ରକାଶ ନିମନ୍ତେ ରୋକିପାରିନଥିଲା । ମୋ କହିବାର ଅର୍ଥ କେବଳ ଏତିକି ଯେ ଶୟତାନ୍ ଏମିତି ଲୋକମାନଙ୍କ ଉପରେ ନିଜର ନିୟନ୍ତ୍ରଣ ଓ ନିଜର ଆଧିପତ୍ୟ ବିସ୍ତାର କରିଥାଏ ଯେଉଁମାନେ ଏ ଦୁନିଆର ହିଁ ଭକ୍ତ ତଥା ଏ ଦୁନିଆର ଦାସ ହୋଇରହିଯାଇଥାନ୍ତି ।

ଦ୍ୱିତୀୟ ପ୍ରକାରର ଲୋକେ ହେଉଛନ୍ତି ଏପରି ଲୋକେ ଯେଉଁମାନେ ଧର୍ମର ବିକାଶ ପାଇଁ (ଚିନ୍ତା କରିଥାନ୍ତି)ଚିନ୍ତିତ ହୋଇଥାନ୍ତି । ଏମାନେ ହେଉଛନ୍ତି ଏପରି ଦଳ ଯାହାଙ୍କୁ ହିଜ୍‌ବୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ଦଳ)କୁହାଯାଏ ଏବଂ ଯେଉଁମାନେ ଶୟତାନ୍ ଉପରେ ବିଜୟ ପ୍ରାପ୍ତ କରିଥାନ୍ତି । ଯେହେତୁ ବାଣିଜ୍ୟ ଦ୍ୱାରା ଧନର ବୃଦ୍ଧି ଘଟିଥାଏ , ତେଣୁ ଅଲ୍ଲାଃତାଲା ବି ଧର୍ମକୁ ପାଇବା ପାଇଁ ଏବଂ ଧର୍ମର ଉନ୍ନତି ତଥା ଧର୍ମର ବିକାଶ ପାଇଁ ଥିବା ଆନ୍ତରିକ ଇଚ୍ଛାକୁ ବି ବାଣିଜ୍ୟ ଭାବରେ ଅଭିହିତ କରିଛନ୍ତି । (ଧର୍ମକୁ ପ୍ରାପ୍ତ କରିବା ମଧ୍ୟ ଅଲ୍ଲାଃତାଲା ଏକ ବାଣିଜ୍ୟ ବୋଲି କହିଛନ୍ତି) ସୁତରାଂ ଅଲ୍ଲାଃତାଲା କହିଛନ୍ତି **:ହଲ୍ ଅଦୁଲ୍ଲୁକୁମ୍ ଅଲା ତିଜାରତିନ୍ ତୁନଜିଇକୁମ୍ ମିନ୍ ଅଜାବିନ୍ ଅଲିମ୍ (ସୁରଃ ସଫ୍ :୧୧)**ଅର୍ଥାତ ମୁଁ ତୁମମାନଙ୍କୁ ଏପରି ଗୋଟିଏ ବାଣିଜ୍ୟ ବିଷୟରେ ଜଣାଇବାକୁ ଚାହୁଁଛି ଯାହା ତୁମମାନଙ୍କୁ ଗୋଟିଏ ଯନ୍ତ୍ରଣାଦାୟକ ଦଣ୍ଡରୁ ରକ୍ଷା କରିବ । ପୁଣି କହିଲେ ସର୍ବୋତମ ବାଣିଜ୍ୟ ହେଉଛି ଧର୍ମର ,ଯାହା ଯନ୍ତ୍ରଣାଦାୟକ ଦଣ୍ଡରୁ ରକ୍ଷା କରିଥାଏ । ଅତେବ ମୁଁ ବି ଖୁଦାତାଲାଙ୍କର ସେହି ବାକ୍ୟକୁ ତୁମମାନଙ୍କ ସମ୍ମୁଖେ କହିରଖୁଛି ଯେ **ହଲ୍ ଅଦୁଲ୍ଲୁକୁମ୍ ଅଲା ତିଜାରତିନ୍ ତୁନଜିଇକୁମ୍ ମିନ୍ ଅଜାବିନ୍ ଅଲିମ୍ ।** ହଜରତ୍ ମସିହ୍ ମଉଦ୍ ଆ ସ କହିଲେ ଯେ ଯେଉଁମାନେ ଧାର୍ମିକ ଅଗ୍ରଗତି ତଥା ଧର୍ମପ୍ରତି ଥିବା ଉତ୍ସାହକୁ ହ୍ରାସ୍ କରୁଛନ୍ତି ,ମୁଁ ଭୟ କରୁଛି ଯେ ଶୟତାନ୍ ସେମାନଙ୍କ ଉପରେ ପୁଣି ନିୟନ୍ତ୍ରଣ ନକରିବସୁ । ତେଣୁ ଏଥିରେ କଦାପି ଅବହେଳା କରିବା ଉଚିତ ନୁହେଁ । ପ୍ରତ୍ୟେକ ଏପରି ବିଷୟ ଯାହା ବୁଝିପାରୁନାହାନ୍ତି , ଆପଣ ଆ ସ କହିଲେ ସେ ବିଷୟରେ ପଚାରି ବୁଝିନେବା ଉଚିତ୍ ଏତତଦ୍ୱାରା ଜ୍ଞାନରେ ଅଭିବୃଦ୍ଧି ଘଟିଥାଏ । ପଚାରିବା ମନାନୁହେଁ । ବୁଝିପାରୁ ନାହାନ୍ତି ତ ପଚାରନ୍ତୁ । ପ୍ରଶ୍ନ ଉଠିବା ଉଚିତ । ଆପଣ ଆ ସ କହିଲେ ଯେ ବ୍ୟବହାରିକ ଉନ୍ନତି ତଥା ବିକାଶ ନମନ୍ତେ ପ୍ରଶ୍ନ ପଚାରିବା ଉଚିତ । **(ମଲଫୁଜାତ୍ ,ଖ-୦୩ , ପୃ-୧୯୩-୧୯୪ , ଏଡ଼ିଶନ୍ ୧୯୮୪)**

ବ୍ୟବହାରିକ ବିକାଶ ପାଇଁ ଏହା ଜରୁରୀ । ତେଣୁ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବାପାଇଁ ଯେଉଁସ୍ଥଳେ ବିଶ୍ୱାସରେ ଦୃଢ଼ତା ଅନିବାର୍ଯ୍ୟ ସେହିସ୍ଥଳେ ଜ୍ଞାନରେ ଅଭିବୃଦ୍ଧି ଓ ବ୍ୟବହାରିକ ଉନ୍ନତି ମଧ୍ୟ ଜରୁରୀ । ତେଣୁ ଏଥିପାଇଁ ଉଦ୍ୟମ କରିବା ଉଚିତ୍ ।

ପୁନଶ୍ଚ ରମଜାନର କଲ୍ୟାଣକୁ ଜାରି ରଖିବା ପାଇଁ ହଜୁର[ଅ.ସ] ଆମମାନଙ୍କୁ ଯେଉଁ ସୂତ୍ର ଦର୍ଶାଇଛନ୍ତି ତାହା ହେଉଛି ପାରସ୍ପରିକ ସମ୍ପର୍କକୁ ସର୍ବୋଚ୍ଚ ସ୍ତରରେ ପହଂଚାଇବା ସହିତ ରମଜାନରେ ଆମେ (ଧର୍ମକର୍ମରେ) ଯେଉଁଭଳି ଉତମ ଆଚରଣ କରିଥିଲେ ଏବଂ କଠିନ ପରିଶ୍ରମ କରିଥିଲେ , ତାହାକୁ ଜାରି ରଖିବା । ପାରସ୍ପରିକ ଭାତୃଭାବକୁ ମଜବୁତ୍ କରିବା ଏବଂ ପରସ୍ପରର ଅଧିକାରକୁ ସମ୍ପାଦନ କରିବା । ହଜୁର[ଅ.ସ] କୁହନ୍ତି; ଆମ ଜମାଅତ ସେପର୍ଯ୍ୟନ୍ତ ଶସ୍ୟଶ୍ୟାମଳ ଅର୍ଥାତ୍ ସମୃଦ୍ଧ ହେବ ନାହିଁ ଯେପର୍ଯ୍ୟନ୍ତ ପରସ୍ପର ପ୍ରତି ସଚ୍ଚା (ତଥା ନିର୍ମଳ)ସହାନୁଭୂତି ପ୍ରଦର୍ଶନ ନକରିଛନ୍ତି ।

ଯାହାକୁ ଅଧିକ ଶକ୍ତି ମିଳିଛି ସେ ଦୃବଳମାନଙ୍କୁ ଭଲପାଉ । ମୁଁ ଏକଥା ଶୁଣିବାକୁ ପାଉଛି ଯେ ଯେବେ ଜଣେ କାହାର ଦୋଷକୁ ଦେଖୁଛି , ତାହେଲେ ସେ ତା ସହିତ ଭଲ ବ୍ୟବହାର କରୁନାହିଁ । ବରଂ ତାକୁ ଘୃଣା ଏବଂ ତିରସ୍କାର କରୁଅଛି । ଯେବେକି ତାକୁ ଏହା ଆବଶ୍ୟକ ଥିଲା ଯେ ସେ ତାପାଇଁ ଦୁଆ କରନ୍ତା , ତାକୁ ଭଲ ପାଆନ୍ତା ଏବଂ ତାକୁ ନମ୍ର ଭାବରେ ତଥା ଭଦ୍ରାମିର ସହିତ ବୁଝାନ୍ତା । କିନ୍ତୁ ସେ ଏହା ପରିବର୍ତେ ତା ଉପରେ ଆହୁରି ବିରକ୍ତି ହେଉଛି । ଯଦି କ୍ଷମା ନ ଦିଆଯାଏ , ସହାନୁଭୂତି ଓ ଦୟା ନ କରାଯାଏ ତାହେଲେ ଏହିପରି ସେମାନେ ବିଗିଡ଼ି ବିଗିଡି ଶେଷରେ ଖରାପ ହୋଇଯାଇଥାନ୍ତି । ଅଲ୍ଲାଃତାଲାଙ୍କୁ ଏକଥା ପସନ୍ଦ ନୁହେଁ । ଜମାଅତ୍ ସେତେବେଳେ ତିଆରି ହୁଏ ଯେତେବେଳେ ଜଣେ ଅନ୍ୟଜଣଙ୍କ ପ୍ରତି ସମବେଦନା ଏବଂ ସହାନୁଭୂତି ଦେଖାଇ ତାହାର ଦୋଷ ଦୃବଳତାକୁ ଢାଙ୍କି ଦେଇଥାଏ । ଯେତେବେଳେ ଏପରି ଅବସ୍ଥା ଉପୁଜେ ସେତେବେଳେ ସେମାନେ ଗୋଟିଏ ଅସ୍ତିତ୍ୱ ହୋଇ ପରସ୍ପରର ନିକଟବର୍ତୀ ହୋଇଯାଇଥାନ୍ତି ଏବଂ ଜଣେ ଅନ୍ୟଜଣକୁ ନିଜ ଭାଇଠାରୁ ବି ଅଧିକ ଭାବିଥାନ୍ତି ।

ଆପୋଷରେ ନିଜ ଭାଇଙ୍କଠାରୁ ବି ଅଧିକା ପ୍ରେମ ରହିବା ଉଚିତ୍ । ଏପରି ପ୍ରେମ ଓ ସହାନୁଭୂତି ରହିବା ଉଚିତ୍ । ଆପଣ ଆ ସ କହିଲେ ଯେ ଉଦାହରଣ ସ୍ୱରୂପ ଜଣଙ୍କର ଗୋଟିଏ ପୁଅ ଯଦି ଭୂଲ କରିଥାଏ ତାହେଲେ ତା ଭୂଲକୁ ଘୋଡ଼ାଇଦିଆଯାଏ ଏବଂ ତାକୁ ଅଲଗା ବୁଝାଯାଇଥାଏ । (ସେହିପରି)ଭାଇର ଦୋଷ ଦୃବଳତାକୁ ଢାଙ୍କିଦେଇଥାଏ । ଯଦି ନିଜର ଭାଇ ହୋଇଥାଏ ତାହେଲେ ସେ ତାର ଦୋଷ ଦୃବଳତାକୁ ଢାଙ୍କି ଦେଇଥାଏ । ସେ କେବେବି ଏହା ଚାହିଁ ନଥାଏ ଯେ ସେ ତା ପାଇଁ ଏ ଇସ୍ତେହାର ଦେବ ଯେ ସେ ଏହି ଭୂଲ କରିଛି ବା ସେ ଏହି ପାପ କରିଛି । ପୁଣି ଯେଉଁଠି ଖୁଦାତାଲା ଭାଇ ଭାଇ କରିଦେଇଛନ୍ତି ,କ'ଣ ସେଠାରେ ଭାଇମାନଙ୍କ ପ୍ରତି ଏହିସବୁ କର୍ତବ୍ୟ ରହିଛି ? ଯେଉଁଠି ସାଂସାରିକ ଭାଇମାନେ ନିଜର ଭାଇଚାରାକୁ ଛାଡୁନାହାନ୍ତି ତାହେଲେ ତୁମେମାନେ କାହିଁକି ଛାଡ଼ିବ । ପୁଣି କହିଲେ ଯେ ବେଳେ ବେଳେ ମଣିଷ ମାଙ୍କଡ଼ ବା କୁକୁରଙ୍କ ପରି ପଶୁମାନଙ୍କଠାରୁ ବି ଶିକ୍ଷା ହାସଲ କରିଥାଏ । ଆଭ୍ୟନ୍ତରୀଣ ଫାଟ ହେଉଛି କଲ୍ୟାଣ ବିହିନ । ଖୁଦାତାଲା ସାହାବା ମାନଙ୍କୁ ବି ଭାଇଚାରାର ଏହି ସମାନ ପଦ୍ଧତିକୁ ମନେପକାଇଦେଇଛନ୍ତି । ଯଦି ସେମାନେ ସୁନାର ପାହାଡ଼ ବି ଖର୍ଚ୍ଚକରିଥାନ୍ତେ ତାହେଲେ ସେହି ଭାଇଚାରା ସେମାନଙ୍କୁ ମିଳିନଥାନ୍ତା ଯେଉଁ ଭାଇଚାରା ରସୁଲୁଲ୍ଲାଃ ସ ଆ ସଙ୍କ ଜରିଆରେ ସେମାନଙ୍କୁ ମିଳିଥିଲା । ଠିକ୍ ସେହିପରି ଅଲ୍ଲାଃତାଲା ଏହି ସିଲସିଲା (ଅର୍ଥାତ୍ ଏହି ସମ୍ପ୍ରଦାୟ)ର ସ୍ଥାପନା କରିଛନ୍ତି ଏବଂ ସେହିପ୍ରକାରର ଭାଇଚାରା ମଧ୍ୟ ସେ ଏଠାରେ ସ୍ଥାପନ କରିଦେବେ । ଈଶ୍ୱରଙ୍କ ଉପରେ ମୋର ବହୁତ ଭରସା ରହିଛି । ସେ ଏହି ପ୍ରତିଶୃତି ଦେଇଛନ୍ତି ଯେ **ଜାଏଲୁଲ୍ ଲଜିନା ଇତ୍‌ତବଉକା ଫୌକଲ୍ ଲଜିନା କଫରୁ ଇଲା ୟୋମିଲ୍ କିୟାମାଃ (ଆଲେ ଇମରାନ୍ :୫୬)** ମୁଁ ଅବଶ୍ୟ ଜାଣିଛି ଯେ ସେ ଗୋଟିଏ ଜମାଅତ୍ ସ୍ଥାପନ କରିବ ଯିଏ କୟାମତ୍ ପର୍ଯ୍ୟନ୍ତ ଅମାନ୍ୟକାରୀମାନଙ୍କ ଉପରେ ବିଜୟୀ ହୋଇ ରହିବ । କିନ୍ତୁ ଏହି ଦିନଗୁଡ଼ିକ ହେଉଛନ୍ତି ପରିକ୍ଷାର ଦିନ ଏବଂ ଦୃବଳତାର ଦିନ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ସୁଯୋଗ ଦିଆଯାଉଅଛି ଯେ ସେ ନିଜର ସଂସ୍କାର କରୁ ଏବଂ ନିଜକୁ ପରିବର୍ତନ କରୁ । ଦେଖନ୍ତୁ ! ପରସ୍ପରକୁ ଦୋଷଦେବା , ପରସ୍ପରର ହୃଦୟକୁ ଦୁଃଖ ଦେବା, ଅନ୍ୟର ମନକୁ କଠୋର ଶଦ୍ଦ କହି ଆଘାତ ପହଂଚାଇବା ଏବଂ ଦୃବଳ ତଥା ଅସହାୟମାନଙ୍କୁ ନ୍ୟୁନ ମଣିବା ହେଉଛି ଭିଷଣ ପାପ । **(ମଲଫୁଜାତ୍ ,ଖ-୦୩ , ପୃ-୩୪୮-୩୪୯ , ଏଡ଼ିଶନ୍ ୧୯୮୪)**

ଆପଣ[ଅ.ସ] କହିଲେ; "ଆମ ଜମାଅତରେ ଶକ୍ତିମାନ ମଲ୍ଲଯୋଦ୍ଧାମାନଙ୍କର ଆବଶ୍ୟକତା ନାହିଁ"ଆମକୁ ରେସଲର୍ ଙ୍କ ଆବଶ୍ୟକତା ନାହିଁ । " ବରଂ ଏଭଳି ଶକ୍ତି ଓ ସାମର୍ଥ୍ୟ ରଖିଥିବା ଲୋକମାନଙ୍କ ଆବଶ୍ୟକ ରହିଛି, ଯେ ଚରିତ୍ର ପରିବର୍ତନ କରିବା ପ୍ରତି ମନଯୋଗୀ ତଥା ସେଥିପ୍ରତି ଚେଷ୍ଟା କରୁଥିବେ । ଏହା ଏକ ବାସ୍ତବିକତା ଯେ ଏମିତି ଲୋକକୁ ଶକ୍ତିଶାଳୀ ବା ବାହାଦୁର୍ ନୁହେଁ ଯିଏ ଗୋଟିଏ ପାହାଡ଼କୁ ତା ସ୍ଥାନରୁ ହଟାଇଦେଇପାରେ ,ନୁହେଁ ନୁହେଁ, ଅସଲ ବାହାଦୁର୍ ହେଉଛି ସେ ଯିଏ ନିଜର ଚରିତ୍ର ତଥା ନିଜ ଆଚରଣ ଉପରେ ନିୟନ୍ତ୍ରଣ ପାଏ । ଅତେବ ଏକଥାକୁ ମନେରଖ ଯେ ତୁମେମାନେ ନିଜର ସମସ୍ତ ପ୍ରକାରର ସାହାସ ଓ ଶକ୍ତିକୁ ନିଜର ଚରିତ୍ର ତଥା ନିଜ ଆଚରଣକୁ ପରିବର୍ତନ କରିବାରେ ହିଁ ବିନିଯୋଗ କର କାରଣ ଏହା ହିଁ ହେଉଛି ପ୍ରକୃତ ଶକ୍ତି ଏବଂ ପ୍ରକୃତ ସାହାସ ।" **(ମଲଫୁଜାତ୍ ,ଖ-୦୧, ପୃ-୧୪୦ , ଏଡ଼ିଶନ୍ ୧୯୮୪)**

ପୁଣି ରମଜାନର ଆଶୀର୍ବାଦ ଓ କଲ୍ୟାଣ ଜାରି ରହିବା ପାଇଁ ହଜରତ୍ ମସିହ୍ ମଉଦ୍ [ଅ.ସ] ଅମକୁ ଯେଉଁ ଉପାୟ ବତାଇଛନ୍ତି , ତାହା ହେଉଛି ଏହା କି ରମଜାନ ମାସରେ ଆମେମାନେ ପାରସ୍ପରିକ ସମ୍ପର୍କକୁ ସୁଦୃଢ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶଦ୍ଦଗୁଡ଼ିକୁ ସଠିକ ପଢିନେବେ ।

କରିବା ପାଇଁ ଯେଉଁ ଚେଷ୍ଟା କରିଥିଲେ , ତାକୁ ଆମେ ଜାରି ରଖିବା । ପାରସ୍ପରିକ ପ୍ରେମ ଓ ଭାଇଚାରାକୁ ପ୍ରୋତ୍ସାହିତ କରିବା ଏବଂ ପରସ୍ପର ପ୍ରତି ଥିବା ଅଧିକାରକୁ ସମ୍ପାଦନ କରିବା । ଆପଣ ଆ ସ କୁହନ୍ତି ଯେ ଆମ ଜମାତ୍ ସେପର୍ଯ୍ୟନ୍ତ ସମୃଦ୍ଧ ହେବନାହିଁ ଯେପର୍ଯ୍ୟନ୍ତ ପରସ୍ପର ପ୍ରତି ସଚ୍ଚା ସହାନୁଭୂତି ନଦେଖାଇଛି ।

ପାରସ୍ପରିକ ପ୍ରେମ, ସ୍ନେହ, ପରସ୍ପରର ଅଧିକାରକୁ ପ୍ରଦାନ କରିବା ,ନମ୍ର ତଥା ଦାରିଦ୍ରପୂର୍ଣ୍ଣ ଜୀବନ ଅତିବାହିତ କରିବା ସମ୍ବନ୍ଧରେ ଆପଣ ଆ ସ କୁହନ୍ତି ଯେ "ଧର୍ମପରାୟଣ ଲୋକମାନଙ୍କ ପାଇଁ ଏହା ସର୍ତ ରହିଛି ଯେ ସେମାନେ ନିଜ ଜୀବନକୁ ଦାରିଦ୍ରରେ ବିତାଇଦେଇଥାନ୍ତି ।

ଏହା ହେଉଛି ତକଓ୍ୱା (ଅର୍ଥାତ୍ ଧର୍ମପରାୟଣତା)ର ଗୋଟିଏ ଶାଖା । ଯାହା ଦ୍ୱାରା ଆମକୁ ଅଯୌକ୍ତିକ କ୍ରୋଧ ସହିତ ଲଢିବାକୁ ହେବ । ବଡ଼ ବଡ଼ ଜ୍ଞାନୀ ଏବଂ ସିଦ୍ଧପୁରୁଷମାନଙ୍କର ଶେଷ ତଥା ଅନ୍ତିମ ଲକ୍ଷ ଥିଲା କ୍ରୋଧରୁ ବଂଚି ରହିବା । ବିଲକ୍ଷଣ ଓ ଗର୍ବ ଅହଂକାର ଏହି କ୍ରୋଧରୁ ଉତ୍ପନ୍ନ ହୋଇଥାଏ । ସେହିଭଳି ବେଳେ ବେଳେ କ୍ରୋଧ ବି ସ୍ୱୟଂ ବିଲକ୍ଷଣ ଓ ଗର୍ବ ଅହଂକାର ଫଳ ହୋଇଥାଏ । କାରଣ କ୍ରୋଧ ସେତେବେଳେ ହୋଇଥାଏ ଯେତେବେଳେ ମଣିଷ ନିଜକୁ ଅନ୍ୟମାନଙ୍କ ଉପରେ ଅଗ୍ରାଧିକାର ଦେଇଥାଏ । ମୁଁ ଏହା ଚାହେଁ ନାହିଁ ଯେ ମୋ ଜମାଅତ୍ ର ଲୋକମାନେ ପରସ୍ପରକୁ ଛୋଟ ବା ବଡ ମଣନ୍ତୁ ବା ପରସ୍ପର ଭିତରେ ଗର୍ବ ଅଂହଙ୍କାର ଦେଖାନ୍ତୁ ବା ପରସ୍ପରକୁ ତୁଚ୍ଛ ମଣନ୍ତୁ । ଅଲ୍ଲାଃତାଲା ଜାଣିଛନ୍ତି କିଏ ବଡ଼ ଓ କିଏ ସାନ । ଏମିତି ଭାବିବା ହେଉଛି ଏକ ପ୍ରକାରର ଗର୍ବ ଓ ଅଂହଙ୍କାର । ଯାହା ଭିତରେ ଏମିତି ତୁଚ୍ଛ ମନୋଭାବ ରହଛି , ଭୟ ଲାଗୁଛି ଯେ ଏହି ଘୃଣ୍ୟଭାବର ମଞ୍ଜିଟି ବଢି ବଢି ତା ମୃତ୍ୟୁର କାରଣ ନ ହୋଇଯାଉ । କିଛି ଲୋକେ ଏପରି ଅଛନ୍ତି, ଯେ ବଡ଼ ବଡ଼ ଲୋକମାନଙ୍କୁ ଦେଖି ସେମାନଙ୍କ ସହିତ ଭଦ୍ର ବ୍ୟବହାର କରିଥାନ୍ତି । କିନ୍ତୁ ବଡ଼ ଲୋକ ହେଉଛି ଏପରି ଲୋକ ଯେ ଗରୀବ ମାନଙ୍କର କଥାକୁ ଶୁଣିଥାନ୍ତି । ଗରୀବ ଲୋକକୁ ଆଦର ସମ୍ମାନ କରିଥାନ୍ତି । ଚିଡ଼ିକି କିଛି କଥା କୁହନ୍ତି ନାହିଁ ଯଦ୍ୱାରା କାହାକୁ ଦୁଃଖ ପହଂଚିବ ।" ବିଶେଷ ଭାବରେ ବଡ଼ ମାନଙ୍କୁ , ଓ୍ୱହଦାଦାର୍ ମାନଙ୍କୁ ବି ଏଥିପ୍ରତି ଧ୍ୟାନ ଦେବା ଉଚିତ ଯେ ସେମାନେ ଯେଉଁ ଲୋକମାନଙ୍କ ସହିତ କଥା ହେଉଛନ୍ତି , ସେମାନଙ୍କ ସହିତ ବହୁତ ଆରାମରେ ଏବଂ ସ୍ନେହରେ ତଥା ବହୁତ ପ୍ରେମପୂର୍ଣ୍ଣ ଢଙ୍ଗରେ କଥା ହୁଅନ୍ତୁ । ଅଲ୍ଲାଃତାଲା କହଛନ୍ତି **ଓ୍ୱ ଲା ତନାବଜୁ ବିଲ୍ ଅଲ୍‌କାବ୍ ବିସଲ୍ ଇସ୍‌ମୁଲ୍ ଫୁସୁକୁ ବାଦଲ୍ ଇମାନ୍ ଓ୍ୱ ମଲ୍ ଲମ୍ ୟତୁବ୍ ଫଉଲାଇକା ହୁମୁଜ୍ ଜାଲିମୁନ୍ (ସୁରଃ ଅଲହୁଜରାତ୍ :୧୨)**ଅର୍ଥାତ୍ ତୁମେ ପରସ୍ପର ମଧ୍ୟରେ ଜଣେ ଅନ୍ୟଜଣକର ନାମକୁ ଚିଡ଼ିକି (ବା ଅତିଷ୍ଠ ଭାବ ପ୍ରକାଶ) କରି ଧର ନାହିଁ । ଏମିତି କାମ ହେଉଛି ଜଣେ ଭ୍ରଷ୍ଟ ଲୋକର କାମ । ଯିଏ ଅନ୍ୟକୁ ଚିଡ଼ାଇଥାଏ ସେ ସେପର୍ଯ୍ୟନ୍ତ ମରିବ ନାହିଁ ଯେପର୍ଯ୍ୟନ୍ତ ସେ ନିଜେ ସେହି ସମାନ ଯନ୍ତ୍ରଣାରେ ପେଶି ନ ହୋଇଛି । ନିଜ ଭାଇମାନଙ୍କୁ ତୁଚ୍ଛ ମଣନ୍ତୁ ନାହିଁ । ଯେବେ ତୁମେମାନେ ଗୋଟିଏ ଝରଣାର ଉତ୍ସରୁ ସମସ୍ତେ ପାଣି ପିଉଛ , ତାହେଲେ କିଏ ଜାଣିଛି ଯେ କାହା ଭାଗ୍ୟରେ କେତେ ଅଧିକା ପାଣି ଲେଖା ହୋଇଛି । ସାଂସାରିକ ନୀତି ବା ସିଦ୍ଧାନ୍ତ ଦ୍ୱାରା ଜଣେ ସମ୍ମାନୀୟ ବା ଆଶୀର୍ବାଦପ୍ରାପ୍ତ ହୋଇପାରିବ ନାହିଁ । ଈଶ୍ୱରଙ୍କ ନିକଟରେ ବଡ଼ (ସମ୍ମାନୀୟ ଓ ମହାନ ବ୍ୟକ୍ତି) ହେଉଛି ସେ ଯିଏ ହେଉଛି ଧର୍ମପରାୟଣ । **ଇନ୍ନା ଅକରମକୁମ୍ ଇନଦଲ୍ଲାହି ଅତକାକୁମ୍ ଇନ୍ନଲ୍ଲାହା ଅଲିମୁନ୍ ଖବିର୍ (ମଲଫୁଜାତ୍ ଖ-୦୧,ପୃ-୩୬, ଏଡ଼ିଶନ୍ ୧୯୮୪)**

ତେଣୁ ରମଜାନରେ ଯେଉଁ ତକଓ୍ୱା (ଧର୍ମପରାୟଣତା ତଥା ଯେଉଁ ଈଶ୍ୱରଭୟ)ଅର୍ଜନ କରିଛନ୍ତି , ସେହି ତକଓ୍ୱା ଏହା ଆବଶ୍ୟକ କରୁଅଛି ଯେ ପାରସ୍ପରିକ ସମ୍ପର୍କକୁ ଅଧିକରୁ ଅଧିକ ପରିମାର୍ଜିତ କରାଯାଉ ଏବଂ ପାରସ୍ପରିକ ମାମଲାରେ ଅତି ନିଷ୍ଠା, ସଙ୍କୋଚତା ଓ ଶାଳିନତାର ନମୁନା ପ୍ରଦର୍ଶନ କରାଯାଉ ।

ପୁଣି ହଜୁର[ଅ.ସ] କହିଲେ ଯେ : " ମୁଁ ଏକଥା ଅନେକ ଥର କହିସାରିଛି ଯେ ତୁମେମାନେ ପାରସ୍ପରିକ ମାମଲାରେ ସହମତି ରକ୍ଷା କର ଏବଂ ସମ୍ମିଳିତ ରୁହ, ପରମେଶ୍ୱର ମୁସଲମାନମାନଙ୍କୁ ଏହି ଶିକ୍ଷା ଦେଇଥିଲେ ଯେ ତୁମେମାନେ ଗୋଟିଏ ଅସ୍ତିତ୍ୱ ବଜାୟ ରଖିବ ନଚେତ ବାୟୁ ନିର୍ଗତ ହୋଇଯିବ (ଅର୍ଥାତ୍ ଦୃବଳ ହୋଇଯିବ) । ନମାଜ ପଢିବା ବେଳେ ଜଣେ ଅନ୍ୟ ଜଣଙ୍କ ସହିତ ଯୋଡ଼ି ହୋଇକରି ଠିଆ ହେବାର ତାତ୍ପର୍ଯ୍ୟ ହେଉଛି ଏହା କି ଏତଦ୍ୱାରା ଏକତା ସୃଷ୍ଟି ହୋଇଥାଏ । ବିଦ୍ୟୁତ ଶକ୍ତି ପରି ଜଣଙ୍କର ଭଲ ଗୁଣ ଅନ୍ୟଜଣକ ନିକଟକୁ ଚାଲିଯାଇଥାଏ । କିନ୍ତୁ ଯଦି ମତଭେଦ ରହେ , ଏକତା ନରହେ ,ତାହେଲେ ବଡ଼ ଦୁର୍ଭାଗ୍ୟ ହେବ ।"

ବର୍ତମାନର ପରିସ୍ଥିତିରେ ଯଦି କିଛି ଦୂରତା ଅବଲମ୍ବନ କରାଯାଉଅଛି ତାହେଲେ ଏହା ଆବଶ୍ୟକତାକୁ ଆଖି ଆଗରେ ରଖି କରାଯାଇଅଛି । ପିଲାମାନେ , ବଡ଼ମାନେ ଏବଂ ଅନ୍ୟମାନେ ବି ଏହାକୁ ସ୍ଥାୟୀ ବୋଲି ଭାବନ୍ତୁ ନାହିଁ । ପରିସ୍ଥିତି ଧିରେ ଧିରେ ସୁଧୁରିବ । ଏବେ ଦୂରତା ବି ହ୍ରାସ ପାଇଲାଣି । ଅଲ୍ଲାଃତାଲାଙ୍କ ଦୟାରୁ ପରିସ୍ଥିତି ସାଧାରଣ ହୋଇଯିବ । ଅସଲକଥା ହେଉଛି ଏହା କି ଯେତେବେଳେ ମସଜିଦରେ ସଫ୍ (ଧାଡ଼ି) ଛିଡ଼ା ହୋଇଯାଏ ସେତେବେଳେ ଜଣେ ଅନ୍ୟ ଜଣକ ସହିତ ଯୋଡ଼ି ହୋଇ ଛିଡ଼ା ହୋଇଯାଉ । ଏକଥାକୁ ସର୍ବଦା ମନେରଖିବା ଉଚିତ୍ । ହଁ ଆବଶ୍ୟକ ଅନୁଯାୟୀ ଗୋଟିଏ ଅସ୍ଥାୟୀ ବ୍ୟବସ୍ଥା କରାଯାଇଥିଲା । ତେଣୁ ଦୂରତା ଅବଲମ୍ବନ କରାଯାଉଅଛି ଯଦ୍ୱାର ଅନ୍ତତ ପକ୍ଷେ ବାଜମାଅତ୍ (ସାମୁହିକ ଭାବରେ) ନମାଜ ପଢାଯାଇପାରିବ । ଆଶା କରାଯାଏ ଯେ ଇନଶାଅଲ୍ଲାଃ ଯେଉଁଭଳି ଅବସ୍ଥାରେ ସୁଧାର ଆସୁଅଛି ଯଥା ଶୀଘ୍ର ପରିସସ୍ଥିତି ସାଧାରଣ ହୋଇଯିବ ।

ସେ ଯାହା ହେଉ ନା କାହିଁକି ଆପଣ ଆ ସ କୁହନ୍ତି ଯେ "ରସୁଲୁଲ୍ଲାଃ ସ ଆ ସ କହିଛନ୍ତି ଯେ ପରସ୍ପରକୁ ପ୍ରେମ କର ଏବଂ ପରସ୍ପର ପାଇଁ ଅଜ୍ଞାତରେ ଅର୍ଥାତ୍ ଜଣେ ନଜାଣିଥିବା ଅବସ୍ଥାରେ ତାପାଇଁ ଦୁଆ କର" ଏହା ବହୁତ ଗୁରୁତ୍ୱପୂର୍ଣ୍ଣ କଥା ଯେ ଜଣେ ଅନ୍ୟ ଜଣଙ୍କ ପାଇଁ ତା ଅଜାଣତରେ ଦୁଆ କରୁ । ତୁମକୁ କିଏ ଦୁଆ କରିବା ପାଇଁ କହନ୍ତୁ ବା ନକହନ୍ତୁ । ସେ ତୁମକୁ ଜାଣିଥାଉ ବା ନଜାଣିଥାଉ । ସାଧାରଣତଃ ଆମ ଜମାଅତର ଲୋକମାନେ ପରସ୍ପର ପ୍ରତି ବା ନିଜ ଜମାଅତ ପାଇଁ ଦୁଆ କରିବା ଉଚିତ୍ । ତେବେ ଏହା ହେଉଛି ଏକ ବହୁତ ବଡ଼ ପୁଣ୍ୟକର୍ମ । ଆପଣ କୁହନ୍ତି; "ଯଦି ଜଣେ ଅନ୍ୟ ଜଣକ ପାଇଁ ତାହା ଅଜ୍ଞାତରେ ଦୁଆ କରିଥାଏ ତେବେ ଦେବଦୂତମାନେ କହିଥାନ୍ତି ଯେ , ତୁମ ପକ୍ଷରେ ମଧ ତାହା ପୂରଣ ହେଉ । ଯଦି ମନୁଷ୍ୟର ପ୍ରାର୍ଥନା (ଯାହାକି ସେ ନିଜ ପାଇଁ କରିଥାଏ) ଗ୍ରହଣ ନହୁଏ ତେବେ (କ'ଣ ହେଲା) ଦେବଦୂତମାନଙ୍କର ତ ଗ୍ରହଣ ହୋଇଥାଏ । ମୁଁ ଏ ଉପଦେଶ ଦେଉଛି ଯେ ପରସ୍ପର ମଧ୍ୟରେ କୌଣସି ମତଭେଦ ନରହୁ । ମୁଁ ଦୁଇଟି ପ୍ରସଙ୍ଗ ନେଇ ଆସିଛି । ପ୍ରଥମତଃ ଈଶ୍ୱରଙ୍କ ଏକେଶ୍ୱରବାଦକୁ ଗ୍ରହଣ କରନ୍ତୁ । ଦ୍ୱିତୀୟତଃ ଆପୋଷରେ ପରସ୍ପର ପ୍ରତି ପ୍ରେମ ଓ କରୁଣା ପ୍ରକାଶ କରନ୍ତୁ । ଏପରି ନମୁନା ଦେଖାନ୍ତୁ ଯେ ତାହା ଅନ୍ୟମାନଙ୍କ ପାଇଁ ଗୋଟିଏ ଚମତ୍କାର ହେବ । ଏହି ପ୍ରମାଣ ଥିଲା ଯାହା ସାହାବାମାନଙ୍କ ମଧ୍ୟରେ ପ୍ରକାଶ ହୋଇଥିଲା । କୁନ୍‌ତୁମ୍ ଆଦାଅନ୍ ଫଅଲ୍ଲଫା ବୈନା କୁଲୁବିକୁମ୍ (ସୁରଃ ଆଲେ ଇମରାନ୍ :୧୦୪)" ଅର୍ଥାତ୍ ତୁମେମାନେ ପରସ୍ପରର ଶତ୍ରୁ ଥିଲ କିନ୍ତୁ ସେ ତୁମର ହୃଦୟକୁ ଆପୋଷରେ ଏକାଠି ମିଶାଇଦେଲେ । ମନେରଖ ! ଅନ୍ୟର ହୃଦୟକୁ ଜିତିବା ହେଉଛି ଏକ ଚମତ୍କାର । ମନେରଖ ! ଯେପର୍ଯ୍ୟନ୍ତ ତୁମ ମାନଙ୍କ ମଧ୍ୟରୁ ପ୍ରତ୍ୟେକ ଏପରି (ଆଚରଣ) ପ୍ରଦର୍ଶନ ନକରଛନ୍ତି, ଅର୍ଥାତ ଯାହା ନିଜ ପାଇଁ ପସନ୍ଦ କରୁଛନ୍ତି ତାହା ନିଜ ଭାଇ ପାଇଁ ମଧ ପସନ୍ଦ ନକରୁଛନ୍ତି ତାହେଲେ ସେ ମୋ ଜମାଅତରେ ଅନ୍ତର୍ଭୁକ୍ତ ନୁହେଁ । ସେ ଦୁଃଖ ଓ ଅସୁବିଧାରେ ଅଛି ।(ବରଂ ସେ ବିପତି ଓ ସମସ୍ୟା ଘେରରେ ରହିଛି) ତାହାର ପରିଣାମ ଭଲ ନୁହେଁ । **(ମଲଫୁଜାତ୍ ,ଖ-୦୨, ପୃ-୪୮)**

ପୁଣି ଈଶ୍ୱରଙ୍କ ସହିତ ପ୍ରେମ କରିବା ପ୍ରତି ଧ୍ୟାନ ଆକର୍ଷଣ କରାଇ ହଜରତ୍ ମସିହ[ଅ.ସ] କହିଲେ " ପ୍ରଭୁଙ୍କୁ ପ୍ରେମ କରିବାର ତାତ୍ପର୍ଯ୍ୟ କ'ଣ ? ଏହିକି ଯେ ନିଜ ପିତାମାତା, ନିଜ ପତ୍ନୀ, ପିଲାଛୁଆ ତଥା ନିଜଠାରୁ ବି ଏବଂ ପ୍ରତ୍ୟେକ ଜିନିଷ ଉପରେ ଈଶ୍ୱରଙ୍କ ପ୍ରସନ୍ନତା (ଅର୍ଥାତ୍ ପ୍ରଭୁଙ୍କ ପ୍ରୀତିଭାଜନ ଲାଭ କରିବା) କୁ ପ୍ରାଥମିକତା ଦିଆଯାଉ । । ଅତଏବ ପବିତ୍ର କୁରଆନରେ ଏହି କଥା ଉଲ୍ଲେଖ ରହିଛି ଯେ **ଫଜ୍‌କୁରୁଲ୍ଲାହା କଜିକ୍‌ରେକୁମ୍ ଆବାଆକୁମ୍ ଅଓ ଅଶଦ୍ଦା ଜିକ୍‌ରା(ସୁରଃ ଅଲବକ୍‌ରାଃ:୨୦୧)ଅର୍ଥାତ୍** ଅଲ୍ଲାଃତାଲାଙ୍କୁ ଏପରି ସ୍ମରଣ କର ଯେପରି ତୁମେ ନିଜ ପିତୃପୁରୁଷମାନଙ୍କୁ ସ୍ମରଣ କରୁଅଛ ବରଂ ତା'ଠାରୁ ବି ଅଧିକ କର । ଏବଂ ଭୀଷଣ ଭାବରେ ପ୍ରେମ କରି ତାହାକୁ ସ୍ମରଣ କର ପୁଣି ହଜୁର[ଅ.ସ] କୁହନ୍ତି; ପ୍ରକୃତ ଏକେଶ୍ୱରବାଦର ପ୍ରତିଷ୍ଠା ନିମନ୍ତେ ଏହା ଜରୁରୀ ଅଟେ ଯେ ପରମେଶ୍ୱରଙ୍କ ପ୍ରେମରେ ସମ୍ପୂର୍ଣ୍ଣ ଅଂଶଗ୍ରହଣ କରିବା । ଏବଂ ଏହି ଭଲପାଇବା ସେପର୍ଯ୍ୟନ୍ତ ପ୍ରମାଣିତ ହୋଇ ନଥାଏ ଯେପର୍ଯ୍ୟନ୍ତ ଜଣେ ବ୍ୟବହାରିକ କାର୍ଯ୍ୟକକ୍ଷେତ୍ରରେ ପୂର୍ଣ୍ଣତା ଲାଭ ନକରିଛି ।''ବ୍ୟବହାରିକ ରୂପେ ପ୍ରେମ କରିବାକୁ ହେବ , ତାହା ପ୍ରକାଶ କରିବାକୁ ପଡ଼ିବ । "କେବଳ କଥାରେ ପ୍ରମାଣିତ ହୁଏନାହିଁ । ଜଦି ଜଣେ ମିଶ୍ରୀ ବିଷୟରେ କହୁଥାଏ ,କେବେବି ଏହା ହୋଇନଥାଏ ଯେ ତା କାମ ଗୁଡ଼ିକ ମିଠା ହୋଇଯିବା ।" ଅର୍ଥାତ୍ ତା ମୁହଁ ମିଠା ହୋଇଯାଏ ନାହିଁ । ଯଦି ସେ ଚିନି ବା ଗୁଡ଼ ନାଧରିଥାଏ ତାହେଲେ କଣ ମିଠା ହୋଇଯିବ । ନୁହେଁ । "ବା ଯଦି ଜଣେ ମୁହଁରେ କାହାର ବନ୍ଧୁତାକୁ ସ୍ୱୀକାର କରୁଥାଏ କିନ୍ତୁ ଅସୁବିଧା ଓ ଦୁଃଖ ସମୟରେ ସେ ତାକୁ ସାହାଯ୍ୟ ଏବଂ ସହଯୋଗ କରେନାହିଁ , ତାହେଲେ ଏପରି ବନ୍ଧୁ ଜଣେ ଆନ୍ତରିକ ବନ୍ଧୁ ବିବେଚିତ ହୋଇପାରିବ ନାହିଁ । ଠିକ୍ ସେହିପରି ଯଦି ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦକୁ କେବଳ ମୁହଁରେ ସ୍ୱୀକାର କରାଯାଉଥାଏ ପୁଣି ତାକୁ ଭଲପାଇବା ବିଷୟ ମଧ୍ୟ କେବଳ ମୁହଁରେ ସ୍ୱୀକାର କରାଯାଏ ତାହେଲେ କିଛି ଲାଭ ନାହିଁ । ବରଂ ଏହି ଅଂଶଟି ମୁହଁରେ ସ୍ୱୀକାର କରିବା ପରିବର୍ତେ ଗୋଟିଏ ବ୍ୟବହାରିକ ଅଂଶକୁ ଆବଶ୍ୟକ କରିଥାଏ । ଏହାର ଅର୍ଥ ନୁହେଁ ଯେ ମୌଖିକ ସ୍ୱୀକାରୋକ୍ତି କିଛି ନୁହେଁ । ନା ଏମିତି ନୁହେଁ । ମୋ କହିବାର ଉଦ୍ଦେଶ୍ୟ ହେଉଛି ଏହାକି ମୌଖିକ ସ୍ୱୀକାରୋକ୍ତି ସହିତ ବ୍ୟବହାରିକ ସ୍ପଷ୍ଟିକରଣ ବି ଜରୁରୀ । ଏଥିସକାଶେ ଜରୁରୀ ଯେ ପ୍ରଭୁଙ୍କ ମାର୍ଗରେ ନିଜ (ଜୀବନ)କୁ ଉତ୍ସର୍ଗ କର ଏବଂ ଏହା ହିଁ ଇସଲାମର ସାର । ଏହା ହିଁ ସେହି ଉଦ୍ଦେଶ୍ୟ ଯେଉଁଥି ପାଇଁ ମୋତେ ପ୍ରେରଣ କରାଯାଇଛି । ଅତଏବ ଏବେ ଯେ କେହି ଏହି ନିର୍ଝର ନିରକଟକୁ ନଆସୁଛି, ଯେଉଁ ଉଦ୍ଦେଶ୍ୟ ପୂରଣ କରିବା ସକାଶେ ପ୍ରଭୁ ଏହି (ଜମାଅତ)ର ସ୍ଥାପନ କରିଛନ୍ତି, ତେବେ ସେ ନିଶ୍ଚିତ ରୂପେ ହତଭାଗ୍ୟ ରହିବ । ଯଦି କିଛି ପାଇବାକୁ ଅଛି , ଯଦି ଉଦ୍ଦେଶ୍ୟକୁ ହାସଲ କରିବାକୁ ଚହୁଁଛନ୍ତି , ତାହେଲେ ଜଣେ ସତ୍ୟବାଦୀ ଙ୍କୁ ଆବଶ୍ୟକ ଯେ ସେ ଏହି ଝରଣ ଆଡକୁ ଧାଇଁ ଆସନ୍ତୁ ଓ ପାଦ ଆଗକୁ ବଢାନ୍ତୁ ଏବଂ ଏହି ଝରଣାର ଉତ୍ପତିସ୍ଥାନରେ ନିଜର ମୁହଁ ରଖିଦିଅନ୍ତୁ । ଏହା ସେପର୍ଯ୍ୟନ୍ତ ହୋଇପାରିବ ନାହିଁ ଯେପର୍ଯ୍ୟନ୍ତ ଜଣେ ନିଜର ସବୁକିଛି ମାନଅଭିମାନରୂପକ ବସ୍ତ୍ରକୁ ନବାହାର କରିଛି ଓ ଈଶ୍ୱରଙ୍କ ଆସ୍ଥାନ ସମ୍ମୁଖରେ ଯାଇ ନପଡ଼ିଛି ଏବଂ ଏ ପ୍ରତିଜ୍ଞା ନକରିଛି ଯେ ଯଦି ମୋର ସାଂସାରିକ ସାଧନ ସବୁ ଚାଲି ବି ଯାଏ , ଦୁଃଖର ପାହାଡ଼ ବି ଭାଙ୍ଗି ଯାଏ ତେବେ ସୁଧା ବି ମୁଁ ଈଶ୍ୱରଙ୍କୁ ଛାଡ଼ିବି ନାହିଁ ଏବଂ ଈଶ୍ୱରଙ୍କ ମାର୍ଗରେ ପ୍ରତ୍ୟେକ ପ୍ରକାରର ବଳିଦାନ ଦେବାକୁ ପ୍ରସ୍ତୁତ ଅଛି । ହଜରତ ଇବ୍ରାହିମ୍ [ଅ.ସ]ଙ୍କର ଏହି ମହାନ ଓ ଦୃଢ଼ ନିଷ୍ଠାପରତା ହିଁ ଥିଲା ଯେ, ସେ ନିଜ ପୁଅକୁ ମଧ ବଳି ଦେବା ପାଇଁ ପ୍ରସ୍ତୁତ ହୋଇଗଲେ । ଇସଲାମ୍ ଧର୍ମର ଉଦ୍ଦେଶ୍ୟ ହେଉଛି ଏହାକି (ଏହିପରି) ଅନେକ ଇବ୍ରାହିମ୍ ତିଆରି କରିବା

ଅଲ୍ଲାଃତାଲା ଇବ୍ରାହିମ୍ [ଅ.ସ]ଙ୍କର ଏହି ଉତ୍କର୍ଷ ବର୍ଣ୍ଣନା କରିଛନ୍ତି ଯେ ସେ ପ୍ରଭୁଙ୍କର ଅତି

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.7 Thursday 21-28 July 2022 Issue No. 29-30

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.600/- (Per Issue:Rs.12/-) (**WEIGHT** - 20-50gms/issue)

ବିଶ୍ୱସ୍ତ ଥିଲେ । "ସୁତରାଂ ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଇବ୍ରାହିମ୍ [ଅ.ସ]ଙ୍କ ପରି ହେବାକୁ ଚେଷ୍ଟା କରିବା ଉଚିତ୍ । ମୁଁ ତୁମମାନଙ୍କୁ ସତ୍ୟ କହୁଅଛି ଯେ ନିଜେ ଓ୍ୱଲି ହୋଇଯାଅ ଓ୍ୱଲି ପରସ୍ତ ହୁଅନାହିଁ ବରଂ ପୀର୍ ହୋଇଯାଅ । ତୁମେ ଏହି ମାର୍ଗରେ ପରିଚାଳିତ ହୁଅ ।"ଏପରି ନହେଉ ଯେ ପୀର ହୋଇ ପୀର ମାନଙ୍କ ଭଳି ଗର୍ବ ତଥା ଅହଙ୍କାର ସୃଷ୍ଟି ହୋଇଯାଉ ବରଂ ବିନମ୍ର ହୁଅ । ବିଶ୍ୱସ୍ତତା ସ୍ଥାପନ କର । ଏହାର ଅର୍ଥ ହେଉଛି ଆଜିକାଲିର ପୀର ମାନଙ୍କ ପରି ସାଂସାରିକ ଭୋଗବିଳାସକୁ ପ୍ରକାଶ ନକର । ସେ କୁହନ୍ତି "ଅବଶ୍ୟ ଏହା ସଂକୀର୍ଣ୍ଣ ପଥ"ତୁମେ ଏହି ମାର୍ଗରେ ଆସ । "କିନ୍ତୁ ଏହି ମାର୍ଗରେ ପ୍ରବେଶ କରିବା ପରେ ଶାନ୍ତି ଓ ଆରାମ ମିଳିଥାଏ କିନ୍ତୁ ଏହି ଦ୍ୱାର ମଧ୍ୟରେ ସମ୍ପୂର୍ଣ୍ଣରୂପେ ହାଲୁକା ହୋଇ ପ୍ରବେଶକରିବା ନିତ୍ୟାନ୍ତ ଆବଶ୍ୟକ । ଯଦି ମୁଣ୍ଡ ଉପରେ ବହୁତ ବଡ଼ ବୋଝ(ଗଣ୍ଠିଲି)ଥାଏ ତାହେଲେ ଏହା ବହୁତ କଷ୍ଟକର ବ୍ୟାପାର । ଯଦି ଏହି ମାର୍ଗଦେଇ ଯିବାକୁ ଚାହୁଁଅଛ ତାହେଲେ ସାଂସାରିକ ସମ୍ପର୍କ ଏବଂ ସଂସାରକୁ ଧର୍ମ ଉପରେ ଅଗ୍ରାଧିକାର ଦେବାର ଭାରକୁ ଫିଙ୍ଗିଦିଅ । ଯଦି ଆମ ଜମାଅତ୍ ଈଶ୍ୱରଙ୍କୁ ଖୁସି କରିବାକୁ ଚହୁଁଥାଏ ତାହେଲେ ଏହା ଆବଶ୍ୟକ ଯେ ସେ ଏହାକୁ ଫିଙ୍ଗିଦେଉ । ତୁମେ ଏକଥାକୁ ଭଲଭାବରେ ମନ ରଖ ଯେ ଯଦି ବିଶ୍ୱସ୍ତତା ଓ ଆନ୍ତରିକତା ନାହିଁ , ତେବେ ତୁମେମାନେ ମିଥ୍ୟାବାଦୀ ଭାବରେ ଅଭିହିତ ହେବ ଏବଂ ଅଲ୍ଲାଃତାଲାଙ୍କ ନିକଟରେ ସତ୍ୟବାଦୀ ବୋଲାଇପାରିବ ନାହିଁ । ଏପରି ପରିସ୍ଥିତିରେ ଶତୃମାନଙ୍କ ପୂର୍ବରୁ ସେ ଶେଷ ହୋଇଯିଗବ ଯିଏ ବିଶ୍ୱସ୍ତତାକୁ ପରିତ୍ୟାଗ କରି ବିଶ୍ୱସଘାତକତାକୁ ଗ୍ରହଣ କରିବ । ଈଶ୍ୱରଙ୍କୁ ଧୋକା ଦିଆଯାଇପାରିବ ନାହିଁ ଓ ନା ତହାଙ୍କୁ କିଏ ପ୍ରତାରଣା କରିପାରିବେ ନାହିଁ । ତେଣୁ ଜରୁରୀ ହେଉଛି ଏହା କି ତୁମେମାନେ ନିଜ ମଧ୍ୟରେ ସଚ୍ଚା ଆନ୍ତରିକତା ଏବଂ ସତ୍ୟନିଷ୍ଠା ସୃଷ୍ଟି କର । "**(ମଲଫୁଜାତ୍ ,ଖ-୦୩, ପୃ-୧୮୮-୧୯୦ ,ଏଡ଼ିଶନ୍ ୧୯୮୪)**

ଆପଣ ଆ ସ ଏହି କଥାର ସ୍ୱଷ୍ଟିକରଣରେ କହିଲେ ଯେ ଧୈର୍ଯ୍ୟ ତଥା ପ୍ରର୍ଥନା ଦ୍ୱାରା ପ୍ରକୃତ ଆନ୍ତରିକତା ମିଳୀଥାଏ । ତେଣୁ ଏହାକୁ ହାସଲ କରିବାକୁ ଚେଷ୍ଟା କର । ଏଥିପାଇଁ ପ୍ରଭୁଙ୍କ ଦ୍ୱାରରେ ଏକାଗ୍ରତାର ସହିତ ନତମସ୍ତକ ହୋଇ ରୁହ ଏବଂ ନିଜର ପ୍ରତ୍ୟେକ ଦିନକୁ ପ୍ରଭୁଙ୍କ ପ୍ରତି ବିଶ୍ୱସ୍ତତା ପ୍ରଦର୍ଶନ କରି ଏବଂ ସେଥିରେ ଉନ୍ନତି କରିବାକୁ ଚେଷ୍ଟା କର

ଏହା ହେଉଛି ଆମର କାର୍ଯ୍ୟପନ୍ଥା ଏବଂ କାଯ୍ୟଯୋଜନା । ନମାଜ ପଢିବା ପ୍ରତି ନିରନ୍ତର ଧ୍ୟାନ ଦେଇ ଖୁବ୍ ଭଲ ଭାବରେ ମନୋନିବେଶ କରି ଧ୍ୟାନ ପୂର୍ବକ ପାଠକରିବା, ପବିତ୍ର କୁରଆନକୁ ପଢିବା ଓ ବୁଝିବା , ଏକେଶ୍ୱରବାଦକୁ ପ୍ରତିଷ୍ଠା କରିବା । ଅସଲରେ ଜଣେ ପ୍ରକୃତ ମୋମିନର ପ୍ରତ୍ୟେକ କାମ ଏବଂ ପ୍ରତ୍ୟେକ ହରକତ୍ ହେଉଛି ଏକେଶ୍ୱବାଦକୁ ପ୍ରତିଷ୍ଠା କରିବା ଏବଂ ଏହା ହିଁ ହେବା ଉଚିତ୍ । ଏବଂ ଏହା ହିଁ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ମିଶନର ଉଦ୍ଦେଶ୍ୟ ଥିଲା ଏବଂ ଏହି କଥାକୁ ଆପଣ ଆ ସ ବାରମ୍ବାର ପ୍ରକାଶ କରିଛନ୍ତି । ତେଣୁ ଏହି କଥାକୁ ବୁଝିବା ଆବଶ୍ୟକ ଅନ୍ୟଥା କେବଳ ବୟତ କରିନେଲେ କିଛି ଲାଭ ନାହିଁ । ଏକଥାକୁ ବହୁତ ଖୋଲା ଖୋଲି ଭାବରେ ଅନେକ ସ୍ଥାନରେ ହଜରତ୍ ମସିହ୍ ମଉଦ୍ ଆ ସ କହିଛନ୍ତି । ଉଦାହରଣ ସ୍ୱରୂପ ଗୋଟିଏ ସ୍ଥାନରେ କହିଛନ୍ତି ଯେ "ଯିଏ ବୟତ ତଥା ଇମାନ ଆଣିଥିବାର ଦାବି କରୁଅଛି,ନିଜକୁ ନିଜେ ଅନୁଶୀଳନ କରି ଦେଖୁ ଯେ କ'ଣ ମୁଁ ଗୋଟିଏ ଚୋପା ନା ଗୋଟିଏ ମଗଜ ? ଯେପର୍ଯ୍ୟନ୍ତ ମଗଜ ସୃଷ୍ଟି ନ ହୋଇଛି ସେ ପର୍ଯ୍ୟନ୍ତ ଇମାନ୍ , ପ୍ରେମ , ଆଜ୍ଞାବହତା , ବୟତ୍ , ଅସ୍ଥା ଏବଂ ଶିଷ୍ୟତ୍ୱର ଦାବିକରୁଥିବା ବ୍ୟକ୍ତି ପ୍ରକୃତ ଦାବିଦାର ହୋଇପାରିବ ନାହିଁ । ମନେରଖ ! ଏହା ହେଉଛି ସତ୍ୟ କଥା । ଅନ୍ୟଥା ଏ ଯେଉଁ ଦାବି କରାଯାଉଛି ଯେ ଇମାନ ନେଇଆସିଛୁ , ଆମେ ପ୍ରେମ କରୁଛୁ ବା ଆମେ ଆଜ୍ଞାବହତା ସ୍ୱୀକାର କରୁଅଛୁ ବା ଆମେ ବୟତ କରିସାରିଛୁ ଇତ୍ୟାଦି ,ଏହି ସମସ୍ତ ଦାବି ସଚ୍ଚା ଦାବି ହେବନାହିଁ । ମନେରଖ ସତ୍ୟ କଥା ହେଉଛି ଏହା କି "ଅଲ୍ଲାଃତାଲାଙ୍କ ନିକଟରେ ମଗଜ ବ୍ୟତୀତ ଚୋପାର କୌଣସି ମୂଲ୍ୟ ନାହିଁ । ଏ କଥାକୁ ଖୁବ୍ ମନେରଖ ଯେ ଜଣା ନାହିଁ ମୃତ୍ୟୁ କେଉଁ ମୁହୂର୍ତରେ ଆମକୁ ଆସି କବଳିତ କରିନେବ । କାରଣ ତାହାର ଆସିବା ତ ସୁନିଶ୍ଚିତ । ସୁତରାଂ ଖାଲି ବଡ଼ ବଡ଼ କଥା କହି ନିଶ୍ଚିନ୍ତ ଓ ଖୁସି ହୋଇଯାଅ ନାହିଁ । କାରଣ ତାହା ଆଦୌ କୋଣସି ସୁଫଳ ପ୍ରଦାନ କରି ନଥାଏ । ଯେପର୍ଯ୍ୟନ୍ତ ମନୁଷ୍ୟ ନିଜ ଉପରେ ଅନେକଗୁଡ଼ିଏ ମୃତ୍ୟୁ କୁ ଆଚ୍ଛାଦିତ କରି ଗ୍ରହଣ କରିନାହିଁ ଏବଂ ଅନେକ ପରିବର୍ତନ ଓ ଅଭୂତପୂର୍ବ ପରିମାର୍ଜନ ମଧ ଦେଇ ଗତି କରି ନାହିଁ ସେପର୍ଯ୍ୟନ୍ତ ସେ ମାନବିକତାର ପ୍ରକୃତ ଉଦ୍ଦେଶ୍ୟକୁ ହାସଲ କରିପାରିବ ନାହିଁ ।**(ମଲଫୁଜାତ୍ ,ଖ-୦୨, ପୃ-୧୬୭,ଏଡ଼ିଶନ୍ ୧୯୮୪)**

ହଜୁର[ଅ.ସ] କୁହନ୍ତି; "ଏଦୁନିଆର ପରିସ୍ଥିତିକୁ ଦେଖ ଯେ ଆମ ନବି ସ ଆ ସ ନିଜ କର୍ମ ଦ୍ୱାରା ଏହା କରି ଦେଖାଇଦେଇଛନ୍ତି ଯେ ମୋର ମରିବା ଓ ବଂଚିବା ସବୁକିଛି ଅଲ୍ଲାଃତାଲାଙ୍କ ପାଇଁ ଅଟେ । କିନ୍ତୁ ଏବେ ଏ ଦୁନିଆରେ ବି ମୁସଲମାନ୍ ମାନେ ଅଛନ୍ତି । ଯଦି କାହାକୁ ପଚରାଯାଉଛି ଯେ କ'ଣ ତୁମେ ମୁସଲମାନ୍ ? କୁହନ୍ତି ଅଲହମଦୋଲିଲ୍ଲାଃ । ସେ ଯାହାର କଲିମାକୁ ପାଠକରୁଅଛି ,ତାହାଙ୍କ ଜୀବନର ସିଦ୍ଧାନ୍ତ ଓ ନୀତି ଖୁଦାତାଲାଙ୍କ ପାଇଁ ଥିଲା କିନ୍ତୁ ଇଏ (ଅର୍ଥାତ୍ ଏବେକାର ମୁସଲମାନ୍)ଏହି ସଂସାର ପାଇଁ ବଂଚୁଛି ଓ ଏ ଜଗତ ପାଇଁ ମରୁଛି ।" ଅର୍ଥାତ ସାଧାରଣ ମୁସଲମାନ୍ "ଏପରି ଅବସ୍ଥା ତାର ଶେଷ ନିଶ୍ୱାସ ଛାଡ଼ିବା ପର୍ଯ୍ୟନ୍ତ ଚାଲିଥାଏ । "ଯେତେବେଳେ ମୃତ୍ୟୁ ଆସି ପହଂଚିଯାଏ ସେତେବେଳେ ସେ ଅଲ୍ଲାଃଙ୍କୁ ସ୍ମରଣ କରିଥାଏ । "ଏ ସଂସାର ହିଁ ତାର ଉଦ୍ଦେଶ୍ୟ , ତାକୁ ପ୍ରୀୟ ଏବଂ ସେ ଏହାକୁ ହିଁ ଚାହିଁଥାଏ । ତାହେଲେ ପୁଣି ସେ କିପରି ଏହା କହିପାରିବ ଯେ ମୁଁ ରସୁଲୁଲ୍ଲାଃ ସ ଆ ସ ଙ୍କୁ ଅନୁସରଣ କରୁଅଛି ! ହଜୁର[ଅ.ସ] କୁହନ୍ତି; ଏହା ଅତି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏହାକୁ କଦାପି ଏକ ସାଧାରଣ କଥା ମନେକରିବା ଉଚିତ୍ ନୁହେଁ । ମୁସଲମାନ ହେବା ସହଜ ନୁହେଁ । ଯେପର୍ଯ୍ୟନ୍ତ ଜଣେ ରସୁଲୁଲ୍ଲାଃ ସ ଆ ସ ଙ୍କୁ ଅନୁସରଣ ନକରିଛି ଏବଂ ଇସଲାମର ନମୁନା ନିଜ ମଧ୍ୟରେ ସୃଷ୍ଟି ନକରିଛି ସେପର୍ଯ୍ୟନ୍ତ ସେ ଶନ୍ତିରେ ନବସୁ । ଯଦି ଏପରି ଅନୁସରଣ ନକରୁଛନ୍ତି ତାହେଲେ କେବଳ ମୁସଲମାନ ବୋଲାଇବା କେବଳ ଏକ ଚୋପା (ଅର୍ଥାତ୍ ଖୋଳପା) ହେବ । ନାମ ଏବଂ ଖୋଳପାରେ ସନ୍ତୁଷ୍ଟ ହୋଇଯିବା ଜଣେ ବୁଦ୍ଧିମାନ ବ୍ୟକ୍ତିର କାମ ନୁହେଁ ।"ଏଠାରେ ଗୋଟିଏ ଉଦାହରଣ ଦେଇ କହିଛନ୍ତି ଯେ "ଜଣେ ଇହୁଦୀକୁ ଜଣେ ମୁସଲମାନ୍ କହିଲା ଯେ ତୁମେ ମୁସଲମାନ୍ ହୋଇଯାଅ । ସେ କହିଲା ତୁମେ କେବଳ ନାଁ ରେ ହିଁ ଖୁସି ହୋଇଯାଅନାହିଁ । ମୁଁ ବି ମୋ ପୁଅର ନାମ ଖାଲିଦ ରଖିଥିଲି କିନ୍ତୁ ସଂନ୍ଧ୍ୟା ହେବା ପୂର୍ବରୁ ହିଁ ମୁଁ ତାକୁ ଦଫନ କରି ମାଟିରେ ପୋତି ଆସିଲି ।" ଅର୍ଥାତ ଖାଲଦର ଅର୍ଥ ହେଉଛି ଏପରି ଲୋକ ଯିଏ ସବୁଦିନ ପାଇଁ ବଂଚିକି ରହିଥାଏ । କିନ୍ତୁ ସେ ଦୀର୍ଘ ଜୀବନ ପାଇଲା ନାହିଁ ।

"ଅତେବ୍ ସତ୍ୟକୁ ହିଁ ଚାହଁ । ଖାଲି ନାମ ରଖିଦେଇ ଖୁସି ହୋଇଯାଅ ନାହିଁ । ଏହା କିଭଳି ଲଜ୍ଜାଜନକ କଥା ଯେ ମଣିଷ ସର୍ବଶ୍ରେଷ୍ଠ ନବୀଙ୍କ ସମ୍ପ୍ରଦାୟର ହୋଇଥିବାର ଦାବି କରି ବି ଅମାନ୍ୟକାରୀଙ୍କ ପରି ଜୀବନ ଅତିବାହିତ କରିବା । ତୁମେ ନିଜ ଜୀବନ ରେ ମୁହମ୍ମଦ ସ ଆ ସ ଙ୍କ ନମୁନା ଦେଖାଅ । ସେହି ସମାନ ଅବସ୍ଥା ସୃଷ୍ଟି କର । ପୁଣି ଦେଖ ଯଦି ସେହି ଅବସ୍ଥା ସୃଷ୍ଟି ହେଉନାହିଁ ତାହେଲେ ତୁମେମାନେ ତାଗୁତର ଅନୁଗାମୀ ।" ତୁମେ ଶୟତାନର ଅନୁଗାମୀ ହୋଇଯିବା ଏବଂ ତାକୁ ଅନୁସରଣ କରିବା ହେଉଛି ବହୁତ ବଡ଼ ଚେତାବନୀ । ଯେହୋଇଯିବା । ତେବେ ଏବେ ଏକଥା ଖୁବ୍ ଭଲ ଭାବରେ ବୁଝି ପାରୁଥିବ ଯେ ଅଲ୍ଲାଃତାଲାଙ୍କର ପ୍ରିୟ ପାତ୍ର ହେବା ହେଉଛି ମନୁଷ୍ୟ ଜୀବନର ମୂଖ୍ୟ ଉଦ୍ଦେଶ୍ୟ । କାରଣ ଯେପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କର ପ୍ରିୟ ପାତ୍ର ହୋଇ ନାହଁ, ଏବଂ ତାହାଙ୍କ ଭଲ ପାଇବା ପ୍ରାପ୍ତ ହୋଇ ନାହଁ ,ସେପର୍ଯ୍ୟନ୍ତ ତୁମ ଜୀବନ ସାର୍ଥକ ହେବ ନାହିଁ । ଏବଂଏକଥା ସେପର୍ଯ୍ୟନ୍ତ ସୃଷ୍ଟି ହୋଇପାରିବ ନାହିଁ ଯେପର୍ଯ୍ୟନ୍ତ ହଜରତ ମୁହମ୍ମଦ[ସ.ଅ] ଙ୍କୁ ସତ୍ ଅନୁସରଣ ଓ ସତ୍ ଆଜ୍ଞାବହତା ସ୍ୱୀକାର ନକରିଛ । ଏବଂ ହଜରତ ମୁହମ୍ମଦ[ସ.ଅ.ସ] ନିଜର କର୍ମ ଦ୍ୱାରା ଏହା କରିଦେଖାଇଦେଲେ ଯେ ଇସଲାମ କି ପ୍ରକରର ଜିନିଷ ? ସୁତରାଂ ତୁମେମାନେ ସେହି ଇସଲାମକୁ ନିଜ ଭିତରେ ସୃଷ୍ଟି କରିଦେଖାଓ ଯଦ୍ୱାରା ତୁମେ ଈଶ୍ୱରଙ୍କ ପ୍ରିୟପାତ୍ର ହୋଇଯିବ ।" **(ମଲଫୁଜାତ୍ ,ଖ-୦୨, ପୃ-୧୮୭-୧୮୮,ଏଡ଼ିଶନ୍ ୧୯୮୪)**

ହଜୁର[ଅ.ସ] କୁହନ୍ତି; ଏକଥାକୁ ମନେରଖ ଯେ ଆମ ଜମାଅତ୍ ଏହି କଥା ପାଇଁ ସୃଷ୍ଟି ହୋଇନାହିଁ ଯେ ଯେମିତି ସାଧାରଣ ସାଂସାରିକ ଲୋକେ ଜୀବନ ଅତିବାହିତ କରୁଛନ୍ତି । କେବଳ ମୁଁହରେ କହିଦେବା ଯେ ଆମେ ଏହି ସମ୍ପ୍ରଦାୟରେ ସାମିଲ ଅଛୁ ,କିନ୍ତୁ କର୍ମ କରିବାର ଆବଶ୍ୟକତାକୁ ହିଁ ବୁଝିନାହାନ୍ତି । ଯେମିତି ଦୁର୍ଭାଗ୍ୟବଶତଃ ମୁସଲମାନମାନଙ୍କର ଏ ଅବସ୍ଥା ହୋଇଯାଇଅଛି ଯେ ଯଦି ସେମାନଙ୍କୁ ପଚରାଯାଏ ଯେ କ'ଣ ତୁମେ ମୁସଲମାନ ? କୁହନ୍ତି ଶୁକର୍ ଅଲହମଦୋଲିଲ୍ଲାଃ । କିନ୍ତୁ ନମାଜ ପଢନ୍ତି ନାହିଁ କି ଅଲ୍ଲାଃଙ୍କ ପ୍ରତୀକଗୁଡ଼ିକୁ ସମ୍ମାନ ପ୍ରଦର୍ଶନ କରନ୍ତି ନାହିଁ । ତେଣୁ ମୁଁ ଏହା ଚାହୁଁ ନାହିଁ ଯେ ତୁମେମାନେ କେବଳ ମୁହଁରେ କହୁଥାଅ କିନ୍ତୁ କର୍ମରେ କରି କିଛି ଦେଖାଅ ନାହିଁ । ଏମିତି ଅବସ୍ଥା ବହୁତ ଦୟନୀୟ ଅବସ୍ଥା ଅଟେ । ଅଲ୍ଲାଃତାଲା ଏହାକୁ ପସନ୍ଦ କରନ୍ତି ନାହିଁ । ଏ ଜଗତର ପରିସ୍ଥିତି ଏହା ଆବଶ୍ୟକ କଲା ଯେ ଅଲ୍ଲାଃତାଲା ମତେ ଏହାକୁ ସୁଧାରିବା ପାଇଁ ଛିଡ଼ାକରାଇଦେଲେ । ତେଣୁ ଏବେ ଯଦି କିଏ ମୋ ସହିତ ସମ୍ପର୍କ ସ୍ଥାପନ କରି ବି ନିଜ ଅବସ୍ଥକୁ ସୁଧାରୁ ନାହିଁ ଏବଂ ନିଜ ବ୍ୟବହାରିକ ଅବସ୍ଥାରେ ଉନ୍ନତି ଆଣୁନାହିଁ ବରଂ ନିଜ ମୌଖିକ ସ୍ୱୀକାରୋକ୍ତିକୁ ଯଥେଷ୍ଟ ମଣୁଅଛି ,ତାହେଲେ ସେ ତା ନିଜ କର୍ମଦ୍ୱାରା ମୋ ଉପସ୍ଥିତିର ଆବଶ୍ୟକତା ଉପରେ ଜୋର୍ ଦେଉନାହିଁ ।"

ସେ ନିଜ କର୍ମଦ୍ୱାରା ଏହା କହିଦେଉଛି

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ.....*

| ହଜରତ୍ ଅମୀରୁଲ୍ ମୁମିନିନ୍ଙ୍କ | ''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । '' |
|---|---|

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan